"ବଢ଼ି ଓ ମରୁଡ଼ି ଓଡ଼ିଶାର ଚିର ଶତ୍ରୁ ।"—ଗୋପ

"ଶହ ଶହ ବର୍ଷ ଧରି ଓଡ଼ିଶାକୁ ବଢ଼ି ଓ ମରୁଡ଼ି
କଳ ଦୁଇଟି ପ୍ରେତ ଗ୍ରାସ କରିଆସିଛନ୍ତି ।"—ଡ: ଖୋ



# ଉତ୍କଳ ପ୍ରସଙ୍ଗ

ଜୁଲାଇ, ୧୯୭୩

ଉତ୍କଳମଣି ଗୋପବ





## ପୁରୀରେ ଯାତ୍ରୀମାନଙ୍କ ସ୍ୱାଚ୍ଛନ୍ଦ୍ୟ ପା

## ନବନିର୍ମିତ ଷ୍ଟେସନ ପ୍ରାସାଦ

ପୁରୀକୁ କ୍ରମବର୍ଦ୍ଧମାନ ଯାତ୍ରୀ ସମାବେଶକୁ ଦୃଷ୍ଟିରେ ରଖି ୧୯୬୨ ଜୁନ ମାସରେ ଏକ ପ୍ରଶସ୍ତ ନୂଆ ଷ୍ଟେ ପ୍ରାସାଦ ନିର୍ମାଣ ପାଇଁ ସ୍ଥିର କରାଯାଇ ବର୍ଷ ସେପ୍ଟେମ୍ବରରେ ଆରମ୍ଭ କରାଗଲା ଏବଂ ୩,୭୦ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରାସାଦଟି ରାଜ୍ୟ ସରକାର ଠିକାଦାରମାନଙ୍କ ସହଯୋଗି ଛଅ ମାସରୁ କମ୍ ସମୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।

ନବପ୍ରାସାଦଟିର ନିର୍ମାଣରେ ୪ ଇଟା, ୩,୦୦୦ ବ୍ୟାଗ୍ ସିମେଣ୍ଟ, ୨ ଘନଫୁଟ ପ୍ରସ୍ତରଖଣ୍ଡ, ଲୁହା ଓ ଇସ୍ପାତ୍ ଏବଂ କ୍ୟୁବିକ-ଫୁଟ କାଠ ଆବଶ୍ୟକ ହୋଇଥିଲା ଓ ଖର୍ଚ୍ଚ ହ୍ରାସ ଦିଗରେ ଲକ୍ଷ୍ୟ ରଖି ଯଥାସମ୍ଭବ ପୁରାତନ ପ୍ରାସାଦରୁ ସଂଗୃହୀତ ଦ୍ରବ୍ୟାଦିର ବ୍ୟବହାର କରାଯାଇଥି

### ଟିକେଟ ଘର, ସ୍ଥାନ ସଂରକ୍ଷଣ ଏବଂ ଅନୁସନ୍ଧାନ ଓ ପ୍ରତିରକ୍ଷାଗାର ଅଫିସ

ସହରରୁ ଷ୍ଟେସନକୁ ପ୍ରବେଶ କଲାବେଳେ ସଙ୍ଗମସ୍ଥଳର ବାମ ଦିଗରେ ଉଚ୍ଚ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ଟିକେଟ ଘର, ସ୍ଥାନ ସଂରକ୍ଷଣ ଓ ଅନୁସନ୍ଧାନ ଅଫିସ ଅଛି । ପୁରାତନ ପ୍ରାସାଦରେ ଟିକେଟ ଘର, ସ୍ଥାନ ସଂରକ୍ଷଣ ଓ ଅନୁସନ୍ଧାନ ଅଫିସ ଗୋଟିଏ ସମ କୋଠରୀରେ ଥିଲା; ମାତ୍ର ନବପ୍ରାସାଦରେ ଅନୁସନ୍ଧାନ ଅଫିସକୁ ପୃଥକ୍ କରାଯାଇ ଥିବାରୁ ଅଫିସଗୁଡ଼ିକ ଅଧିକ ପ୍ରଶସ୍ତ ହୋଇପାରିଛି ।



ସହରରୁ ଷ୍ଟେସନକୁ ପ୍ରବେଶ କଲାବେଳେ ସଙ୍ଗମସ୍ଥଳର ଦକ୍ଷିଣରେ ବହି ଦୋକାନ ଅବସ୍ଥିତ ।

ନବପ୍ରାସାଦରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପୁରୁଷ ଓ ମହିଳା ଯାତ୍ରୀମାନଙ୍କ ପାଇଁ ପ୍ରଶସ୍ତ ପୃଥକ୍ ପୃଥକ୍ ପ୍ରତୀକ୍ଷା-ଗୃହ ଜନସାଧାରଣଙ୍କ ପାଇଁ ବିଶ୍ରାମାଗାର ଏବଂ ପର୍ଯ୍ୟବେକ୍ଷକ ଅଫିସର ଓ କର୍ମୀମାନଙ୍କ ପାଇଁ ବିଶ୍ରାମଗୃହ ରହିଛି । ପ୍ରାସାଦ ବାହାର ଦିଗରେ ତୃତୀୟ ଶ୍ରେଣୀରେ ଭ୍ରମଣ କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ପ୍ରଶସ୍ତ ପ୍ରତୀକ୍ଷା ହଲ୍ ଅବସ୍ଥିତ । ଏହି କୋଠରୀଗୁଡ଼ିକ ସମ୍ମୁଖରେ ଥିବା ୧୪୦ ଫୁଟ ଲମ୍ବ, ୧୫ ଫୁଟ ଓସାର ପ୍ରଶସ୍ତ ଖୋଲା ବାରଣ୍ଡାରୁ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଦୃଶ୍ୟ ଉପଭୋଗ କରାଯାଇପାରେ ।

← ୧୯୬୩ ଫେବୃୟାରୀ ୨୭ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ଷ୍ଟେସନ ଭବନର ଆନୁଷ୍ଠାନିକ ଉଦ୍ଘାଟନ



ଏବେ ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ନେହରୁ ୨ ଦିନ ପାଇଁ ତେଜପୁର ଗସ୍ତରେ ଯାଇ ପ୍ରବଳ ବୃଷ୍ଟି ସତ୍ତ୍ୱେ ଯବାନମାନଙ୍କୁ ଭେଟିଥିଲେ ।

ଚିତ୍ରରେ—ପ୍ରଧାନମନ୍ତ୍ରୀ ନେହରୁ ସେନାବାହିନୀର ସେନାପତି ଲେଫ୍‌ଟେନାଣ୍ଟ ଜେନେରାଲ୍ ମାନେକସାଙ୍କ ସଙ୍ଗେ ବୁଲି ଏକ ସାଞ୍ଜୁଆ ବାହିନୀ ପରିଦର୍ଶନ କରୁଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ →



ଏବେ କେତେ ଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବାରିପଦା ଗସ୍ତରେ ଯାଇଥିବା ବେଳେ ତାଙ୍କ ମନୋରଞ୍ଜନ ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଓଡ଼ିଶା ଫାଇନାନ୍ସ ସର୍ଭିସର ଅନ୍ୟତମ କର୍ମଚାରୀ ଶ୍ରୀ ଏନ୍. ଆର୍. ବକ୍ସିଦାରଙ୍କ କନ୍ୟା କୁମାରୀ ପ୍ରଭା ବକ୍ସିଦାର ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ ।

ଚିତ୍ରରେ—କୁମାରୀ ବକ୍ସିଦାରଙ୍କ ଓଡ଼ିଶୀ ନୃତ୍ୟ



ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ସେଠିକାର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମି: ଅଲି ତାହାଙ୍କୁ ବୁଲାଇ ବଲଙ୍ଗ ପୋଲର କାର୍ଯ୍ୟ ସମ୍ପର୍କୀୟ ସମସ୍ତ ବିଷୟ ଦେଖାଇଥିଲେ—
ଚିତ୍ରରେ—ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ତାହାଙ୍କ ବାମରେ ଇନ୍ଦ୍ରନୟର କଣ୍ଟ୍ରାକ୍ଟର ଶ୍ରୀ ଭି.ଏମ୍. ପଟେଲ ଇତ୍ୟାଦି

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟକୁ ସଂକ୍ଷିପ୍ତ ଆକାରରେ ବି ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେ ଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ତଥ୍ୟାଦି ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ
ଅସ୍ଥାୟୀ ସଂପାଦକ—ଶ୍ରୀ ମାୟାଧର ମିଶ୍ର,
ଆଡ଼ିସନାଲ ପ୍ରଡ଼କ୍ସନ୍ ଅଫିସର
ମୂଲ୍ୟ—ବାର୍ଷିକ ଟ୨.୦୦, ପ୍ରତିସଂଖ୍ୟା ଟ୦.୨
ପ୍ରକାଶକ—ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି ଟେଲିଫୋନ୍—ପି. ବି. ଏକ୍ସ,
ସେକ୍ରେଟେରିଏଟ୍ ୧୯ ଓ ୨, ଭୁବନେଶ୍ୱର

## ଏ ସଂଖ୍ୟାରେ ଅଛି—


୧ । ଓଡ଼ିଶାର ଭାଗ୍ୟଗଠନର ଦଶାବ୍ଦୀ ୧
୨ । ଚୀନା ଅପପ୍ରଚାରର ନମୁନା ୧୫
୩ । ଭକ୍ତ-କବାଞ୍ଜଳି ... ୧୭
୪ । ଲେମ୍ବୁ-ଘାସ-ତେଲ ... ୧୯
୫ । କଦଳୀ-ଚାଷ ... ୨୨
୬ । ବିଦ୍ୟାଳୟଗାମୀ ଭାରତ ... ୨୫
୭ । ମାଛ ଆମର ଶତ୍ରୁ ... ୩୧
୮ । ମଧୁବାଟିକା ... ୩୩
୯ । ଯୋଜନା ଓ ପ୍ରୟୋଜନ ... ୩୪
୧୦ । ପଲ୍ଲୀ-ସ୍ୱେଚ୍ଛାସେବୀ ବାହିନୀ ... ୩୯
୧୧ । ଘଟଣାପଞ୍ଜି ... ୪୩


### ଏ ସଂଖ୍ୟାର ମଲାଟ

ଓଡ଼ିଶା ବିଧାନସଭାର ଭିତରପଟ ପ୍ରବେଶ ପଥରେ ଅବସ୍ଥାପିତ ବ୍ରୋଞ୍ଜନିର୍ମିତ ଗୋପବନ୍ଧୁ ମୂର୍ତ୍ତି । ଗତ ଜୁନ୍ ୨୧ରେ ତାଙ୍କର ଶ୍ରାଦ୍ଧ ଉପଲକ୍ଷେ 'ଉତ୍କଳ ପ୍ରସଙ୍ଗ' ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

# ଓଡ଼ିଶାରେ ବନ-ମହୋତ୍ସବର ଶୁଭାରମ୍ଭ



ପୂର୍ବ ବର୍ଷମାନଙ୍କ ପରି ଏ ବର୍ଷ ଓଡ଼ିଶାରେ ସବଂଶ ଜୁଲାଇ ପହିଲାଠାରୁ ୭ ତାରିଖ ପର୍ଯ୍ୟନ୍ତ ବନ-ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ଉତ୍ସବର ପ୍ରଥମ ଦିନ ସକାଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଭୁବନେଶ୍ୱର ନିକଟସ୍ଥ ମୁଖ୍ୟ ସେବିକା ତାଲିମ କେନ୍ଦ୍ରରେ ଗୋଟିଏ ଗଛ ଲଗାଇ ମହୋତ୍ସବର ଶୁଭ ଦେଇଥିଲେ ।

ଚିତ୍ରରେ—ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ

[ ଏ ସଂପର୍କରେ କେତୋଟି ପ୍ରବନ୍ଧ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ—ସଂ ]



ଭୁବନେଶ୍ୱର ସେକ୍ରେଟେରିଏଟ୍‌ସ୍ଥ ସମ୍ମିଳନୀ କକ୍ଷରେ ଡଃ ଖୋସଲା ମନ୍ତ୍ରୀମଣ୍ଡଳର ସଭ୍ୟବର୍ଗ ଓ ସରକାରୀ ଅଫିସରମାନଙ୍କୁ ନଦୀ ବନ୍ଧ ଯୋଜନାର ସ୍ପଷ୍ଟ ଧାରଣା ଦେଉଛନ୍ତି

# ନଦୀ-ଅବବାହିକାଗୁଡ଼ିକର ସମ୍ମିଳିତ ବିକାଶ ଯୋଜନା

ଗତ ଜୁନ୍ ମାସ ୨୭ ତାରିଖରେ ଓଡ଼ିଶାର ରାଜ୍ୟପାଳ ଡାଃ ଅଯୋଧ୍ୟାନାଥ ଖୋସଲା, ଭୁବନେଶ୍ୱର ସେକ୍ରେଟେରିଏଟ୍‌ସ୍ଥ ସମ୍ମିଳନୀ କକ୍ଷରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ଓଡ଼ିଶାର ଭାବୀ ସମୃଦ୍ଧିର ଏକ ବିଶଦ ଚିତ୍ର ଉପସ୍ଥାପିତ କରିଥିଲେ । ଟିକରପଡ଼ା-ଗଣିଆ ବନ୍ଧ ଓ ତାଳଚେର ତାପବିଦ୍ୟୁତ୍ ଯୋଜନା କାର୍ଯ୍ୟକାରୀ କରାଗଲେ ଆସନ୍ତା ୧୦ ବର୍ଷ ଭିତରେ ଓଡ଼ିଶା କିପରି ସମୃଦ୍ଧିର ଉଚ୍ଚତମ ଶିଖରରେ ଆରୂଢ଼ ହେବ, ତାହା ସେ ବିଭିନ୍ନ ହିସାବ ଓ ମାନଚିତ୍ର ସାହାଯ୍ୟରେ ପ୍ରାଞ୍ଜଳଭାବେ ବୁଝାଇ ଦେଇଥିଲେ । ତାଙ୍କ ଯୋଜନାର ପୂର୍ବସୂତ୍ର ବିବରଣ ପତ୍ରପତ୍ରିକାମାନଙ୍କରେ ଦିଆଗଲା । ୧୯୬୩ ମେ ୧୯ ତାରିଖରେ ବାଙ୍ଗାଲୋରଠାରେ ଭାରତୀୟ ଇଞ୍ଜିନିୟର ଅନୁଷ୍ଠାନର ୪୩ତମ ବାର୍ଷିକ ସମ୍ମିଳନୀରେ ଡଃ ଖୋସଲା ଯେଉଁ ଅଭିଭାଷଣ ଦେଇଥିଲେ, ଏହା ତା'ର ସାରାଂଶ ମାତ୍ର ।

—ସଂପାଦକ

# ଓଡ଼ିଶା ଓ ତାର ସମସ୍ୟା

ସବୁ ଅନଗ୍ରସର ରାଜ୍ୟରେ ଦେଖାଯାଏ ଗୋଟିଏ ପରସ୍ପର ବିରୋଧାତ୍ମକ ପରିସ୍ଥିତି—ସମ୍ଭାବ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ । ଓଡ଼ିଶାରେ ଏହି ପରିସ୍ଥିତି ବିଶେଷଭାବେ ପରିଲକ୍ଷିତ ହୁଏ । ଓଡ଼ିଶାରେ ଅସୁମାରି ପ୍ରାକୃତିକ ସମ୍ପଦ ରହିଛି; ଯଥା:—ଜମି, ଜଙ୍ଗଲ, ଜଳ, ଖଣିଜଦ୍ରବ୍ୟ, ସୁଦୀର୍ଘ ଉପକୂଳରେଖା ଓ ୧୭.୫୭ ନିୟୁତ ଜନବଳ । ଅଥଚ ଭାରତରେ ଏହା ହିଁ ଦରିଦ୍ରତମ ଓ ସର୍ବାଧିକ ଅନଗ୍ରସର ରାଜ୍ୟ । ତେଣୁ ଏସବୁ ବିପୁଳ ପ୍ରାକୃତିକ ସମ୍ପଦକୁ ଖଟାଇ ଓଡ଼ିଶା ରାଜ୍ୟର ଦାରିଦ୍ର୍ୟକୁ ପ୍ରାଚୁର୍ଯ୍ୟରେ ରୂପାନ୍ତରିତ କରିବା ନିମନ୍ତେ ଯେକୌଣସି ଉନ୍ନୟନ ଯୋଜନା କରାଗଲେ, ତାହା ଭାରତର ତଥା ପୃଥିବୀର ଅନ୍ୟାନ୍ୟ ସେହି ଅବସ୍ଥାରେ ରହିଥିବା ଅନ୍ୟ ସବୁ ଅଞ୍ଚଳପ୍ରତି ଆଦର୍ଶ ହୋଇ ରହିପାରେ ।

## ବନ୍ୟା ଓ ମରୁଡ଼ି

ଶହ ଶହ ବର୍ଷ ଧରି ଓଡ଼ିଶାକୁ ବଢ଼ି ଓ ମରୁଡ଼ି ଭଳି ଦୁଇଟି ପ୍ରେତ ଗ୍ରାସ କରି ଆସିଛନ୍ତି । ସେଥିମଧ୍ୟରୁ ମରୁଡ଼ି ହୋଇଛି ସବୁଠାରୁ ଭୟଙ୍କର । ବର୍ଷ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ଓ ବିଭିନ୍ନ ମାସରେ ହେଉଥିବା ବୃଷ୍ଟିପାତର ପରିମାଣ ଏ ନଦୀମାନଙ୍କରେ ତଜ୍ଜନିତ ଜଳପ୍ରବାହରେ ବିଶେଷ ତାରତମ୍ୟ ରହିଛି । ବର୍ଷା ଋତୁରେ ଅତ୍ୟଧିକ ଜଳ ଓ ବର୍ଷର ଶୁଷ୍କ ଋତୁରେ ଖୁବ୍ କମ୍ ଜଳ ବୃଷ୍ଟି ହେଉଥିବା ଫଳରେ ଓଡ଼ିଶାରେ ବାରମ୍ବାର ବନ୍ୟା ଓ ଅନାହାର, ଦୁଃଖ ଓ ମରୁଡ଼ିଜନିତ ରୋଗର ତାଣ୍ଡବ ଲାଗିରହିଛି । ୧୪ଶ, ୧୫ଶ ଓ ୧୬ଶ ଶତାବ୍ଦୀରେ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । ୧୭୭୦ର ଅବିସ୍ମରଣୀୟ ଦୁର୍ଭିକ୍ଷରେ ଲୋକେ ଶହ ଶହ, ହଜାର ହଜାର ସଂଖ୍ୟାରେ ମରିଯାଇଥିବାର ରିପୋର୍ଟ ରହିଛି । ତାର ପ୍ରାୟ ୧୦୦ ବର୍ଷ ପରେ ଓଡ଼ିଶାରେ ୧୮୬୫-୬୬ର ନଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା । ୧୮୬୫ରେ ବୃଷ୍ଟିପାତ ଖୁବ୍ କମ୍ ହୋଇ ଅସମୟରେ ବନ୍ଦ ହୋଇଗଲା । ଖାଦ୍ୟ ଫସଲ ମୋଟେ ହେଲା ନାହିଁ । ଅନୁମାନ କରାଯାଇଛି ଯେ ଏହା ଯୋଗେ ଏକା କଟକ ଜିଲ୍ଲାରେ ୧୦ ଲକ୍ଷ ଲୋକ ମରିଯାଇଥିଲେ । ପୁରୀ ଜିଲ୍ଲାରେ ଶତକଡ଼ା ୪୦ ଭାଗ ଲୋକ ମରିଗଲେ । ତାପରେ ଆସିଲା ୧୮୬୬ର ବନ୍ୟା । ବହୁତ ଫସଲ ଓ ସମ୍ପତ୍ତି ନଷ୍ଟ ହୋଇଗଲା ଏବଂ ମରୁଡ଼ି ଗ୍ରାସରୁ ଯେତିକ ବଞ୍ଚିଯାଇଥିଲେ, ସେତିକ ବ୍ୟାପକ ବନ୍ୟାଜଳରେ ବୁଡ଼ିଗଲେ ।

ମାତ୍ର ଦୁଇ ବର୍ଷ ଆଗେ ୧୯୭୧ ମସିହାରେ ୩୭୦୦ ବର୍ଗମାଇଲ ଅଞ୍ଚଳରେ ଭୀଷଣ ବନ୍ୟା-ପ୍ରକୋପ ଦେଖାଦେଇଥିଲା । ୭,୫୦,୦୦୦ ଏକର ଜମିର ଫସଲ ମାଡ଼ି ଖାଇଗଲା ଓ ୧୯ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏହା ରିଲିଫ୍ କାମରେ ସେ ବର୍ଷ ୫·୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

ବର୍ଷା ନ ହେବା ଯୋଗୁଁ ୧୯୭୨ରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଭୀଷଣ ମରୁଡ଼ି ଅବସ୍ଥା ସୃଷ୍ଟିଥିଲା । ରାଜ୍ୟରେ ମୋଟ ଚାଷ ଜମିର ଶତକଡ଼ା ୭୫ ଭାଗ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଖରିଫ୍ ଫସଲ ଯେତିକି ନଷ୍ଟ ହୋଇଗଲା, ତାର ମୂଲ୍ୟ ୭୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅଟକଳ କରାଯାଇଛି ।

ତେଣୁ ଓଡ଼ିଶାର ଦୁଇଟି ମୌଳିକ ଆବଶ୍ୟକତା ହେଲା—ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ।

## ଓଡ଼ିଶା—
## ସାଧାରଣ ଓ ପ୍ରାକୃତିକ ଗଠନ

ଓଡ଼ିଶା ରାଜ୍ୟ ଭାରତୀୟ ଉପଦ୍ୱୀପର ଉତ୍ତର-ପୂର୍ବ ଭାଗରେ ଅବସ୍ଥିତ ଏବଂ ଏହାର ଆୟତନ

୬୦,୧୩୬ ବର୍ଗମାଇଲ । ଏହା ଏକ ସମୁଦ୍ର-ଉପକୂଳବର୍ତ୍ତୀ ରାଜ୍ୟ । ବଙ୍ଗୋପସାଗରର ପାଖେ ପାଖେ ଏହାର ୨୫୦ ମାଇଲ ଲମ୍ବ ଉପକୂଳରେଖା ଅଛି । ଉତ୍ତର-ପୂର୍ବରେ ପଶ୍ଚିମ-ବଙ୍ଗ, ଉତ୍ତରରେ ବିହାର, ପଶ୍ଚିମରେ ମଧ୍ୟପ୍ରଦେଶ ଓ ଦକ୍ଷିଣରେ ଆନ୍ଧ୍ର ପ୍ରଦେଶର ସୀମାରେଖା ସହିତ ଏହାର ସୀମାରେଖା ମିଶିରହିଛି । ଏହାକୁ ପ୍ରଧାନତଃ ୪ ଗୋଟି ପ୍ରାକୃତିକ ଅଞ୍ଚଳରେ ବିଭକ୍ତ କରାଯାଇପାରେ—ଉତ୍ତରସ୍ଥ ମାଳଭୂମି, କେନ୍ଦ୍ରସ୍ଥ ଉଚ୍ଚଭୂମି, ପୂର୍ବଘାଟ ପର୍ବତମାଳା ଓ ଉପକୂଳବର୍ତ୍ତୀ ସମତଳ ଭୂମି ।

## ଜଳବାୟୁ

ଏହାର ହାରାହାରି ସର୍ବାଧିକ ତାପ ୯୧ ଡିଗ୍ରୀ ଫାରେନହାଇଟ୍ (୩୩ ଡିଗ୍ରୀ ସେଣ୍ଟିଗ୍ରେଡ୍) । ଅପ୍ରେଲ ଓ ମେ ମାସରେ ଏହା ପ୍ରାୟ ୧୦୧ ଡିଗ୍ରୀ ଫାରେନହାଇଟ୍‌କୁ ବୃଦ୍ଧି ପାଏ ଓ ଜାନୁଆରୀ ମାସରେ ୮୦ ଡିଗ୍ରୀ ଫାରେନହାଇଟ୍‌କୁ କମିଆସେ । ଏଠାରେ ହାରାହାରି ନ୍ୟୂନତମ ତାପ ୭୦ଡିଗ୍ରୀ ଫାରେନହାଇଟ୍ (୨୧ ଡିଗ୍ରୀ ସେଣ୍ଟିଗ୍ରେଡ୍) ଓ ହାରାହାରି ବୃଷ୍ଟି ପରିମାଣ ୫୯ଇଞ୍ଚ । ପ୍ରଧାନତଃ ଦକ୍ଷିଣ-ପୂର୍ବ ମୌସୁମୀବାୟୁର ବଙ୍ଗୋପସାଗରସ୍ଥ ଶାଖାରୁ ଏହି ବୃଷ୍ଟିର ଶତକଡ଼ା ୮୧ ଭାଗ ଜୁନ୍-ସେପ୍ଟେମ୍ବର ମଧ୍ୟରେ ହୋଇଥାଏ ।

## ଲୋକସଂଖ୍ୟା

୧୯୬୧ର ଜନଗଣନା ଅନୁସାରେ ଓଡ଼ିଶାର ଲୋକସଂଖ୍ୟା ୧୭.୫୫ ନିୟୁତ ଓ ବର୍ଗମାଇଲ ପିଛା ଲୋକସଂଖ୍ୟା ୨୯୨ । ୧୯୫୧ରୁ ୬୧ ପର୍ଯ୍ୟନ୍ତ ଦଶନ୍ଧି ମଧ୍ୟରେ ମୋଟ୍ ଲୋକସଂଖ୍ୟା ବର୍ଷକୁ ଶତକଡ଼ା ୧.୯୯ ହିସାବରେ ବୃଦ୍ଧି ପାଇଛି । ଉପକୂଳବର୍ତ୍ତୀ କଟକ ଜିଲ୍ଲାରେ ଲୋକସଂଖ୍ୟାର ସାନ୍ଦ୍ରତା ସର୍ବାଧିକ—ବର୍ଗମାଇଲ ପିଛା ୭୦୦ରୁ ଅଧିକ । ଆଦିବାସୀ, ତଫସିଲଭୁକ୍ତ ଜାତି ଓ ଅନ୍ୟାନ୍ୟ ଅନୁନ୍ନତ ଜାତି ହେଉଛନ୍ତି ରାଜ୍ୟ-ଲୋକସଂଖ୍ୟାର ଶତକଡ଼ା ୬୨ ଭାଗ—କେବଳ ଆଦିବାସୀ ହେଉଛନ୍ତି ଶତକଡ଼ା ୨୪ ଭାଗ ।

## ଜୀବନଧାରଣର ମାନ

୧୯୭୦-୭୧ ମଧ୍ୟରେ ଭାରତର ମୁଣ୍ଡ ପିଛା ଆୟ ୬୩୩ ଟଙ୍କା ଥିବା ସ୍ଥଳେ ଓଡ଼ିଶାରେ ତାହା ଟ ୨୧୨୯ ଥିଲା ।

## ପ୍ରାକୃତିକ ସମ୍ବଳ

ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ବଳ ହେଉଛି ସେଠାକାର ଜମି, ଜଙ୍ଗଲ, ଜଳ, ଖଣିଜଦ୍ରବ୍ୟ ଓ ସାମୁଦ୍ରିକ ସମ୍ପଦ ।

## ଜମି ଓ କୃଷି

ରାଜ୍ୟର ମୋଟ କ୍ଷେତ୍ରଫଳ ହେଉଛି ପ୍ରାୟ ୩୮.୪ ନିୟୁତ ଏକର । ୧୯୬୫-୬୬ରେ ଏଥିରୁ ଶତକଡ଼ା ପ୍ରାୟ ୩୬ଭାଗ ଜମିରେ ଚାଷ ହେଉଥିଲା । ଓଡ଼ିଶାର ପ୍ରଧାନ ଦୁର୍ବଳତା ହେଲା ଏହାର ନିକୃଷ୍ଟ କୃଷି-ମୂଳଦୁଆ, ପୁରୁଣାକାଳିଆ ଚାଷ, ମୌସୁମୀବାୟୁର ଅବ୍ୟବସ୍ଥିତତା ଓ ଘନ ଘନ ବନ୍ୟାଜନିତ କ୍ଷତି । ଏସବୁ କାରଣ ଯୋଗୁଁ ଫସଲ କମ୍ ଫଳେ ଓ ଅମଳର କିଛି ଠିକ୍‌ଠିକଣା ନ ଥାଏ । ଏଠି ସର୍ବମୋଟ ଫସଲି ଜମିର ଶତକଡ଼ା ୬୩ ଭାଗରେ ଧାନ ଚାଷ ହୁଏ । ଏହା ଓଡ଼ିଶାର ପ୍ରଧାନ ଫସଲ । କିନ୍ତୁ ଭାରତରେ ଓଡ଼ିଶାର ଧାନ-ଅମଳର ଅନୁପାତ ସବୁଠାରୁ କମ୍ । ମାନ୍ଦ୍ରାଜରେ ଏକର ପିଛା ୧୨୫୫ ପାଉଣ୍ଡ ଓ ସମଗ୍ର ଭାରତରେ ୮୦୨ ପାଉଣ୍ଡ ଧାନ ଫଳୁଥିବା ସ୍ଥଳେ ଓଡ଼ିଶାରେ ଏହାର ପରିମାଣ ମାତ୍ର ୫୧୮ ପାଉଣ୍ଡ । ଯଦି ପର୍ଯ୍ୟାପ୍ତ ପରିମାଣରେ ଜଳସେଚନର ସୁବିଧା କରାଯାଇପାରେ, ତେବେ ଖୁବ୍ ସହଜରେ ଫସଲ ପରିମାଣ ୨ ଗୁଣ ବା ଅଧିକ ହୁଅନ୍ତା । ପ୍ରତି ଦଶ ଜଣ

ଓଡ଼ିଆଙ୍କ ମଧ୍ୟରୁ ଆଠ ଜଣ ଜୀବନଧାରଣ ପାଇଁ କୃଷି ଉପରେ ନିର୍ଭର କରନ୍ତି ।

## ଜଙ୍ଗଲ

ଭାରତର ରାଜ୍ୟମାନଙ୍କ ମଧ୍ୟରେ ମଧ୍ୟ-ପ୍ରଦେଶକୁ ବାଦ୍ ଦେଲେ ଓଡ଼ିଶାରେ ଜଙ୍ଗଲର ଆୟତନ ସର୍ବାଧିକ । ଏ ରାଜ୍ୟରେ ମୋଟ ୨୫,୩୩୧ ବର୍ଗମାଇଲ୍ ଜଙ୍ଗଲ ଅଛି—ଏହା ରାଜ୍ୟର ମୋଟ ଆୟତନର ଶତକଡ଼ା ୪୨·୦୧ ଭାଗ । ଜଳବାୟୁକୁ ପ୍ରଭାବିତ କରିବା ଓ ମୃତ୍ତିକା-କ୍ଷୟ ନିବାରଣ ଦିଗରେ କାର୍ଯ୍ୟ କରିବା ଛଡ଼ା ଜଙ୍ଗଲଗୁଡ଼ିକ ଶିଳ୍ପ ପାଇଁ ମୂଲ୍ୟବାନ କଞ୍ଚାମାଲ୍ ଯୋଗାଇଥାନ୍ତି ଓ ରାଜ୍ୟ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସରୂପେ କାର୍ଯ୍ୟ କରନ୍ତି ।

## ଜଳ

ରାଜ୍ୟର ସବୁଆଡ଼େ ନଦୀମାନ ଊଣା ଅଧିକେ ସମାନଭାବେ ବିସ୍ତୃତ ହୋଇ ରହିଛନ୍ତି । ସେସବୁଥିରେ ଓଡ଼ିଶାର ପ୍ରଚୁର ଜଳ-ସମ୍ପଦ ଅଛି । ଭାରତର ସବୁ ନଦୀବାଟେ ହାରା ବର୍ଷ ମଧ୍ୟରେ ମୋଟ ଯେତେ ଜଳ ପ୍ରବାହିତ ହୁଏ, ତାହାର ମୋଟାମୋଟି ଦଶଭାଗରୁ ଏକ ଭାଗ ଅର୍ଥାତ୍ ହାରାହାରି ପ୍ରାୟ ୧୨୧ ନିୟୁତ ଏକର-ଫୁଟ ଜଳ ଏହି ନଦୀଗୁଡ଼ିକ ଦେଇ ବହିଯାଇଥାଏ । କିନ୍ତୁ ପ୍ରବାହିତ ଜଳର ପରିମାଣ ବର୍ଷର ସବୁମାସରେ ସମାନ ନୁହେଁ । ମୌସୁମୀ ସମୟରେ ହୁଏ ତ ଅତ୍ୟଧିକ ଜଳ ପ୍ରବାହିତ ହୋଇ ପ୍ରବଳ ବନ୍ୟା ଘଟାଉଅଛି କିମ୍ବା ଶୁଷ୍କ ଋତୁରେ ସ୍ୱଳ୍ପ ଜଳପ୍ରବାହ ଯୋଗୁଁ ଫସଲହାନି ଘଟୁଛି । ନିମ୍ନଲିଖିତ ସାରଣୀ ଦ୍ରଷ୍ଟବ୍ୟ:—

| ନଦୀ | ଅବବାହିକାର କ୍ଷେତ୍ରଫଳ (ବର୍ଗମାଇଲ) | ହାରାହାରି ବାର୍ଷିକ ବୃଷ୍ଟିପାତ ( ଇଞ୍ଚ ) | ହାରାହାରି ବାର୍ଷିକ ଜଳପ୍ରବାହ ( ଇଞ୍ଚ ) | ନିୟୁତ ଏକର୍ ଫୁଟ | ସର୍ବାଧିକ ବନ୍ୟା ନିଷ୍କାସନ (କ୍ୟୁସେକ୍ସ) | ଶୁଖିଲା ମାସରେ ସର୍ବନ୍ୟୂନ ନିଷ୍କାସନ (କ୍ୟୁସେକ୍ସ) |
|---|---|---|---|---|---|---|
| ୧ । ମହାନଦୀ | ୫୧,୨୭୦ | ୫୭·୩୬ | ୨୭·୫୧ | ୭୫·୨୫ | ୧,୫୮୦,୦୦୦ | ୬୦ * |
| ବ୍ରାହ୍ମଣୀ | ୧୪,୦୦୦ | ୫୮·୯୩ | ୨୭·୪୫ | ୨୦·୫୦ | ୮୦୦,୦୦୦ | ୩୦ |
| ବୈତରଣୀ | ୪,୦୦୦ | ୫୮·୯୩ | ୨୭·୪୫ | ୫·୮୬ | ୫୦୦,୦୦୦ | ୧୦ |
| ମୋଟ ... | ୬୯,୨୭୦ | | | ୧୦୧·୬୧ | | |
| ୨ । ଋଷିକୁଲ୍ୟା | ୩,୦୭୨ | ୪୩·୫୦ | ୮·୭୪ | ୧·୪୩ | ୩୦୦,୦୦୦ | — |
| ବୁଢ଼ାବଳଙ୍ଗ | ୧,୭୩୬ | ୫୬·୨୮ | ୨୨·୫୫ | ୨·୦୯ | ୨୦୦,୦୦୦ | ୫ |
| ସୁବର୍ଣ୍ଣରେଖା | ୭,୦୪୭ | ୫୬·୨୮ | ୨୨·୫୫ | ୮·୪୬ | ୬୦୦,୦୦୦ | ୧୦ |
| ମୋଟ ... | ୧୧,୮୫୫ | | | ୧୧·୯୮ | | |
| ୩ । ଇନ୍ଦ୍ରାବତୀ † | ୧,୦୪୦ | ୭୪ | ୪୦·୦୯ | ୨·୨୭ | ୨୪୦,୦୦୦ | ୧୦୦ |
| କୋଲାବ (ଶାବରୀ) | ୧,୨୦୦ | ୭୦ | ୩୩·୦୨ | ୨·୧୨ | ୨୬୦,୦୦୦ | ୧୨୦ |
| ସିଲେରୁ | ୧,୮୫୫ | ୭୦ | ୩୮·୦୨ | ୩·୨୮ | ୩୨୩,୦୦୦ | ୧୯୦ |
| ମୋଟ ... | ୪,୦୯୫ | | | ୭·୬୭ | | |
| ସର୍ବମୋଟ | ୮୫,୨୨୦ | | | ୧୨୧·୨୬ | | |

* ପାଣି ମହଜୁଦ ରଖିବା ପାଇଁ କୌଣସି ବନ୍ଧ ନିର୍ମିତ ହେବା ପୂର୍ବରୁ ପ୍ରାକୃତିକ ପ୍ରବାହର ପରିମାଣ ।

† ଓଡ଼ିଶା ଅଞ୍ଚଳରେ ଥିବା ସର୍ବନିମ୍ନ ବନ୍ଧର ଉପରିଭାଗରେ ।

ଛଗୋଟିଯାକ ବୃହତ୍ତର ନଦୀ ଦେଇ ହାରାହାରି ବାର୍ଷିକ ୧୦୨ ନିୟୁତ ଏକରଫୁଟ ଓ ଛଗୋଟି କ୍ଷୁଦ୍ରତର ନଦୀ ଦେଇ ୧୨ ନିୟୁତ ଏକରଫୁଟ ଜଳ ପ୍ରବାହିତ ହେଉଛି। ଗୋଦାବରୀର ଉପନଦୀମାନଙ୍କରେ ବାର୍ଷିକ ହାରାହାରି ୬.୭୭ ନିୟୁତ ଏକରଫୁଟ ଜଳ ପ୍ରବାହିତ ହୁଏ। ସବୁ ନଦୀଯାକ ମିଶି ୧୨୧ ନିୟୁତ ଏକରଫୁଟ ଜଳ ବହନକରନ୍ତି।

## ଖଣିଜ-ସମ୍ପଦ

ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ରହିଛି। ଏ ପର୍ଯ୍ୟନ୍ତ ଜଣାପଡ଼ିଥିବା ସମ୍ବଳଗୁଡ଼ିକ ଖୁବ୍ ବେଶୀ ଓ ବହୁପ୍ରକାରର ଏବଂ ଯେଉଁଠାରେ ପ୍ରଧାନତଃ ଖଣିଜ ଦ୍ରବ୍ୟ ଦେଖାଯାଉଛି, ସେଠାରୁ ବହୁତର ଖଣିଜ-ସମ୍ଭାର ମହଜୁଦ ଅଛି ବୋଲି ଆବିଷ୍କୃତ ହେବାର ସମ୍ଭାବନା ରହିଛି। ଅଧିକନ୍ତୁ ଖଣିଜ ଦ୍ରବ୍ୟ ରହିଥିବା କେତେକ ଅଞ୍ଚଳରେ ଅନୁସନ୍ଧାନ ଏ ପର୍ଯ୍ୟନ୍ତ ହୋଇନାହିଁ ଏବଂ ରାଜ୍ୟର ପ୍ରାୟ ଏକ-ତୃତୀୟାଂଶ ଭାରତର ଭୂତାତ୍ତ୍ୱିକ ସର୍ଭେଦ୍ୱାରା ଜରିପ କରାଯିବାକୁ ବାକି ରହିଛି। ଏସବୁ ତଥ୍ୟ ଏକାଠି ବିଚାର କଲେ ଦେଖାଯିବ ଯେ ଭାରତର ସମସ୍ତ ଖଣିଜବହୁଳ ରାଜ୍ୟ ମଧ୍ୟରେ ଖଣିଜ-ସମ୍ବଳଦୃଷ୍ଟିରୁ ଓଡ଼ିଶା ବୋଧହୁଏ ସବୁଠାରୁ ବଡ଼। ଏଠାରେ ଲୁହାପଥର, ମାଙ୍ଗାନିଜ, କୋଇଲା, ଡୋଲୋମାଇଟ୍, ଚୂନପଥର, କ୍ରୋମାଇଟ୍, ଚୀନାମାଟି, ଗ୍ରାଫାଇଟ୍ ଓ ପୋଡ଼ାମାଟି (ଫାୟାର କ୍ଲେ) ରହିଛି। ବର୍ତ୍ତମାନ ଅଟକଳରୁ ଜଣାଯାଉଛି ଯେ ରାଜ୍ୟରେ ପ୍ରାୟ ୧୦,୦୦୦ ନିୟୁତ ଟନ୍ ଲୁହାପଥର ଓ ୪୦,୦୦୦ ନିୟୁତ ଟନ୍ କୋଇଲା ମହଜୁଦ ରହିଛି।

## ମତ୍ସ୍ୟ-ସମ୍ପଦ

ଓଡ଼ିଶାର ଅର୍ଥନୀତିରେ ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ଉଭୟ ପ୍ରକାର ମତ୍ସ୍ୟ-ସମ୍ପଦର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ଚିଲିକା ହ୍ରଦରୁ (୪୫୦ ବର୍ଗମାଇଲ) ମାଛ ମାରି ଚଳିବା ପ୍ରାୟ ସମୁଦ୍ର-ନିକଟବର୍ତ୍ତୀ ୩୫୦୦୦ ଲୋକଙ୍କର ମୁଖ୍ୟ ଜୀବିକା। ଏଠାରୁ ବର୍ଷକୁ ପ୍ରାୟ ୩୫୦୦ ଟନ୍ ମାଛ ଧରାଯାଏ। ଚିଲିକା ହ୍ରଦରୁ ପ୍ରତି ଏକର ପିଛା ମାଛ ଉତ୍ପାଦନର ପରିମାଣ ୭୫ରୁ ୧୦୦ ପାଉଣ୍ଡ। ଲୁଣି ପାଣିରୁ ମାଛ ଉତ୍ପାଦନ କ୍ଷେତ୍ରରେ ଏହା ପୃଥିବୀର ସର୍ବାଧିକ ପରିମାଣ ମଧ୍ୟରୁ ଏକତମ।

ଓଡ଼ିଶାରେ ୨୫୦ ମାଇଲ ଲମ୍ବ ସମୁଦ୍ରୋପକୂଳ ରହିଛି। ଏଥିରୁ ଅନେକ ସ୍ଥଳରେ ନଦୀ-ମୁହାଣ ଓ ସଙ୍ଗମସ୍ଥଳ ଅଛି। ହାରାହାରି ଏ ରାଜ୍ୟରୁ ମୋଟ ୨୩,୦୦୦ରୁ ୨୫,୦୦୦ ଟନ୍ ମାଛ ଉତ୍ପାଦନ କରାଯାଏ। ଏଥିମଧ୍ୟରୁ ଏକ-ତୃତୀୟାଂଶ ହେଉଛି ସମୁଦ୍ର ମାଛ, ଅବଶିଷ୍ଟତକ ଗଡ଼ିଆ-ପୋଖରୀରୁ ମିଳୁଥିବା ମଧୁରପାଣି ମାଛ। ୧୯୫୬-୫୭ରେ ମତ୍ସ୍ୟ-ସମ୍ପଦରୁ ରାଜ୍ୟର ମୋଟାମୋଟି ୧.୭୬ କୋଟି ଟଙ୍କା ମିଳିଥିଲା। ଓଡ଼ିଶା ସମୁଦ୍ର-ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବା ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ମତ୍ସ୍ୟ-ସମ୍ପଦରୁ ହେଉଥିବା ଆୟ ଖୁବ୍ କମ୍। ମତ୍ସ୍ୟସମ୍ପଦକୁ ଭିତ୍ତି କରି ରାଜ୍ୟରେ କୌଣସି ଶିଳ୍ପ ନାହିଁ, କହିଲେ ଚଳେ।

ଉପକୂଳର ଅପେକ୍ଷାକୃତ ଅଳ୍ପ କେତେକ ଅଞ୍ଚଳରେ ୩୪ ମାଇଲ ଓସାରର ଏକ ଅଣଓସାରିଆ ପଟି ମଧ୍ୟରେ ଉପକୂଳବର୍ତ୍ତୀ ମାଛଧରା ସୀମାବଦ୍ଧ। ଡଙ୍ଗା ରଖିବା ପାଇଁ ଉପଯୁକ୍ତ ଜଳଭାଗ, ଡଙ୍ଗା କୂଳରେ ଲଗାଇବା ପାଇଁ ଉପଯୁକ୍ତ ସ୍ଥାନ ଓ ପୋତାଶ୍ରୟର ଅନ୍ୟାନ୍ୟ ସୁବିଧା ଅଭାବରୁ ରାଜ୍ୟରେ ସମୁଦ୍ର ମଧ୍ୟରୁ ମାଛଧରାର ବିକାଶ ହୋଇପାରି ନାହିଁ। ଉପକୂଳ ପାଖେ ପାଖେ ଉପଯୁକ୍ତ ସ୍ଥାନରେ ସବୁ ଡଙ୍ଗା ବା ବୋଟ୍ ରଖିବା ପାଇଁ ବା କୂଳରେ

ଲଗାଇବା ପାଇଁ ସୁବିଧା କରାଯାଇପାରେ, ତେବେ ବଡ଼ ବଡ଼ ବୋଟ ଓ ଟ୍ରଲର୍ ବ୍ୟବହାର କରିବା ଲାଭଜନକ ହେବ । ଓଡ଼ିଶା ଉପକୂଳଠାରୁ କିଛି ଦୂରରେ ସମୁଦ୍ର ଭିତରେ ବହୁତ ମାଛ ଧରାଯାଇ ପାରିବା ଭଳି ଜାଗାମାନ ରହିଛି ।

## ଶିଳ୍ପ

ଜମି, ଜଙ୍ଗଲ, ଖଣିଜଦ୍ରବ୍ୟ, ଜଳ ଓ ସାମୁଦ୍ରିକ ସମ୍ପଦଦୃଷ୍ଟିରୁ ଓଡ଼ିଶା ଭାରତର ସର୍ବଶ୍ରେଷ୍ଠ ଧନଶାଳୀ ରାଜ୍ୟମାନଙ୍କ ମଧ୍ୟରୁ ଏକତମ ହୋଇଥିଲେ ବି ଶିଳ୍ପ ଦିଗରୁ ଏହା ଏକ ଅନଗ୍ରସର ରାଜ୍ୟ ହୋଇ ରହିଛି । ଏହାର କାରଣ ହେଉଛି ଯେ ଶସ୍ତା ବିଦ୍ୟୁତ୍‌ଶକ୍ତି ଓ ଯଥେଷ୍ଟ ପରିବହନ ଓ ଯୋଗାଯୋଗ ସୁବିଧା ଏଠାରେ ନାହିଁ ।

୧୯୪୭ରେ ଓଡ଼ିଶାରେ ଶିଳ୍ପ ବୋଇଲେ ଥିଲା ଗୋଟିଏ ଚିନି କଳ, ଗୋଟିଏ କାଚ କାରଖାନା, ଗୋଟିଏ ସାବୁନ କାରଖାନା, କେତୋଟି ତେଲ କଳ ଓ କେତେଗୁଡ଼ିଏ ଚାଉଳ କଳ ମାତ୍ର । କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଯୋଜନା କାଳ ମଧ୍ୟରେ ହୀରାକୁଦ ଓ ମାଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନାରୁ ବିଦ୍ୟୁତ୍‌ଶକ୍ତି ମିଳିବା ଫଳରେ ରାଜ୍ୟର ଶିଳ୍ପ-ବିକାଶ ଦିଗରେ ବହୁ ଈପ୍ସିତ ପ୍ରେରଣା ମିଳିଥିଲା । ବର୍ଷକୁ ୧ ନିୟୁତ ଟନ୍ ଇସ୍ପାତ୍ ପିଣ୍ଡ ଉତ୍ପାଦନ କରିପାରିବା ଭଳି ସାମର୍ଥ୍ୟ-ବିଶିଷ୍ଟ ରାଉରକେଲା ଇସ୍ପାତ୍ କାରଖାନାଟି ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ପ୍ରତିଷ୍ଠା କରାଗଲା । ଏହି ଇସ୍ପାତ୍ କାରଖାନାର ଉପଜାତ ଦ୍ରବ୍ୟଗୁଡ଼ିକୁ କଞ୍ଚାମାଲ୍‌ରୂପେ ବ୍ୟବହାର କରିବା ପାଇଁ ତାହାର ସନ୍ନିକଟରେ ବର୍ଷକୁ ୫୦,୦୦୦ ଟନ୍ ଯବକ୍ଷାରଜାନ-ଚୂନପଥର ଉତ୍ପାଦନ କରିପାରିବା ଭଳି ଏକ ସାର କାରଖାନା ପ୍ରତିଷ୍ଠା କରାଯାଇଛି । ଜୋଡ଼ା ଓ ରାୟଗଡ଼ାଠାରେ ଫେରୋମାଙ୍ଗାନିଜ କାରଖାନା ସ୍ଥାପନ କରାଯାଇଛି । ହୀରାକୁଦ ବିଦ୍ୟୁତ୍ କେନ୍ଦ୍ର ନିକଟରେ ବାର୍ଷିକ ୨୦,୦୦୦ ଟନ୍ ଉତ୍ପାଦନ ସାମର୍ଥ୍ୟ-ବିଶିଷ୍ଟ ଏକ ଆଲୁମିନିୟମ ତରଳାଇବା କାରଖାନା ପ୍ରତିଷ୍ଠା କରାଯାଇଛି । ଓଡ଼ିଶାରେ କଟକ ନିକଟରେ ୨ଟି ବୃହତ୍ ଲୁଗା (ଲୁଗା) କଳ; ଅସ୍କା, ରାୟଗଡ଼ା ଓ ସିଂହପୁର ରୋଡ଼ରେ ତିନୋଟି ଚିନି କାରଖାନା (ଆଉ ତିନୋଟି ନିକଟ ଭବିଷ୍ୟତରେ ସ୍ଥାପିତ ହେବାକୁ ଯାଉଛି ) ଏବଂ ବ୍ରଜରାଜନଗର ( ସମ୍ବଲପୁର ଜିଲ୍ଲା ), ଚୌଦ୍ୱାର ( କଟକ ଜିଲ୍ଲା ) ଓ କେସିଙ୍ଗା ( କଳାହାଣ୍ଡି ଜିଲ୍ଲା ) ରେ ତିନୋଟି କାଗଜ କଳ ଅଛି ।

## ପରିବହନ ଓ ଯୋଗାଯୋଗ

ଓଡ଼ିଶାର ଆର୍ଥିକ ଓ ଶିଳ୍ପବିକାଶ ପଥରେ ଗୋଟାଏ ପ୍ରତିବନ୍ଧକ ହୋଇଛି—ଯଥେଷ୍ଟ ପରିବହନ ଓ ଯୋଗାଯୋଗ ସୁବିଧାର ଅଭାବ । ଭାରତରେ ପ୍ରତ୍ୟେକ ୧୦୦୦ ବର୍ଗମାଇଲ୍ ଅଞ୍ଚଳ ପାଇଁ ୩୧ ମାଇଲ୍ ରେଳପଥ ଥିବାସ୍ଥଳେ ଏ ରାଜ୍ୟରେ ମାତ୍ର ୧୪ ମାଇଲ୍ ରେଳପଥ ଅଛି । ସେହିପରି ପ୍ରତି ୧୦୦୦ ବର୍ଗମାଇଲ୍ ପିଚ୍ଛୁ ପକ୍କା ରାସ୍ତା ମାନ୍ଦ୍ରାଜରେ ୨୭୧ ମାଇଲ୍, ଆନ୍ଧ୍ରରେ ୧୨୪ ମାଇଲ୍ ଓ ପଶ୍ଚିମବଙ୍ଗରେ ୧୦୨ ମାଇଲ୍ ଥିବା ସ୍ଥଳେ ଓଡ଼ିଶାରେ ମାତ୍ର ୫୩ ମାଇଲ୍ ରହିଛି ।

## ବନ୍ଦର

ବିସ୍ତୃତ ସମୁଦ୍ରୋପକୂଳ ସତ୍ତ୍ୱେ ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳ ଶେଷ ସୁଦ୍ଧା ଓଡ଼ିଶାରେ ମାତ୍ର ଗୋଟିଏ ବନ୍ଦର ହୋଇଥିବ – ପାରାଦୀପ ବନ୍ଦର । ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି । ୧୯୬୫ ସୁଦ୍ଧା ଏ ବନ୍ଦର ବାଟେ ୨ ନିୟୁତ ଟନ୍ ଲୁହାପଥର କାରବାର ହୋଇପାରିବ । ତେଣିକି ବର୍ଷକୁ ୧୦।୧୫ ନିୟୁତ ଟନ୍ କାରବାର କରାଯାଇ ପାରିବା ଭଳି ଏହାର ସଂପ୍ରସାରଣ କରାଯାଇପାରେ ।

## ଆଭ୍ୟନ୍ତରୀଣ ଜଳପଥ

ଓଡ଼ିଶାରେ ନୌଚାଳନ ଉପଯୋଗୀ ଗୁଡ଼ିଏ କେନାଲ ରହିଛି; ଯଥା—ତାଳଦଣ୍ଡା, କେନ୍ଦ୍ରାପଡ଼ା, ହାଇ ଲେଭଲ୍, କୋଷ୍ଟ କେନାଲ୍ ଓ ଯାଜପୁର କେନାଲ୍ । ଏଗୁଡ଼ିକର ମୋଟ ଦୈର୍ଘ୍ୟ ୧୫୪ ମାଇଲ୍ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏଗୁଡ଼ିକ ସବୁଠାରୁ ଶସ୍ତାରେ ଗମନାଗମନର ସୁବିଧା ଯୋଗାଉଛନ୍ତି । ହୀରାକୁଦ ବନ୍ଧ ଯୋଜନା ଓ ତ୍ରିକୋଣଭୂମି ଜଳସେଚନ ପରିକଳ୍ପନା ପୂର୍ଣ୍ଣାଙ୍ଗ ହେବାପରେ ଏଗୁଡ଼ିକର ବହୁଳ ପରିମାଣରେ ଉନ୍ନତି ସାଧନ କରାଯାଇଛି ।

## ସମୃଦ୍ଧି ପାଇଁ ଯୋଜନା

ବହୁଦୃଷ୍ଟିରୁ ସମଗ୍ର ଦେଶରେ ଓଡ଼ିଶା ବୋଧହୁଏ ସବୁଠାରୁ ବଳି ଅନଗ୍ରସର ରାଜ୍ୟ । ଯେଉଁ ଅଞ୍ଚଳ ଯେତେ ଦରିଦ୍ର, ସେ ଅଞ୍ଚଳରେ ଦ୍ରୁତ ବିକାଶର ଆବଶ୍ୟକତା ସେତେ ବେଶି; କିନ୍ତୁ ବିନିଯୋଗ ପାଇଁ ଆଭ୍ୟନ୍ତରୀଣ ସମ୍ବଳ ଉଠାଇବା ମଧ୍ୟ ସେତିକି କଷ୍ଟସାଧ୍ୟ । ଏ ବିଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଅର୍ଥ-ବ୍ୟବସ୍ଥା ଏବଂ ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଖର୍ଚ୍ଚ ନିମ୍ନରେ ଦିଆଗଲା :—

ଖର୍ଚ୍ଚ-ବ୍ୟବସ୍ଥା ଓ କେନ୍ଦ୍ର ସାହାଯ୍ୟ—ଓଡ଼ିଶା
( କୋଟି ଟଙ୍କା ହିସାବରେ )

| ଯୋଜନା | ଯୋଜନାରେ ନିର୍ଦ୍ଧାରିତ ଖର୍ଚ୍ଚ | ପ୍ରକୃତ ଖର୍ଚ୍ଚ | ରାଜ୍ୟର ସମ୍ବଳ | କେନ୍ଦ୍ରରୁ ସାହାଯ୍ୟ | ମୋଟ |
|---|---|---|---|---|---|
| ପ୍ରଥମ ଯୋଜନା (୧୯୫୧-୫୬) | ୬୪·୫* | ୬୮·୧ | ୮·୦ | ୬୦·୧ | ୬୮·୧* |
| ଦ୍ୱିତୀୟ ଯୋଜନା (୧୯୫୬-୬୧) | ୧୦୦·୦* | ୮୪·୦ | ୧୮·୩ | ୬୫·୭ | ୮୪·୦ |
| ତୃତୀୟ ଯୋଜନା (୧୯୬୧-୬୬) | ୧୬୦·୦ | | ୩୧·୩ | ୧୨୮·୭† | ୧୬୦·୦ |

ଅତ୍ୟଧିକ ଦରିଦ୍ର ଅଥଚ ଧନଶାଳୀ ହେବାର ସମ୍ଭାବନା ରହିଥିବା ଏହି ରାଜ୍ୟର ସର୍ବମୋଟ ଉନ୍ନୟନ ପାଇଁ କୌଣସି ଯୋଜନା କରିବାକୁ ହେଲେ ବନ୍ୟା ଓ ମରୁଡ଼ି ସମସ୍ୟାର ସମାଧାନକୁ ପ୍ରଥମେ ବିଚାରକୁ ନେବା ଦରକାର । ତେଣୁ ବନ୍ୟା-ନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ନୌଚାଳନ ଓ ଅନ୍ୟାନ୍ୟ ସୁବିଧା ପାଇଁ ମୌସୁମୀ ସମୟରେ ବନ୍ୟାଜଳକୁ ଜଳଭଣ୍ଡାର ଜରିଆରେ ଜମାଇ ରଖିବା ଏବଂ ବର୍ଷର ଶୁଷ୍କ ଋତୁରେ ନିୟନ୍ତ୍ରିତ ପରିମାଣରେ ପାଣି ଛାଡ଼ି ଏହି ଜଳକୁ କାମରେ ଲଗାଇବା ହିଁ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ।

ଟିପ୍ପଣୀ—* ହୀରାକୁଦର ନିର୍ଦ୍ଧାରିତ ଖର୍ଚ୍ଚ ଓ ପ୍ରକୃତ ଖର୍ଚ୍ଚ ଏଥିରେ ମିଶିଛି; କିନ୍ତୁ କେନ୍ଦ୍ର ଦାୟିତ୍ୱରେ ହୋଇଥିବା ପରିକଳ୍ପନାଗୁଡ଼ିକର ଖର୍ଚ୍ଚ ଏଥିରେ ମିଶିନାହିଁ ।

† ସବୁରାଜ୍ୟ ପାଇଁ ମିଳିଥିବା ସର୍ବମୋଟ ୨,୩୭୫ କୋଟି ଟଙ୍କାର କେନ୍ଦ୍ର-ସାହାଯ୍ୟ ଭିତ୍ତିରେ ।

## ମେ, ୧୯୪୫ର ଯୋଜନା

୧୯୪୫ ମେ ମାସରେ କେନ୍ଦ୍ରୀୟ ଜଳପଥ, ଜଳସେଚନ ଓ ନୌପରିବହନ କମିଶନ (ବର୍ତ୍ତମାନ କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ୍ କମିଶନ)ର ତତ୍କାଳୀନ ଚେୟାରମ୍ୟାନ ଡ: ଅଯୋଧ୍ୟାନାଥ ଖୋସଲ୍ ମହାନଦୀ ଅବବାହିକାର ସମ୍ମିଳିତ ବିକାଶ ଲାଗି ପ୍ରଥମ ଯୋଜନାଟିର କଳ୍ପନା କରିଥିଲେ । ଓଡ଼ିଶାର ସବୁ ନଦୀର ଅବବାହିକାଗୁଡ଼ିକର ସର୍ବୋପରି ସମ୍ମିଳିତ ବିକାଶ ଦିଗରେ ଏହା ପ୍ରଥମ ପଦକ୍ଷେପ-ରୂପେ କଳ୍ପିତ ହୋଇଥିଲା । ମହାନଦୀ ବନ୍ୟାର ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା ପାଇଁ ତଥା ବିଦ୍ୟୁତ୍‌ଶକ୍ତି, ଜଳସେଚନ, ନୌଚଳନ ଓ ମାଛଚାଷ ସୁବିଧାର ବିକାଶ ଘଟାଇବା ପାଇଁ ମହାନଦୀ ଉପରେ ହୀରାକୁଦ, ଟିକରପଡ଼ା ଓ ନରାଜଠାରେ ପାଣି ଜମାଇ ରଖିବା ପାଇଁ ତିନୋଟି ବନ୍ଧ ତିଆରି କରିବା ନିମନ୍ତେ ଯୋଜନାରେ ଲକ୍ଷ୍ୟ ରଖାଯାଇଥିଲା । ହୀରାକୁଦ ବନ୍ଧର ପରୀକ୍ଷା ଓ ଅନୁସନ୍ଧାନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯୋଜନା ରିପୋର୍ଟ ପ୍ରସ୍ତୁତ ହୋଇ ଅନୁମୋଦନ ଲାଭ କରିବାର ଅବ୍ୟବହିତ ପରେ ୧୯୪୯-୫୦ରେ ହୀରାକୁଦ ବନ୍ଧ ଓ ବିଦ୍ୟୁତ୍ କାରଖାନାର ନିର୍ମାଣ କାର୍ଯ୍ୟ ହାତକୁ ନିଆଗଲା । ମହାନଦୀର ଅବବାହିକା-ଭିତ୍ତିକ ବିକାଶ ଯୋଜନାରେ ଏହା ହେଲା ପ୍ରଥମ ପର୍ଯ୍ୟାୟ । ୧୯୫୭ରେ ଏହା ସମ୍ପୂର୍ଣ୍ଣ ହେଲା । ନରାଜ ବନ୍ଧର ନିର୍ମାଣ ପାଇଁ ଯେଉଁ ଯୋଜନା କରାଯାଇଥିଲା, ତା ବଦଳରେ ନରାଜ ନିକଟବର୍ତ୍ତୀ ମୁଣ୍ଡଳୀଠାରେ ବୁଲାଣିବନ୍ଧର (ଡାଇଭର୍ସନ ବ୍ୟାରେଜ୍) ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ବର୍ତ୍ତମାନ ଏ କାମ ଚାଲିଛି । ମେ ୧୯୭୩ ଯୋଜନାର ପ୍ରଧାନ ବିଷୟ ହେଲା ଟିକରପଡ଼ା ବନ୍ଧ ନିର୍ମାଣ । ବର୍ତ୍ତମାନ ଏହି ଯୋଜନାର ଅନୁସନ୍ଧାନ ଓ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି ।

## ମେ, ୧୯୭୩ର ଯୋଜନା

ଏଠାରେ ଯେଉଁ ମେ ୧୯୭୩ ଯୋଜନାର ଉଲ୍ଲେଖ କରାଯାଇଛି, ସେଥିରେ ଓଡ଼ିଶାର ମୁଖ୍ୟ ଓ ଗୌଣ ନଦୀ-ଅବବାହିକାଗୁଡ଼ିକର ବହୁମୁଖୀ ଉନ୍ନୟନ ସମ୍ପର୍କୀୟ ଏକ ବ୍ୟାପକ ମିଳିତ ଯୋଜନା ରହିଛି । A. B. C.D E ଏବଂ F ଏହି ୬ଟି ଗ୍ରୁପ୍ ଅନୁସାରେ ଉନ୍ନୟନର ଏକ କାର୍ଯ୍ୟକ୍ରମ ସ୍ଥିର କରିବା ଏହାର ଲକ୍ଷ୍ୟ ।

'ଏ' (A) ଗ୍ରୁପ୍‌ରେ ରହିଛି—ଯେଉଁ ଯୋଜନା-ଗୁଡ଼ିକ ଦ୍ୱିତୀୟ ଯୋଜନା କାଳ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା; ଯଥା—ବନ୍ୟାନିୟନ୍ତ୍ରଣ, ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ପାଇଁ ହୀରାକୁଦ ବନ୍ଧ ଯୋଜନା; ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ବନ୍ଧ ଏବଂ ଯେଉଁ ଯୋଜନା-ଗୁଡ଼ିକ ତୃତୀୟ ଯୋଜନା କାଳ ମଧ୍ୟରେ ନିର୍ମାଣ କରାଯିବା ପାଇଁ ଅନୁମୋଦିତ ଓ ସ୍ୱୀକୃତ ହୋଇଛି; ଯଥା :—ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନର ସୁବିଧା ପାଇଁ ବାଲିମେଲା ବନ୍ଧ ଯୋଜନା ଏବଂ ତାପ-ବିଦ୍ୟୁତ୍ ଉତ୍ପାଦନ ପାଇଁ ତାଳଚେର ଥର୍ମାଲ ଷ୍ଟେସନ ।

ଗ୍ରୁପ୍ 'ବି' (B)ରେ ରହିଛି ଟିକରପଡ଼ା ଓ ରଣିଆ ବନ୍ଧ ଯୋଜନା । ସମଗ୍ର ସମ୍ମିଳିତ ଯୋଜନାର ଏହା ହିଁ ହେଉଛି ଅସ୍ଥିମଜ୍ଜା । ଏହା ଫଳରେ ପ୍ରାୟ ସମଗ୍ର ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟାନିୟନ୍ତ୍ରଣ ହୋଇ ପାରିବ ଓ ଚାଷ ଜମିର ଅଧିକାଂଶ ସ୍ଥାନରେ ଜଳ-ସେଚନ କରାଯାଇ ପାରିବ । ଏହା ପ୍ରଚୁର ପରିମାଣ ଜଳବିଦ୍ୟୁତ୍‌ଶକ୍ତି ଯୋଗାଇ ପାରିବ ଏବଂ ଓଡ଼ିଶାର ଗୋଟିଏ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ବ୍ୟାପିଥିବା ନୌବାହ୍ୟ କେନାଲମାନ ଯୋଗାଇଦେବ ।

ଗ୍ରୁପ୍ 'ସି' (C) ରେ ରହିଛି ଅପେକ୍ଷାକୃତ କ୍ଷୁଦ୍ରତର ଯୋଜନା; ଯଥା—କୋରାପୁଟ ଜିଲ୍ଲାର

ପଶ୍ଚିମାଂଶରେ ଇନ୍ଦ୍ରାବତୀ ଓ ଉପର କୋଲାବ୍ ଯୋଜନା, ବ୍ରାହ୍ମଣୀ ଅବବାହିକାରେ ବରକୋଟ ଯୋଜନାର ଏକତମ ସହାୟକ ଟିକା ଯୋଜନା । ଏ ତିନୋଟିଯାକରୁ ପ୍ରଚୁର ପରିମାଣରେ ବିଦ୍ୟୁତ୍‌ଶକ୍ତି ଓ ବହୁତ ଅଞ୍ଚଳରେ ଜଳସେଚନର ସୁବିଧା ମିଳିପାରିବ । ଏମାନଙ୍କରୁ କୋରାପୁଟ ଜିଲ୍ଲାରେ ଅବସ୍ଥିତ ଇନ୍ଦ୍ରାବତୀ ଯୋଜନା ସବୁଠାରୁ ବଳି ମନୋରମ । ଅପେକ୍ଷାକୃତ ବୃଷ୍ଟିବିରଳ କଳାହାଣ୍ଡି ଜିଲ୍ଲାରେ ଏହା ପ୍ରଚୁର ଜଳସେଚନର ସୁବିଧା ଯୋଗାଇଦେବ ।

ଗ୍ରୁପ୍ 'ଡି' (D) ରେ ରହିଛି ଯୋଜନାର ଦ୍ୱିତୀୟ ମୁଖ୍ୟ ପରିଯୋଜନା—ବ୍ରାହ୍ମଣୀ ଉପରେ ବରକୋଟ ବନ୍ଧ ଯୋଜନା ଓ କୋରାପୁଟ ଜିଲ୍ଲାରେ ନିମ୍ନ କୋଲାବ୍ ପରିଯୋଜନା । ବରକୋଟ ପରିଯୋଜନାଟି ବହୁ ପରିମାଣରେ ବିଦ୍ୟୁତ୍ ଉତ୍ପାଦନ ଓ ବିସ୍ତୃତ ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇବା ସଙ୍ଗେ ସଙ୍ଗେ ବଣାଇ ଲୁହାଖଣି ଅଞ୍ଚଳ ଓ ରାଉରକେଲା ଇସ୍ପାତ୍ କାରଖାନାକୁ, ପାରାଦୀପ ବନ୍ଦର ଓ ସାରସପୁର ନିକଟବର୍ତ୍ତୀ ଭଗ୍ନ ଚିଲିକା ହ୍ରଦ ବନ୍ଦର ସହିତ ଯୋଗ କରୁଥିବା ସୁନାବ୍ୟ କେନାଲ୍ ଓ ଜଳଭଣ୍ଡାରର ବ୍ୟବସ୍ଥା କରିବ ।

ନିମ୍ନ କୋଲାବ୍ ପରିଯୋଜନାଟି କୋରାପୁଟ ଜିଲ୍ଲାରେ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବସ୍ଥା କରିବ ।

ଗ୍ରୁପ୍ 'ଇ' (E)ରେ ରହିଛି—ବନ୍ୟା-ନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନ ଉଦ୍ଦେଶ୍ୟରେ ବୈତରଣୀ ନଦୀ ଉପରେ ହେଉଥିବା ରାମକୁଣ୍ଡ ବନ୍ଧ ଯୋଜନା । ଏହାର ଜଳସେଚନ ଅଂଶଟି ବର୍ତ୍ତମାନ ପ୍ରସ୍ତାବିତ ଟିକରପଡ଼ା-ରଣିଆ ପରିଯୋଜନାଦ୍ୱାରା କାର୍ଯ୍ୟକାରୀ ହେବାର ବ୍ୟବସ୍ଥା କରାଗଲାଣି । ଏହି ପରିଯୋଜନା ସମ୍ପର୍କୀୟ ଅନୁସନ୍ଧାନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରିପୋର୍ଟ ପ୍ରସ୍ତୁତ ହେଲାଣି । କିନ୍ତୁ ସାମୁହିକ ଦୃଷ୍ଟିରୁ ଏହା ଅପେକ୍ଷାକୃତ ଅଳ୍ପ ଲାଭପ୍ରଦ ହେଉଥିବାରୁ ଏହାକୁ କାର୍ଯ୍ୟକାରୀ କରାଇବା ପ୍ରତି ବିଶେଷ ଅଗ୍ରାଧିକାର ଦିଆଯାଉ ନାହିଁ ।

ଗ୍ରୁପ୍ 'ଏଫ୍'(F)ରେ ରହିଛି ଓଡ଼ିଶାର ନଦୀଗୁଡ଼ିକର ବିଶେଷତଃ ମହାନଦୀର ବିଭିନ୍ନ ଉପନଦୀ ଉପରେ ହେଉଥିବା ସମସ୍ତ ପରିଯୋଜନା । ଏପର୍ଯ୍ୟନ୍ତ ଏସବୁ ଯୋଜନା ସମ୍ପର୍କୀୟ ପ୍ରାଥମିକ ତଥ୍ୟ ମଧ୍ୟ ସଂଗୃହୀତ ହୋଇପାରି ନାହିଁ ।

ଟିକରପଡ଼ା ବନ୍ଧ ଯୋଜନାକୁ ବାଦ୍ ଦେଲେ ଅନ୍ୟ ସବୁଗୁଡ଼ିକର ଯୋଜନା ୧" = ୧ ମାଇଲ୍ ସ୍କେଲର ଭାରତୀୟ ସର୍ଭେ ମ୍ୟାପ ଅନୁସାରେ ପ୍ରସ୍ତୁତ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ ସରଜମିନ ଅନୁସନ୍ଧାନଦ୍ୱାରା ସମର୍ଥିତ ହୋଇ ନାହିଁ । ଅବଶ୍ୟ ଟିକରପଡ଼ା ଯୋଜନାର ସର୍ଭେ ଓ ଅନୁସନ୍ଧାନ ଖୁବ୍ ଅଗ୍ରଗତି କରିଛି । ସେଗୁଡ଼ିକରୁ କେତେ ଜଳ ନିଷ୍କାସିତ ହେବ, ତାହାର ହିସାବ ପ୍ରାୟ ପ୍ରକୃତ ପରିମାଣର ପାଖାପାଖି; କିନ୍ତୁ ଖର୍ଚ୍ଚ ହିସାବ ବିଶେଷ ଭାବରେ ଆନୁମାନିକ ହୋଇଛି । କାରଣ କେବଳ ପୁଙ୍ଖାନୁପୁଙ୍ଖ କ୍ଷେତ୍ରୀୟ ଅନୁସନ୍ଧାନ ଫଳରେ ମିଳିପାରୁଥିବା ବାସ୍ତବ ତଥ୍ୟାବଳୀର ଅଭାବ ଏପର୍ଯ୍ୟନ୍ତ ଅଛି ।

## ସମଗ୍ର ଯୋଜନାର ଖର୍ଚ୍ଚ ଓ ଉପକାର

ଜଳ - ବିଦ୍ୟୁତ୍ ( ନଦୀ - ଅବବାହିକା ) ପରିଯୋଜନା:—ସବୁଗୁଡ଼ିକ ଜଳବିଦ୍ୟୁତ୍ ପରିଯୋଜନାରେ ମୋଟ ମୂଳଧନ ବ୍ୟୟ ୧୨୭·୫୨ କୋଟି ଟଙ୍କା ହେବ । ଏହା ଫଳରେ—

(୧) ସଂପୂର୍ଣ୍ଣ ବନ୍ୟା-ନିୟନ୍ତ୍ରଣ,
(୨) ୮,୫୬୦,୦୦୦ କିଲୋୱାଟ୍ ଜଳ-ବିଦ୍ୟୁତ୍ ଶକ୍ତିର ସଂସ୍ଥାପନ,

(ଛ) ୮,୨୫୭,୦୦୦ ଏକର ଫସଲ ଜମିରେ ଜଳସେଚନ,

(ଜ) ୧୦୦୦ ମାଇଲ ଲମ୍ବର ନୌବାହ୍ୟ କେନାଲ ଓ ଜଳପଥ—ଏଗୁଡ଼ିକ ରାଉରକେଲା ଇସ୍ପାତ୍ କାରଖାନା, ଖଣିଜ ଅଞ୍ଚଳ ଓ ସାଧାରଣଭାବେ ପଶ୍ଚାଦ୍‌ବର୍ତ୍ତୀ ପ୍ରଦେଶକୁ ପାରାଦୀପ ଓ ଚିଲିକା ହ୍ରଦ ସହିତ ସଂଯୁକ୍ତ କରିବ,

(ଝ) ମାଛଚାଷ, ଅବସରବିନୋଦନ ଓ ପର୍ଯ୍ୟଟନ ପାଇଁ ୧,୨୪୩,୮୦୦ ଏକର ପରିମିତ ଜଳଭଣ୍ଡାର,

(ଞ) ଚିଲିକା ହ୍ରଦର ପଶ୍ଚିମପଟେ ପ୍ରାୟ ୧୫୦ ବର୍ଗମାଇଲ ପରିମିତ ମଧୁର ଜଳପୂର୍ଣ୍ଣ ଏକ ସୁରକ୍ଷିତ ପୋତାଶ୍ରୟ—ଏଥିରେ ୩୬ ମାଇଲ ଲମ୍ବର ଓ ୪୦ରୁ ୫୦ ଫୁଟ ଗଭୀର ମଧୁର ପାଣିର କେନାଲ ରହିବ। ଏହି କେନାଲବାଟେ ସବୁଦିନେ ୩୭,୨୫୦ କ୍ୟୁସେକ୍ ଜଳ ନିଷ୍କାସିତ ହେବ।

## ତାଳଚେର ତାପଜ ବିଦ୍ୟୁତ୍ କାରଖାନା (ତାପ-ବିଦ୍ୟୁତ୍ ଯୋଜନା)

ଉପର୍ଯ୍ୟୁକ୍ତ ଖର୍ଚ୍ଚ ସହିତ ତାଳଚେର ତାପ-ବିଦ୍ୟୁତ୍ କେନ୍ଦ୍ରରୁ ପର୍ଯ୍ୟାୟକ୍ରମେ ବିଦ୍ୟୁତ୍ ଉତ୍ପାଦନର ଖର୍ଚ୍ଚ ଯୋଗ କରିବାକୁ ହେବ। ୨୫୦ ମେଗାୱାଟ ବିଦ୍ୟୁତ୍‌ଶକ୍ତି ପାଇଁ ଉତ୍ପାଦନ ସଂସ୍ଥାମାନ ନିର୍ମାଣ କରାଯାଉଛି ଏବଂ ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟରେ ଲଗାଯିବ। ଏହି ଉତ୍ପାଦନ-ସାମର୍ଥ୍ୟ ୫୦୦ ମେଗାୱାଟକୁ ବୃଦ୍ଧି କରିବା ପାଇଁ ଅତିରିକ୍ତ ସଂସ୍ଥାମାନ ମଧ୍ୟ ସେହି ସମୟରେ ସ୍ଥାପନ କରାଯିବ।

## ତାଳଚେର ତାପ-ବିଦ୍ୟୁତ୍ କେନ୍ଦ୍ର

| ପର୍ଯ୍ୟାୟ | ସ୍ଥାପିତ ସାମର୍ଥ୍ୟ (ମେଗାୱାଟ୍) | ପ୍ରତିଷ୍ଠାନର ସାମର୍ଥ୍ୟ (ମେଗାୱାଟ୍) | ୯୫% ବିଦ୍ୟୁତ୍ ମିଳୁଥିବା କିଲୋୱାଟ୍ (ଘଣ୍ଟାରେ ଉତ୍ପାଦିତ ୟୁନିଟ୍) | ମୋଟ ଖର୍ଚ୍ଚ (କୋଟି ଟଙ୍କା) | ବାର୍ଷିକ ଖର୍ଚ୍ଚ (କୋଟି ଟଙ୍କା) | ଉତ୍ପାଦିତ ୟୁନିଟ୍ ପିଛା ଖର୍ଚ୍ଚ (ନୂ:ପ:) | | |
|---|---|---|---|---|---|---|---|---|
| | | | | | | କୋଇଲା * | ବାର୍ଷିକ ଖର୍ଚ୍ଚ | ମୋଟ |
| ୧। | ୨୫୦ | ୨୫୦ | ୨,୦୮୦ × ୧୦$^{୬}$ | ୨୫ | ୧.୮୫ | ୧.୨୮ | ୦.୩୮ | ୨.୧୬ |
| ୨। | ୫୦୦ | ୪୬୦ | ୩,୮୨୮ × ୧୦$^{୬}$ | ୪୫ | ୩.୨୮୫ | ୧.୨୮ | ୦.୩୬ | ୨.୧୪ |
| ୩। | ୧,୫୦୦ | ୧,୩୮୦ | ୧୧,୫୦୦ × ୧୦$^{୬}$ | ୧୦୫ | ୭.୬୬୫ | ୧.୨୮ | ୦.୬୭ | ୧.୯୫ |
| ୪। | ୫,୦୦୦ | ୪,୬୦୦ | ୩୮,୨୮୧ × ୧୦$^{୬}$ | ୩୧୫ | ୨୨.୯୯୫ | ୧.୨୮ | ୦.୬୦ | ୧.୮୮ |
| ୫। | ୧୦,୦୦୦ | ୯,୨୦୦ | ୭୬,୫୬୨ × ୧୦$^{୬}$ | ୬୧୫ | ୪୪.୮୯୫ | ୧.୨୮ | ୦.୫୯ | ୧.୮୭ |

ତାଳଚେର କୋଇଲା ଖଣିମାନଙ୍କରେ ୪୦,୦୦୦ ନିୟୁତ ଟନ୍ କୋଇଲା ମହଜୁଦ ରହିଥିବା ଅଟକଳ କରାଯାଇଛି ବୋଲି ଜଣାଯାଏ। ସେଥିରୁ କମ୍ ଖର୍ଚ୍ଚରେ ସେହି କୋଇଲା ମିଳି-ପାରିବ ବୋଲି ଆଶା।

* ଉତ୍ପାଦିତ ୟୁନିଟ୍ ପିଛା ଦରକାର ହେଉଥିବା କୋଇଲାର ପରିମାଣ = ୧.୪୩୫ ପାଉଣ୍ଡ। ଟନ୍ ପିଛା ଟ ୨୦ ହିସାବରେ ୧.୪୩୫ ପାଉଣ୍ଡ କୋଇଲାର ମୂଲ୍ୟ = ୧.୨୮ ନୂଆ ପଇସା।

୯

ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଆବଶ୍ୟକ ନୁହେଁ, କେବଳ ସେହି କୋଇଲା ହିଁ ଉକ୍ତ ଥର୍ମାଲ ଷ୍ଟେସନରେ ବ୍ୟବହୃତ ହେବ ।

ପୂର୍ବାଞ୍ଚଳର ବିଦ୍ୟୁତ୍ ଚାହିଦା ତୁଲାଇବା ପାଇଁ ଜଳବିଦ୍ୟୁତ୍ ସଙ୍ଗେ ଏହାକୁ ମିଶାଇଦେଲେ ପର୍ଯ୍ୟାୟକ୍ରମେ ଏହା ୧୫୦୦, ୫୦୦୦, ୧୦୦୦୦ ମେଗାୱାଟ୍‌କୁ ବୃଦ୍ଧି କରାଯାଇପାରେ । ତୃତୀୟ ଯୋଜନା ଶେଷ ସୁଦ୍ଧା ସମଗ୍ର ଭାରତ ପାଇଁ ୧୬.୯ ନିୟୁତ କିଲୋୱାଟ୍ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିବାସ୍ଥଳେ ଶେଷ ପର୍ଯ୍ୟାୟରେ ୮୫୬୦ ମେଗାୱାଟ୍ ଶକ୍ତିବିଶିଷ୍ଟ ଜଳବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ସହିତ ମିଳିତ ହେଲେ ଏହା ୧୮,୫୬୦ ମେଗାୱାଟ୍ ପ୍ରତିଷ୍ଠିତ ସାମର୍ଥ୍ୟ ହାସଲ କରିବ । ଏହା ଯେ କେବଳ ଓଡ଼ିଶାର ଚାହିଦା ପୂରଣ କରିବ ତାହା ନୁହେଁ; ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ଆନ୍ଧ୍ର ଏବଂ ସମ୍ଭବତଃ ମହାରାଷ୍ଟ୍ର ପ୍ରଭୃତି ପଡ଼ୋଶୀ ରାଜ୍ୟମାନଙ୍କ ଚାହିଦା ମଧ୍ୟ ଏହାଦ୍ୱାରା ପୂରଣ କରାଯାଇ ପାରିବ ।

ତାଳଚେର ଥର୍ମାଲ ଷ୍ଟେସନର ପର୍ଯ୍ୟାୟଓ୍ୱାରି ବିକାଶ ଖର୍ଚ୍ଚ ହେବ:—

( କୋଟି ଟଙ୍କା ହିସାବରେ )

| ପର୍ଯ୍ୟାୟ | ମୋଟ | ପର୍ଯ୍ୟାୟ | ମୋଟ |
|---|---|---|---|
| ୫୦୦୦ ମେଗାୱାଟ | ୫୦୦ ମେଗାୱାଟ୍ | ୪୫ | ୪୫ |
| ଅତିରିକ୍ତ ୧,୦୦୦ ,, | ୧,୫୦୦ ,, | | ୧୦୫ |
| ଅତିରିକ୍ତ ୩୫୦୦ ,, | ୫୦୦୦ ,, | ୨୧୦ | ୩୧୫ |
| ଅତିରିକ୍ତ ୫୦୦୦ ,, | ୧୦,୦୦୦ ,, | ୩୦୦ | ୬୧୫ |

ପ୍ରତ୍ୟେକ ପର୍ଯ୍ୟାୟରେ ମୋଟ ଯେତିକି ଟଙ୍କା ବିନିଯୋଗ କରାଯିବ, ସେତିକି ଖର୍ଚ୍ଚରେ ପହଞ୍ଚିବା ପାଇଁ ଯଥାଯଥ ଜଳ-ବିଦ୍ୟୁତ୍ ଉନ୍ନୟନ ପର୍ଯ୍ୟାୟର ଖର୍ଚ୍ଚ ସହିତ ଏହି ଖର୍ଚ୍ଚ ଯୋଗ କରିବାକୁ ପଡ଼ିବ ।

ଶେଷ ପର୍ଯ୍ୟାୟରେ ବିଦ୍ୟୁତ୍ ବିକାଶ ପାଇଁ ମୋଟ ବିନିଯୋଗର ପରିମାଣ ହେବ :—

(କୋଟି ଟଙ୍କା)

| | |
|---|---|
| ନଦୀ ଉପତ୍ୟକା ପରିଯୋଜନାରୁ ... | ୬୦୫.୯୮ |
| ତାଳଚେର ତାପ-ବିଦ୍ୟୁତ୍ ପରିଯୋଜନାରୁ | ୬୧୫.୦୦ |
| ମୋଟ ... | ୧,୨୨୦.୯୮ |

ଏହି ହିସାବରେ ପୂର୍ଣ୍ଣ ଉନ୍ନୟନ ଅବସ୍ଥାରେ ଉକ୍ତ ସମ୍ମିଳିତ ସଂସ୍ଥାର ଉତ୍ପାଦନ ଖର୍ଚ୍ଚ ୟୁନିଟ (କିଲୋୱାଟ ଘଣ୍ଟା) ପିଛା ୧.୮୫ ନୂ: ପ: ପଡ଼ୁଛି ।

## ସମନ୍ୱୟ-ସମସ୍ୟା

ମୋଟ ଯୋଜନାଟିର ଖର୍ଚ୍ଚ ବନ୍ୟାନିୟନ୍ତ୍ରଣ, ଜଳସେଚନ, ନୌଚାଳନ ଓ ଜଳବିଦ୍ୟୁତ୍‌ଶକ୍ତି ପାଇଁ ୯୨୮ କୋଟି ଟଙ୍କା ଓ ତାପଜ ବିଦ୍ୟୁତ୍ ପାଇଁ ୬୧୫ କୋଟି ଟଙ୍କା—ଏହିପରି ମୋଟ ୧,୫୪୩ କୋଟି ଟଙ୍କା ପଡ଼ିବ । ଏଥିମଧ୍ୟରୁ ୧୮୫ କୋଟି ଟଙ୍କା 'ଏ'(A) ଶ୍ରେଣୀଭୁକ୍ତ କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଗଲାଣି କମ୍ବା ହେବା ପାଇଁ ରଖାଯାଇଛି । ଅବଶିଷ୍ଟ ୧୩୫୮ କୋଟି ଟଙ୍କା, ଧରାଯାଉ, ୫ଟି ପାଞ୍ଚବର୍ଷିଆ ଯୋଜନାରେ ଖର୍ଚ୍ଚ କରାଯିବାପାଇଁ ବଣ୍ଟାଇ ଦିଆଯିବ । ଅବଶ୍ୟ ଯଥେଷ୍ଟ ସମ୍ବଳ ମିଳିବା ଉପରେ ଏହା ନିର୍ଭର କରୁଛି; କିନ୍ତୁ ଟିକରପଡ଼ା-ରଣିଆ ଯୋଜନାଟି ତୁରନ୍ତ କାର୍ଯ୍ୟକାରୀ ହେବାପାଇଁ ହାତକୁ ନିଆଯିବା

ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବା ଦରକାର । ତୃତୀୟ ଯୋଜନାର ଅତ୍ୟାବଶ୍ୟକ ଲକ୍ଷ୍ୟଗୁଡ଼ିକ ଅର୍ଥାତ୍ ବନ୍ୟାନିୟନ୍ତ୍ରଣ ଓ ଜଳସେଚନ ଦୃଷ୍ଟିରୁ ଏଗୁଡ଼ିକର କାର୍ଯ୍ୟ ୧୯୬୩ ପୂର୍ବରୁ ଶେଷ ହେବା ଆବଶ୍ୟକ । ଟିକରପଡ଼ା-ଗଣିଆ ଯୋଜନା ସମସ୍ତ କୃଷି ସମ୍ପର୍କୀୟ ଆର୍ଥନୀତିକ ଓ ଶିଳ୍ପଗତ ଅଗ୍ରଗତି ପାଇଁ ମୂଳଦୁଆ ହୋଇଥିବାରୁ ସମଗ୍ର ଯୋଜନାଟିର ଏହା ଅସ୍ଥିମଜ୍ଜା ସ୍ୱରୂପ । ତେଣୁ ଏହା ଶୀଘ୍ର ଶେଷ ହେଲେ, ତୃତୀୟ ଯୋଜନାର ଉତ୍ତରୋତ୍ତର କାର୍ଯ୍ୟକାରିତା ପାଇଁ ଆର୍ଥିକ ଓ ବୈଷୟିକ ସମ୍ବଳ ମିଳିବା ଦିଗରେ ଯଥେଷ୍ଟ ସାହାଯ୍ୟ କରିବ ।

## ଯୁକ୍ତରାଷ୍ଟ୍ରର ଟେନେସି ଉପତ୍ୟକା ଯୋଜନା

ଆଜି ଏହି ଯୋଜନାର ୩୧ଟି ବଡ଼ ବଡ଼ ଜଳବିଦ୍ୟୁତ୍ ବନ୍ଧ ଓ ୧୦ଟି ବାଷ୍ପ-କଳ (ଷ୍ଟିମ୍ ପ୍ଲାଣ୍ଟ) ରହିଛି ଓ ଏଥିରୁ ୧୨ନିୟୁତ କିଲୋୱାଟ ଶକ୍ତି ଉତ୍ପନ୍ନ ହେଉଛି । ଏହା ସମଗ୍ର ଯୁକ୍ତରାଷ୍ଟ୍ରର ବିଦ୍ୟୁତ୍-ଉତ୍ପାଦିକା ଶକ୍ତିର ଶତକଡ଼ା ୮ ଭାଗ । ଏଥିରେ ୧୭୫ କୋଟି ଡଲାର ଅର୍ଥାତ୍ ୮୪୦ କୋଟି ଟଙ୍କା ଖର୍ଚ୍ଚ ହୋଇ ଉତ୍ପାଦନ ଖର୍ଚ୍ଚ ୟୁନିଟ୍ ପିଛା ୧.୦୧ ନୂ: ପ: ପଡ଼ୁଛି । ଓଡ଼ିଶାର ଏହି ଯୋଜନାରେ ୧,୨୨୧ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୧୮.୫ ନିୟୁତ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ ।

ଆଗେ ଟେନେସି ନଦୀରେ ଭୀଷଣ ବନ୍ୟା ହୋଇ ମାଟି, ଘରଦ୍ୱାର ଓ ଜୀବଜନ୍ତୁ ଭସାଇ ନେଉଥିଲା । ଆଜି ଏହି ବନ୍ଧ ଫଳରେ ଉକ୍ତ ନଦୀ ପୋଷ ମାନିଛି । ଏବେ ଏହି ନଦୀର ଜଳଭଣ୍ଡାର ପୃଥିବୀର ଏକ ସୁନ୍ଦରତମ ଆଭ୍ୟନ୍ତରୀଣ ବିନୋଦନ ଅଞ୍ଚଳ ହୋଇଛି । ବର୍ଷକୁ ୧୦ ନିୟୁତ ପାଉଣ୍ଡ ମାଛ ଯୋଗାଉଛି । ଏହାର ଜଳଭଣ୍ଡାର ଦେଇ ଜାହାଜ ଯିବା ଆସିବା କରିପାରୁଛି । ୧୯୬୨ ମସିହାରେ ଏହି ଜଳପଥରେ ୧୩ ନିୟୁତ ଟନ ମାଲ କାରବାର କରାଯାଇଥିଲା ।

ଯୁକ୍ତରାଷ୍ଟ୍ରରେ ୭ଟି ରାଜ୍ୟର ପ୍ରାୟ ୮୦୦୦୦ ବର୍ଗମାଇଲ୍ ଅଞ୍ଚଳବ୍ୟାପୀ ଟେନେସି ଉପତ୍ୟକାରେ ବାସ କରୁଥିବା ଲୋକମାନଙ୍କ ଚଳାଚଳ ଓ ଜୀବନ-ଧାରଣର ପନ୍ଥା ଏହି ଯୋଜନା ଫଳରେ ପୁରାପୁରି ବଦଳି ଯାଇଛି ଏବଂ ଯୁକ୍ତରାଷ୍ଟ୍ରର ଏକ ଅନୁନ୍ନତ ଦରିଦ୍ର ଅଞ୍ଚଳ ଆଜି ସମୃଦ୍ଧିମନ୍ତ ହୋଇପାରିଛି ।

ଓଡ଼ିଶା ପାଇଁ ଯେଉଁ 'ତୃମ ନେ' ଯୋଜନା କରାଯାଇଛି, ସେଥିରେ ଟେନେସି ଉପତ୍ୟକା ଯୋଜନାର ସବୁ ଲକ୍ଷଣ ରହିଛି । ତାହା ଛଡ଼ା ଆଉ କିଛି ଅଧିକା ମଧ୍ୟ ରହିଛି । ତାହା ଏହି ଯେ ବର୍ତ୍ତମାନ ଓଡ଼ିଶାରେ ଯେତେ ଜମିରେ ଜଳସେଚନ ହେଉଛି, ଉକ୍ତ ଯୋଜନା ଫଳରେ ତା' ଅପେକ୍ଷା ଆହୁରି ୭ ନିୟୁତ ଏକର ଅଧିକା ଜମିରେ ଜଳସେଚନ କରାଯାଇପାରିବ । ଯଦି ଆବଶ୍ୟକ ପରିମାଣରେ ସମ୍ବଳ ମିଳେ, ତେବେ ଟେନେସି ଯୋଜନା ଯୁକ୍ତରାଷ୍ଟ୍ର ପାଇଁ ଯେତିକି କାର୍ଯ୍ୟ କରିଛି, ଓଡ଼ିଶାର ଯୋଜନା ଓଡ଼ିଶା ତଥା ପଶ୍ଚିମ-ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ପାଇଁ ତାହା ଅପେକ୍ଷା ଅଧିକ କାର୍ଯ୍ୟ କରିବ ।

## ଟିକରପଡ଼ା ବନ୍ଧ ତଥା ଗଣିଆ ବନ୍ଧ ଯୋଜନା

ଏହାହିଁ ଓଡ଼ିଶାର ଭାଗ୍ୟନିୟନ୍ତ୍ରୀ ଯୋଜନା— ୧୯୬୩-୭୩ ଦଶକର ଯୋଜନା । ଯଦି ଓଡ଼ିଶା ତାର ଚିର-ଦାରିଦ୍ର୍ୟ ଓ ଅନଗ୍ରସର ଅବସ୍ଥାରୁ ବାହାରି ଭାରତର ଅର୍ଥନୀତିକୁ ନିଜର ଉଲ୍ଲେଖଯୋଗ୍ୟ ଅବଦାନ ଦେବାକୁ ଚାହେଁ, ତେବେ ଏହି ବନ୍ଧ ନିଶ୍ଚୟ କରାଯିବା ଉଚିତ ।

### ଆର୍ଥିକ ବ୍ୟୟ

ଏ ଯୋଜନାରେ ବନ୍ଧ (ଡ୍ୟାମ୍), ବିଦ୍ୟୁତାଗାର ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୧୮୮.୭୦ କୋଟି ଟଙ୍କା;

ଏବଂ ବ୍ୟାରେଜ୍ ଓ ୪୬୫ ମାଇଲ୍ ଜଳସେଚନ-ତଥା-ନୌଚାଳନ କେନାଲ୍ ପାଇଁ ୨୧୫.୮୯ କୋଟି ଟଙ୍କା—ଏହିପରି ମୋଟ ୪୦୪.୪୯ କୋଟି ଟଙ୍କା ଖର୍ଚ୍ଚ ହେବ; ଯଥା:—

| | | |
|---|---|---|
| ବନ୍ୟା-ନିୟନ୍ତ୍ରଣ | ... | ୩୫ କୋଟି ଟଙ୍କା |
| ଜଳସେଚନ | ... | ୧୦୨.୧୭ କୋଟି ଟଙ୍କା |
| ବିଦ୍ୟୁତ୍ | .. | ୨୬୭.୩୨ କୋଟି ଟଙ୍କା |
| ମୋଟ୍ | | ୪୦୪.୪୯ କୋଟି ଟଙ୍କା |

## ବନ୍ୟା-ନିୟନ୍ତ୍ରଣ

ଏହି ବନ୍ଧ ହେବା ଫଳରେ ମହାନଦୀର ବନ୍ୟା ସମ୍ପୂର୍ଣ୍ଣ ଏବଂ ବ୍ରାହ୍ମଣୀ ଓ ବୈତରଣୀ ବନ୍ୟା ଆଂଶିକ ଭାବରେ ଆୟତ୍ତ କରାଯାଇ ପାରିବ । ଫଳତଃ ବନ୍ୟା-ମୁକ୍ତ ଅଞ୍ଚଳରେ ଖରିଫ୍ ଓ ରବି ଦୁଇଟି ଫସଲ ହୋଇ ପାରିବ । ଏଥିରେ ପ୍ରାୟ ୩୫ କୋଟି ଟଙ୍କା ଖର୍ଚ୍ଚ ହେଲେ ବନ୍ୟା-ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇ-ପାରିବ ।

## ଜଳସେଚନ

ଏହି ଯୋଜନା ଫଳରେ ୨,୧୧୮,୦୦୦ ଏକର ଅଧିକ ଜମିରେ ଜଳସେଚନ ହୋଇପାରିବ ଓ ଜଳସେଚିତ ଫସଲ ଜମିର ପରିମାଣ ୩,୩୮୯,୦୦୦ ଏକର ହେବ । ଜଳସେଚନ ପାଇଁ ରଖାଯାଇଥିବା ମୋଟ ୧୦୨.୧୭ କୋଟି ଟଙ୍କାରୁ ଜଳସେଚିତ ଫସଲ ଜମି ପାଇଁ ଏକର ପିଛା ଖର୍ଚ୍ଚ ୩୦୨ ଟଙ୍କା ହେବ ।

ବର୍ତ୍ତମାନ ଓଡ଼ିଶାରେ ସବୁ ଯୋଜନାରୁ ଜଳସେଚନର ସୁବିଧା ପାଉଥିବା ଜମିର ପରିମାଣ ହେଉଛି ୭୭୭,୬୩୩ ଏକର ଖରିଫ୍ ଓ ୩୧୧,୭୧୫ ଏକର ରବି, ମୋଟ ଫସଲ ଜମି ୧,୦୮୯,୩୪୮ ଏକର । ଏଥିରୁ ୭ ଲକ୍ଷ ଏକର ହୀରାକୁଦ ଅଞ୍ଚଳରେ ଓ ୩୮୯,୩୪୮ ଏକର ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ।

## ବିଦ୍ୟୁତ୍‌ଶକ୍ତି

ଟିକରପଡ଼ା-ଗଣିଆ ବିଦ୍ୟୁତ୍-ସଂସ୍ଥାଗୁଡ଼ିକ ପୂର୍ଣ୍ଣ ହେବା ଅବସ୍ଥାକୁ ଆସିବା ପୂର୍ବରୁ 'ଏ (A)' ଶ୍ରେଣୀ ବିଦ୍ୟୁତ୍ ଯୋଜନାଧୀନରେ ୧,୦୦୫,୦୦୦ କିଲୋୱାଟ ଜଳବିଦ୍ୟୁତ୍‌ଶକ୍ତି ଓ ତାଳଚେରର ତାପଜ ବିଦ୍ୟୁତ୍ ପରିକଳ୍ପନା ଅଧୀନରେ ୫୦୦,୦୦୦ କିଲୋୱାଟ ଶକ୍ତି, ଏହିପରି ମୋଟ ୧,୫୦୫,୦୦୦ କିଲୋୱାଟ ଶକ୍ତି ଉତ୍ପାଦନ କଲା ଭଳି ୟୁନିଟ୍‌ମାନ ସ୍ଥାପିତ ହୋଇସାରିଥିବ ।

ଗଣିଆ କେନାଲଟି ମୁଣ୍ଡଳି ବନ୍ଧର ଉପର ମୁଣ୍ଡରେ ମହାନଦୀକୁ ପ୍ରବାହିତ ହେବ । ଟିକରପଡ଼ା ବନ୍ଧ ନିର୍ମିତ ହେବାର ଯଥେଷ୍ଟ ଆଗରୁ ମଧ୍ୟ ଏଥିରୁ ଜଳବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୋଇପାରିବ । ମୁଣ୍ଡଳି ବନ୍ଧର ଉପରପଟେ ପ୍ରାୟ ୯୩ ଫୁଟ ଉପରୁ ପାଣି ପଡ଼ିବାର ସୁବିଧା ଥିବାରୁ ସେଥିରୁ ପୂରାପୂରି 'ଲୋଡ୍' ନେଲା ଭଳି ୮ ମେଗାୱାଟ ଓ ୩୦% ଲୋଡ୍ ନେବା ଭଳି ୨୭୦ ମେଗାୱାଟ୍ ବିଦ୍ୟୁତ୍ ମିଳି-ପାରିବ ।

ଟିକରପଡ଼ା-ଗଣିଆ ଯୋଜନାରୁ ୧,୨୯୫,୦୦୦ କିଲୋୱାଟ (୧୦୦%ଲୋଡ୍) ଓ ୪,୩୧୭,୦୦୦ କିଲୋୱାଟ (୩୦%ଲୋଡ୍) ବିଦ୍ୟୁତ୍‌ଶକ୍ତି ମିଳିବ । ଉକ୍ତ ୪,୩୧୭,୦୦୦ କିଲୋୱାଟ ଶକ୍ତି-ଉତ୍ପାଦକ ଇଉନିଟ୍ ସ୍ଥାପନ ପାଇଁ ୨୬୭.୩୨ କୋଟି ଟଙ୍କା ଖର୍ଚ୍ଚର ଅଟକଳ ରଖାଯାଇଛି ।

## ନୌ-ଚାଳନ

ଟିକରପଡ଼ା-ଗଣିଆ ଯୋଜନାରେ ବାରମାସି ୯ ଫୁଟ ବା ତତୋଧିକ ଗଭୀରତା (draught)ର ପ୍ରାୟ ୫୬୫ ମାଇଲ ଲମ୍ବର ସୁନାବ୍ୟ ଜଳପଥ ନିର୍ମାଣର ବ୍ୟବସ୍ଥା ରହିଛି । ଏହି ଜଳପଥ ଯୋଗେ ପାରାଦୀପ ବନ୍ଦରର ପାର୍ଶ୍ୱବର୍ତ୍ତୀ ପ୍ରଦେଶକୁ ବାଟ

ଖୋଳାଯିବ ଏବଂ ସେସବୁ ଅଞ୍ଚଳ ସହିତ ପାରାଦୀପ ଓ ଧାମରା ସାନ୍ତରାପୁର (ଚିଲିକା ହ୍ରଦ ନିକଟସ୍ଥ ପ୍ରସ୍ତାବିତ ବନ୍ଦର) ସଂଯୁକ୍ତ ହେବ।

ସମୁଦ୍ରଆଣି ପାଣିକୁ ଚିଲିକା ମଧ୍ୟକୁ ବହାଇନେବା ପାଇଁ ୪୦।୫୦ ଫୁଟ ଗଭୀରର ୩୨୪ ମାଇଲ ଲମ୍ବ ସେହି କେନାଲ ଖୋଳାଯିବ, ତାହା ଫଳରେ ଚିଲିକାର ପଶ୍ଚିମାଂଶରେ ୧୫୦ ବର୍ଗମାଇଲ ପରିମିତ ଏକ ସୁରକ୍ଷିତ ପୋତାଶ୍ରୟ ତିଆରି ହୋଇପାରିବ। ଏଠାରେ ମାଛଧରା ଜାହାଜ, ବଡ଼ ଜାହାଜ ଓ ବୁଡ଼ା ଜାହାଜ ପ୍ରଭୃତି ଲଙ୍ଗର ପକାଇ ରହିପାରିବ ଏବଂ ଏଗୁଡ଼ିକ ଦରକାର ହେଲେ ମରାମତି ବା ତିଆରି କରାଯାଇ ପାରିବ। ଏହି କେନାଲ ଖୋଳାଯିବା ଫଳରେ ତାହାର ପୂର୍ବ ପାର୍ଶ୍ୱ ବନ୍ଧଦ୍ୱାରା ଚିଲିକା ହ୍ରଦଟି ଦୁଇ-ଭାଗରେ ବିଭକ୍ତ କରାଯିବ। ଗୋଟିଏ ଭାଗ ପ୍ରାୟ ୩୫୦ ବର୍ଗମାଇଲ ପରିମିତ ଲୁଣା ପାଣିର ହ୍ରଦ ଓ ଅନ୍ୟଟି ପ୍ରାୟ ୧୦୦ ବର୍ଗମାଇଲ ପରିମିତ ମଧୁର ପାଣିର ଜଳାଧାର। ଏହା ଫଳରେ ଶିଳ୍ପ ବିକାଶ ବିଶେଷତଃ ମତ୍ସ୍ୟ-ଶିଳ୍ପ ବିକାଶର ସମ୍ଭାବନା ବୃଦ୍ଧି ପାଇବ।

## ମତ୍ସ୍ୟଶିଳ୍ପ ଓ ପର୍ଯ୍ୟଟନ

ଚିଲିକା ହ୍ରଦରୁ ବର୍ଷକୁ ପ୍ରାୟ ୩୫ ଶହ ଟନ୍ ମାଛ ମିଳୁଛି। ଉକ୍ତ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଲେ ମତ୍ସ୍ୟ-ଉତ୍ପାଦନ ଓ ତଜ୍ଜନିତ ଆୟ ବୃଦ୍ଧି ପାଇବ। ଏହା ଛଡ଼ା ମଧୁର ପାଣିର ମାଛଚାଷ ପାଇଁ ୬,୨୦,୦୦୦ ଏକର ପରିମିତ ଜଳଭଣ୍ଡାର ସୃଷ୍ଟି ହେବା ଫଳରେ ଅବସର-ବିନୋଦନ ଓ ପର୍ଯ୍ୟଟନ ପାଇଁ ଉପଯୁକ୍ତ କ୍ଷେତ୍ର ଯୋଗାଇବ।

## ବୁଡ଼ିଅଞ୍ଚଳ ଓ ପୁନର୍ବାସନ

ଟିକରପଡ଼ା-ଗଣିଆ ଯୋଜନା ଫଳରେ ୬,୨୦,୦୦୦ ଏକର ଜମି ବୁଡ଼ିଯିବ। ଏଥିରୁ ପ୍ରାୟ ୨,୦୦,୦୦୦ ଏକର ଜମିରେ ଚାଷ କରାଯାଉଅଛି। ଏହା ଫଳରେ ଯେଉଁମାନେ କ୍ଷତିଗ୍ରସ୍ତ ହେବେ, ସେମାନଙ୍କୁ କ୍ଷତିପୂରଣ ଦେବାପାଇଁ ୫୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଉଛି।

## ଆର୍ଥିକ ଦିଗ

ଟିକରପଡ଼ା-ଗଣିଆ ଯୋଜନାରେ ମୋଟ ୪୦୪.୪୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ଏଥିରୁ ୫୫ କୋଟି ଟଙ୍କା କେବଳ କ୍ଷତିପୂରଣ ଓ ଥଇଥାନ ପାଇଁ ଖର୍ଚ୍ଚ କରାଯିବ। ବର୍ତ୍ତମାନ ଯେଉଁ ୧୦ ଲକ୍ଷ ଏକରରେ ଜଳସେଚନର ସୁବିଧା ଅଛି, ଉକ୍ତ ଯୋଜନା ଫଳରେ ତାହା ଅପେକ୍ଷା ଅତିରିକ୍ତ ୩.୨ ନିୟୁତ ଏକରରେ ଜଳସେଚନ କରାଯାଇପାରିବ।

ଟିକରପଡ଼ା-ଗଣିଆ ଯୋଜନା କାର୍ଯ୍ୟକାରୀ ହେଉଥିବା ସଙ୍ଗେ ସଙ୍ଗେ ଇନ୍ଦ୍ରାବତୀ ଯୋଜନାର କାର୍ଯ୍ୟ ଚାଲିଥିବ। ଇନ୍ଦ୍ରାବତୀ ଯୋଜନାରେ କଳାହାଣ୍ଡି ଜିଲ୍ଲାର ୩,୫୦,୦୦୦ ଏକର ଜମିରେ ଜଳସେଚନ କରାଯାଇପାରିବ। ଏଥିରୁ ୬,୮୦,୦୦୦ କିଲୋୱାଟ୍ ବିଦ୍ୟୁତଶକ୍ତି ଉତ୍ପାଦିତ ହୋଇପାରିବ ଓ ସର୍ବମୋଟ ୫୬ କୋଟି ଟଙ୍କା ଖର୍ଚ୍ଚ ହେବ।

ଚୂଡ଼ାନ୍ତ ଯୋଜନାର ପ୍ରଧାନ ଲକ୍ଷ୍ୟଗୁଡ଼ିକୁ, ଅର୍ଥାତ୍ ବନ୍ୟାନିୟନ୍ତ୍ରଣ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ହାସଲ ପାଇଁ ୧୯୬୩-୭୩ ମଧ୍ୟରେ ୨୫୦ କୋଟି ଟଙ୍କା ଖର୍ଚ୍ଚର ସୂଚନା ଦିଆଯାଇଛି। ଏହା କାର୍ଯ୍ୟକାରୀ ହୋଇଗଲେ ଟିକରପଡ଼ା-ତାଳଚେର ଶିଳ୍ପ ସମ୍ଭାବନା ପ୍ରତିଷ୍ଠା ସମ୍ଭବ ହେବ ଓ ଗ୍ରାମାଞ୍ଚଳରେ ଶିଳ୍ପବିକାଶ ପରିକଳ୍ପନା ରୂପାୟିତ ହୋଇପାରିବ।

ଗୋଟିଏ ଷ୍ଟିଲ୍ କାରଖାନାର ମୂଲ୍ୟ ଅପେକ୍ଷା ଏହି ୨୫୦ କୋଟି ଟଙ୍କା କିଛି ଅଧିକ ନୁହେଁ। ଦଶ ବର୍ଷ ମଧ୍ୟରେ ଏତିକି ଟଙ୍କା ଖର୍ଚ୍ଚ କରିଦେଲେ ସାରା ଓଡ଼ିଶାର ପୂର୍ବାଞ୍ଚଳର ରୂପ ବଦଳିଯିବ ଓ ଦରିଦ୍ରତା ସମୃଦ୍ଧିରେ ପରିଣତ ହେବ। ଏହି ଦୃଷ୍ଟିରୁ ୧୯୬୩-୭୩ ଦଶକକୁ ଓଡ଼ିଶାର ଭାଗ୍ୟନିରୂପକ ବୋଲି କୁହାଯାଇପାରେ।

# ଦେଶର ପ୍ରତିରକ୍ଷାପାଇଁ

# ସ୍ମଲ୍ ସେଭିଂସ୍ ସିକ୍ୟୁରିଟିରେ

# ଅର୍ଥ ବିନିଯୋଗ କରନ୍ତୁ

୧ । ବାରବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ୍ ( ଟ୍ୱେଲ୍‌ଭ-ଇଅର୍ ନ୍ୟାସ୍‌ନାଲ୍ ଡିଫେନ୍‌ସ୍ ସାର୍ଟିଫିକେଟ୍)—ବାର୍ଷିକ ସୁଧ ଶତକଡ଼ା ୬.୨୫ (ମ୍ୟାଚ୍ୟୁରିଟିରେ) ।

୨ । ଦଶବର୍ଷିଆ ପ୍ରତିରକ୍ଷା ଅମାନତ ସାର୍ଟିଫିକେଟ୍ (ଟେନ୍-ଇଅର୍ ଡିଫେନ୍‌ସ୍ ଡିପୋଜିଟ୍ ସାର୍ଟିଫିକେଟ୍)—ବର୍ଷକୁ ସୁଧ ଶତକଡ଼ା ୪.୫୦ (ବର୍ଷକୁ ବର୍ଷ ଦିଆଯିବ) ।

୩ । ପନ୍ଦରବର୍ଷିଆ ଆନ୍ୟୁଇଟି ସାର୍ଟିଫିକେଟ୍ ( ଫିଫ୍‌ଟିନ୍-ଇଅର୍ ଆନ୍ୟୁଇଟି ସାର୍ଟିଫିକେଟ୍ )—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ । ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ ।

୪ । ପୋଷ୍ଟଅଫିସ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—୧୦,୦୦୦ ଟଙ୍କା ପର୍ଯ୍ୟନ୍ତ (ଯୁଗ୍ମ-ଆକାଉଣ୍ଟରେ ଟ୨୦,୦୦୦/-) ଜମା ଉପରେ ଶତକଡ଼ା ବାର୍ଷିକ ଟ୩½ ଏବଂ ଟ୧୦,୦୦୦/- (ଯୁଗ୍ମ-ଆକାଉଣ୍ଟରେ ଟ ୨୦,୦୦୦/-)ରୁ ଅଧିକ ଜମା ଉପରେ ଶତକଡ଼ା ବାର୍ଷିକ ୨½ ହାରରେ ସୁଧ ।

୫ । କ୍ୟୁମୁଲେଟିଭ୍ ଟାଇମ୍ ଡିପୋଜିଟ୍ ଆକାଉଣ୍ଟ—ପାଞ୍ଚବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୩.୩, ଦଶବର୍ଷିଆ ହିସାବ ପାଇଁ ଶତକଡ଼ା ୩.୮ ଓ ପନ୍ଦରବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୪.୩ ହାରରେ ଚକ୍ରବୃଦ୍ଧି ସୁଧ ।

୬ । ପ୍ରିମିୟମ୍ ପ୍ରାଇଜ୍ ବଣ୍ଡ୍—ପୁରସ୍କାର ମିଳିବା ସଙ୍ଗେ ସଙ୍ଗେ ୫ ବର୍ଷ ପରେ ସୁଧ ସହିତ ଜମା ଟଙ୍କା ଫେରସ୍ତ ମିଳେ ।

**ମନେ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିରାପତ୍ତା ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ । ସ୍ୱଳ୍ପସଞ୍ଚୟରେ ବିନିଯୋଗ କରାଯାଉଥିବା ଅର୍ଥ ଦେଶର ପ୍ରତିରକ୍ଷା-ବ୍ୟବସ୍ଥାକୁ ସୁଦୃଢ଼ ହେବାରେ ସାହାଯ୍ୟ କରିବ ।

ବିଶେଷ ବିବରଣ ପାଇଁ—

- ଦି ରିଜିଓନାଲ ଡିରେକ୍‌ଟର, ନ୍ୟାସନାଲ ସେଭିଂସ, ଓଡ଼ିଶା, କଟକ କିମ୍ବା
- ଡେପୁଟୀ ଡିରେକ୍‌ଟର, ସ୍ମଲ୍ ସେଭିଂସ୍, ଫାଇନାନ୍‌ସ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର କିମ୍ବା
- ନିଜ ନିଜ ଜିଲାର ଡିଷ୍ଟ୍ରିକ୍ଟ ସେଭିଂସ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ ।

# ଚୀନା ଅପପ୍ରଚାରର ନମୁନା

ରାଜସ୍ଥାନର କୋଟା ସହରଠାରୁ ୫୫ ମାଇଲ ଦୂରରେ ଦେଓଳି ଅବସ୍ଥିତ । ଏଠାରେ ଚୀନାମାନଙ୍କୁ ଅନ୍ତରୀଣ ବନ୍ଦୀରୂପେ ରଖା ଯାଇଅଛି । ଏଣେ ଭାରତବାସୀ ଦେଓଳି ଶିବିରରେ ବନ୍ଦୀମାନଙ୍କ ଜୀବନଧାରଣ ସମ୍ପର୍କରେ ବିଶେଷ କିଛି ଜାଣିବା ପୂର୍ବରୁ ହିମାଳୟ ସେପଟୁ ପିକିଙ୍ଗ ରେଡ଼ିଓରୁ କିଛି ଦିନତଳେ ପ୍ରଚାର କରାଗଲା ଯେ ଦେଓଳି ଶିବିରରେ ଥିବା ପରସ୍ପର ବିରୋଧୀ ଚୀନା ଅଟକବନ୍ଦୀମାନଙ୍କ ମଧ୍ୟରେ ସର୍ବଦା ଗଣ୍ଡଗୋଳ ଲାଗିରହିଛି—ଶିବିରରେ ଥିବା ଜଣେ ୧୩ ବର୍ଷର ଝିଅକୁ ପୋଡ଼ି ମାରି ଦିଆଯାଇଛି—ଇତ୍ୟାଦି । କିନ୍ତୁ ପ୍ରକୃତ କଥା ଏହାର ଓଲଟା । ଲୋମହର୍ଷଣକାରୀ ଆଜଗୁବି ଗଳ୍ପ ପ୍ରଚାରରେ ଚୀନ୍ ସରକାର କେତେଦୂର ପାରଙ୍ଗମ, ତାହା ଦେଓଳି ଶିବିରର ନିମ୍ନଲିଖିତ ବିବରଣୀରୁ ଜଣାପଡ଼ିବ । ବିବରଣୀଟି ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଛି—ସଂ ।

## ସମସ୍ୟା

ଚୀନ ଭାରତ ଉପରେ ଆକ୍ରମଣ କଲା ପରେ ଭାରତରେ ଥିବା ଚୀନା ନାଗରିକମାନଙ୍କୁ ନେଇ ଭାରତ ସରକାର ମହା-ଅଡୁଆରେ ପଡ଼ିଲେ । ଭାରତରେ ଥିବା ମୋଟ ୧୫ ହଜାର ଚୀନା ନାଗରିକଙ୍କ ଭିତରୁ ଦୁଇ ହଜାର ଜଣଙ୍କୁ ଦେଶର ନିରାପତ୍ତା ଦୃଷ୍ଟିରୁ ବିପଜ୍ଜନକ ମନେ କରାଯାଇଥିଲା । ସେମାନଙ୍କୁ ଅବଶେଷରେ ଦେଶରକ୍ଷା ଦୃଷ୍ଟିରୁ ରାଜସ୍ଥାନର ଦେଓଳିଠାରେ ଅଟକ ରଖାଗଲା । ୧୯୪୯ ମସିହାର ଜେନେଭା-ଚୁକ୍ତି ଅନୁସାରେ ସେମାନଙ୍କୁ ସଭ୍ୟ-ସମାଜର ସମସ୍ତ ସୁଖ-ସୁବିଧା ଦେବାର ବ୍ୟବସ୍ଥା ସେଠାରେ କରାଗଲା ।

## ଶିବିରର ପରିବେଶ

ପୃଥିବୀର କୌଣସି ସ୍ଥାନରେ ଯଦି କେହି ଅବସର-ବିନୋଦନ କେନ୍ଦ୍ର ବା ଛୁଟି ଶିବିର ଦେଖିଥାଆନ୍ତି, ତେବେ ସେ ଦେଓଳି ଶିବିର ସମ୍ପର୍କରେ ସମ୍ୟକ୍ ଧାରଣା କରିପାରିବେ । ଅବଶ୍ୟ ସେଥିରେ ବି ଟିକିଏ ପାର୍ଥକ୍ୟ ରହିଛି । ତାହା ହେଉଛି ଏହି ଯେ ଅବସର-ବିନୋଦନ କେନ୍ଦ୍ରରେ କୁଡ଼-କୁଡ଼ ପଇସା ଗଣି ଯେଉଁ ସୁଖ-ସ୍ୱାଚ୍ଛନ୍ଦ୍ୟ ପାଇବାକୁ ହୁଏ, ଦେଓଳିରେ ଅଟକବନ୍ଦୀମାନେ ତାହା ମାଗଣା ପାଆନ୍ତି । ଶିବିରରେ ଦଙ୍ଗା-ହଙ୍ଗାମା, ଅତ୍ୟାଚାର ତ ଦୂରର କଥା, ସେଠାକାର ସ୍ୱାଚ୍ଛନ୍ଦ୍ୟ ଓ ମୁକ୍ତ ପରିବେଶ ଛାଡ଼ି ଚୀନ ଫେରିଯିବା ପାଇଁ ମଧ୍ୟ କେତେକ ବନ୍ଦୀ ଅନିଚ୍ଛୁକ ହେଉଥିଲେ ବୋଲି ପ୍ରକାଶ ପାଇଛି ।

## ଶିବିର-ଜୀବନ

ଶିବିରବାସୀମାନେ ଉଚ୍ଚ ଛାତବିଶିଷ୍ଟ ବଡ଼ ବଡ଼ ଘରେ ବାସ କରୁଥିଲେ । ବାୟୁ ସଞ୍ଚାଳନ ପାଇଁ ଏ ଘରେ ଯଥେଷ୍ଟ ସୁବିଧା ଅଛି । ଘର ଚାରିପଟେ ଖୋଲା ପଡ଼ିଆ । ପରିଚାଳନା ପାଇଁ ଶିବିରକୁ ପାଞ୍ଚ ଭାଗରେ

ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ଭାଗ ପାଇଁ ଜଣେ ଜଣେ ନିର୍ବାଚିତ ନେତା ଥିଲେ । ଗଣତାନ୍ତ୍ରିକ ଭାବରେ ଗୋପନୀୟ ଭୋଟ ଯୋଗେ ଏହି ନେତାମାନଙ୍କୁ ନିର୍ବାଚିତ କରାଯାଉଥିଲା । ନେତାମାନେ ଶିବିର କର୍ତ୍ତୃପକ୍ଷଙ୍କ ସହ ସମ୍ପର୍କ ରଖି ନିଜ ନିଜ ଦାୟିତ୍ୱରେ ଥିବା ବନ୍ଦୀମାନଙ୍କ ହାନିଲାଭ ବୁଝୁଥିଲେ ।

ବନ୍ଦୀମାନଙ୍କୁ ଯେଉଁ ଖାଦ୍ୟ ଦିଆଯାଉଥିଲା, ତାହା ଉତ୍କୃଷ୍ଟ ଓ ଯଥେଷ୍ଟ; ଏପରି କି ଦୁର୍ଭିକ୍ଷପ୍ରପୀଡ଼ିତ ଚୀନର ମୂଳ ଭୂଖଣ୍ଡରେ ସାଧାରଣ ଲୋକେ ଯେଉଁ ଖାଦ୍ୟ ଖାଇବାକୁ ପାଉଛନ୍ତି, ତା' ତୁଳନାରେ ଦେଓଲି ଶିବିରର ଖାଦ୍ୟ ବହୁ ଗୁଣରେ ରୁଚିକର ଓ ସ୍ୱାସ୍ଥ୍ୟ-ଜନକ । ୧୨ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରତ୍ୟେକ ଶିବିରବାସୀଙ୍କୁ ପ୍ରତିଦିନ ୧୫ ଆଉନ୍ସ ଚାଉଳ, ୪ ଆଉନ୍ସ ଗହମ, ୬ ଆଉନ୍ସ ମାଂସ, ୬ ଆଉନ୍ସ ପରିବା, ୨ ଆଉନ୍ସ ଡାଲି, ଅଧ ଆଉନ୍ସ ଚିନି, ୧ ଆଉନ୍ସ ଦୁଧ ଓ ½ ଆଉନ୍ସ ତେଲ ମିଳେ । ୫ ବର୍ଷରୁ କମ୍ ବୟସର ପ୍ରତି ପିଲାକୁ ଦୈନିକ ଅଧଲିଟର ଦୁଧ ଓ ଏହା ଛଡ଼ା ଅନ୍ୟ ସମସ୍ତଙ୍କୁ ସପ୍ତାହରେ ତିନି ଥର ମାଂସ, ଦୁଇ ଥର ମାଛ ଓ ଥରେ ଅଣ୍ଡା ମିଳେ ।

ପ୍ରତ୍ୟେକ ଶିବିରବାସୀ 'ପକେଟ-ଖର୍ଚ୍ଚ' ହିସାବରେ ମାସକୁ ପାଞ୍ଚଟଙ୍କା ପାଏ । ଏହା ଛଡ଼ା ଶିବିର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଥିବା ଶିବିରବାସୀର ନିଜ ଟଙ୍କାରୁ ମଧ୍ୟ ସେ କ୍ୟାଣ୍ଟିନରୁ ବିଭିନ୍ନ ଜିନିଷ କିଣିବା ପାଇଁ ମାସିକ ୧୫୦ ଟଙ୍କା ପର୍ଯ୍ୟନ୍ତ ଏବଂ ଭାରତରେ ଥିବା ନିଜ ଆତ୍ମୀୟ-ସ୍ୱଜନଙ୍କ ନିକଟକୁ ପଠାଇବା ପାଇଁ ୩୫୦ଟଙ୍କା ପର୍ଯ୍ୟନ୍ତ ଉଠାଇପାରେ ।

## ଶିବିରରେ ସ୍ୱାସ୍ଥ୍ୟ

ପ୍ରଥମେ ଦୁଇ ହଜାର ଚୀନା ଅଟକବନ୍ଦୀ ଦେଓଲିରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କଲେରା ଓ ଟାଇଫଏଡ଼ ପ୍ରତିଷେଧକ ଟିକା ଦିଆଯାଇଥିଲା । ଆଜି ମଧ୍ୟ ପ୍ରତ୍ୟେକ ଅଟକବନ୍ଦୀଙ୍କୁ ରଞ୍ଜନରଶ୍ମି ସାହାଯ୍ୟରେ ପରୀକ୍ଷା କରାଯାଇଥିଲା ।

ଶିବିରର ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ । ପ୍ରତିଦିନ ସକାଳ ଛଅଟାରେ ମେହେନ୍ତରମାନେ ଶିବିର ସଫା କରନ୍ତି । ଟ୍ରାକ୍ଟର, ଟ୍ରେଲର ଯୋଗେ ଆବର୍ଜନାଗୁଡ଼ାକ ବାହାରକୁ ନିଆଯାଏ । ସାଧାରଣ ସ୍ୱାସ୍ଥ୍ୟ ବିଭାଗର ଜଣେ ଇନ୍‌ସପେକ୍ଟର ଏ କାର୍ଯ୍ୟର ତତ୍ତ୍ୱାବଧାନ କରନ୍ତି ।

ଶିବିରରେ ୫୦ ଶଯ୍ୟାବିଶିଷ୍ଟ ଏକ ଆଧୁନିକ ହସପିଟାଲ୍ ଅଛି । ଜଣେ ମହିଳା ଡାକ୍ତରଙ୍କ ସମେତ ଦୁଇ ଜଣ ଡାକ୍ତର ତଥା ନର୍ସ, କମ୍ପାଉଣ୍ଡର, ଧାଈ ଆଦି ସ୍ୱାସ୍ଥ୍ୟ-କର୍ମଚାରୀମାନଙ୍କୁ ଏ ହସପିଟାଲ୍‌ରେ ନିଯୁକ୍ତ ରଖାଯାଇଛି ।

ଶିବିରବାସୀମାନଙ୍କୁ ଜବରଦସ୍ତି କୌଣସି କାର୍ଯ୍ୟ ଦିଆଯାଏ ନାହିଁ । ସେମାନେ ନିଜ ଇଚ୍ଛା ଅନୁସାରେ ସମସ୍ତ କଟାଇ ପାରନ୍ତି । ଟେନିସ, ଭଲି ବଲ୍, ବ୍ୟାଡ୍‌ମିଣ୍ଟନ୍, ଚେସ୍, କ୍ୟାରମ୍ ଆଦି ବିଭିନ୍ନ ଖେଳ କସରତର ବ୍ୟବସ୍ଥା ସେମାନଙ୍କ ପାଇଁ କରାଯାଇଥିଲା ।

## ମନୋରଞ୍ଜନ

ପ୍ରତିଦିନ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଅଟକବନ୍ଦୀଙ୍କ ମନୋରଞ୍ଜନ ପାଇଁ ରେଡ଼ିଓ ଯୋଗେ ବିବିଧ ସଙ୍ଗୀତ ପରିବେଷଣ କରାଯାଏ । ସଙ୍ଗୀତ-ପ୍ରେମୀମାନଙ୍କ ପାଇଁ ବେହେଲା, ହାରମୋନିୟମ୍ ଓ ତବଲା ପ୍ରଭୃତି ମଧ୍ୟ ଯୋଗାଇ ଦିଆଯାଏ ।

## ଦୈନନ୍ଦିନ ଜୀବନ

ସକାଳ ୭ଟା ମଧ୍ୟରେ ଅନ୍ତେବାସୀ ବନ୍ଦୀମାନଙ୍କ ନାମରେ ଆସିଥିବା ଚିଠିପତ୍ର ସେମାନଙ୍କୁ ଦିଆଯାଏ

( ୪୧ ପୃଷ୍ଠା ଦେଖନ୍ତୁ )



## ଚୀନା ଅଟକବନ୍ଦୀମାନଙ୍କ ପ୍ରତି ଅତିଥିର ସମ୍ମାନ

●

## ଦେଓଳି ଶିବିରରେ ଚୀନା ବନ୍ଦୀଙ୍କ ସ୍ୱଚ୍ଛନ୍ଦ ଚଳାଚଳ

● ●

× × ସେମାନଙ୍କ (ଚୀନା ଶିଶୁମାନଙ୍କ) ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଏ ଓ ବହି-ସ୍ଲେଟ୍-ଖାତା ପ୍ରଭୃତି ଯୋଗାଇ ଦିଆଯାଏ । ବୟସ୍କ ଅଟକବନ୍ଦୀମାନେ ପିଲାମାନଙ୍କୁ ଶିକ୍ଷା ଦିଅନ୍ତି । × × ( ୪୧ ପୃଷ୍ଠା )



× × ବନ୍ଦୀମାନଙ୍କୁ ଧର୍ମ ଉପଦେଶ ଦେବା ପାଇଁ ଶିବିର ମଧ୍ୟରେ ଗୋଟିଏ ଗୀର୍ଜା ଓ ଜଣେ ପାଦ୍ରୀ ଅଛନ୍ତି × × ( ୪୧ ପୃଷ୍ଠା )

× × ଅଞ୍ଚଳବନ୍ଦୀମାନଙ୍କୁ ସକାଳ ୮ଟାରୁ ୯ଟା ମଧ୍ୟରେ ପରିବା ଓ ମାନ୍ତ ଆଦି ବାଣ୍ଟି ଦିଆଯାଏ × × ( ୪୧ ପୃଷ୍ଠା )

ଏଥରେ—ଜଣେ ବନ୍ଦୀ ଶିବିର ବାଣ୍ଟନରୁ ଗୋଟିଏ କୁକୁଡ଼ା ନେଇ ଫେରୁଛନ୍ତି





× × ଶିବିରର ବଡ଼ନ୍ତ ସ୍ଥାନରେ କ୍ରୀଡ଼ାରତ ଚୀନା-ଶିଶୁମାନଙ୍କୁ ଦେଖିବାକୁ ମିଳେ × × (୪୧ ପୃଷ୍ଠା)

ଶିବିରର ଦୋଳିରେ କ୍ରୀଡ଼ାରତ ଶିଶୁ



ଆସନ୍ତା କାଲିର ଯବାନ ପାଇଁ

ଆଜିର ଏ ଅମର କାହାଣୀ

# ରକ୍ତ-ଜବାଞ୍ଜଳି

ଉଠିଲା ଶଙ୍ଖ ବାଜି
ଜନଗଣ ପଥେ ତବ ଜୟ-ରଥ ଚକ୍ର-ମୁଖର ଆଜି......

ଜିଣିଲେ ସସାଗରା ଧରା, ମଲେ ଅଖଣ୍ଡ ସ୍ୱର୍ଗବାସ—
ଏଭଳି ପୁରସ୍କାର ଏକା ବୀରର ହିଁ ପ୍ରାପ୍ୟ

**ନେଫା** ରଣାଙ୍ଗନର ଅଗ୍ନି-ପରୀକ୍ଷାରେ ଶାସ୍ତ୍ରର ଏକ ପ୍ରତିଶ୍ରୁତି ରୂପାୟିତ ହୋଇଛି । ସମସ୍ତଙ୍କୁ ସମାନତାର ଯେଉଁ ପ୍ରତିଶ୍ରୁତି ଦେଇଥିଲା ଆମର ସମ୍ବିଧାନ—ଆଜ ସୀମାନ୍ତର ଡାକ ତାକୁ ରକ୍ତର କଷଟିରେ ଧାର ଦେଇଛି, ସବୁଦିନ ପାଇଁ ।

ପଞ୍ଜାବର ରୋହଟକ ଜିଲ୍ଲା ଅନ୍ତର୍ଗତ ଘାସୋଲା ଗ୍ରାମ, ନେଫାଠାରୁ କାହିଁ କେତେ ଦୂର । ଚୀନା ଆକ୍ରମଣର ଅଗ୍ନି-ପରୀକ୍ଷା ସେଇ ସୁଦୂର ଗାଁ ଭିତରୁ ଟାଣିଆଣିଥିଲା ମେଜର ବ୍ରହ୍ମ ସିଂହଙ୍କୁ ନେଫା ରଣାଙ୍ଗନକୁ ।

ବ୍ରିଗାଡିୟର ହୋସିଆର ସିଂଙ୍କ ସେନାବାହିନୀ ଅଧୀନରେ ବ୍ରହ୍ମ ସବ୍ଙ୍କୁ ଦିଆଯାଇଥିଲା ତୱାଙ୍ଗ ରଣାଙ୍ଗନର ଗୋଟିଏ 'ଫିଲ୍ଡ ବ୍ୟାଟେରୀ'(ଆଗ୍ନେୟାସ୍ତ୍ର-ମାଳା) ରକ୍ଷାର ଦାୟିତ୍ୱ । ତାଙ୍କ ନିକଟବର୍ତ୍ତୀ ଟୋଓ୍ୱାଙ୍ଗରୁ ନଦୀର ଘାଟିଟିକୁ ଜଗି ରହିଥାଆନ୍ତି ମେଜର ବ୍ରହ୍ମ ସବ୍ ।

ନଈ ସେପାଖରୁ ଭୁହାକୁ ଭୁହା ଚୀନା ମାଡ଼ି-ଆସୁଥାନ୍ତି । ପଙ୍ଗପାଳପରି ଅସଂଖ୍ୟ ସେମାନେ । କିନ୍ତୁ ବ୍ରହ୍ମ ସବ୍ ସେଇ ଦେଶର ଲୋକ, ଯେଉଁଠି ଛୋଟ ପିଲାଟିଏ ବି ଜାଣେ 'ହତୋବା ପ୍ରାପ୍ସ୍ୟସେ ସ୍ୱର୍ଗ ଜିତ୍ୱାବା ଭୋକ୍ଷ୍ୟସେ ମହୀ ।' ଦିନ ଦିନ ହୋଇ ତିନି ହପ୍ତା କଟିଗଲା—ତୋପମାଳାର ଗୁରୁ ଗମ୍ଭୀର ଗର୍ଜନରେ କାନ ତଉଡ଼ା ହୋଇଗଲା—କମାଣର ଧୂମପଟଳୀରେ ବ୍ରହ୍ମ ସବ୍ଙ୍କର ସାରା ଦେହ କଳା ହୋଇଗଲା । ତଥାପି ତାଙ୍କର ହାତ ଅବଶ ହୋଇ ନାହିଁ—କି ଚୀନାମାନେ ନଈ ଘାଟର ପାଖ ବି ମାଡ଼ିପାରି ନାହାନ୍ତି । ମେଜର ସବ୍ଙ୍କର ନେତୃତ୍ୱ ଓ ବୈଜ୍ଞାନିକ ଦକ୍ଷତା ଯୋଗୁଁ ଆମର କମାଣରୁ ଗୋଳାମାନ ଟୋଓ୍ୱାଙ୍ଗ ଯାଏ ଉମକ ଯାଇ ଅଗଣିତ ଶତ୍ରୁସୈନ୍ୟ କ୍ଷୟ କରିଛି—ଟୋଓ୍ୱାଙ୍ଗର ସରଗୁଡ଼ାକୁ ଦଖଲ କରିବା ପାଇଁ ଚୀନାଙ୍କୁ ଫୁରସତ୍ ● ଦେଇ ନାହିଁ ।

ବାଧ୍ୟ ହୋଇ ଚୀନାଏ ନିଜ ଅସ୍ଥାନ ସୁଡ଼ପାଖେ କୋଡ଼ଖାତ ଖୋଳି ଆତ୍ମଗୋପନ କରିଛନ୍ତି । ବାରମ୍ବାର ଗୋଟାଏ ସ୍ଥାନରୁ ଗୋଳାବୃଷ୍ଟି ହୋଇ ଅଗଣିତ ସେନାଙ୍କୁ କାବୁ କରି ରଖିଛି—ଏଣିକି ଚୀନାମାନେ ସହିପାରୁ ନ ଥିଲେ ପରା ! ପ୍ରାଣମୂର୍ଚ୍ଛା ହୋଇ ସେମାନେ ସୁବ୍ରମାହାରେ ଅଭିଯାନ ଚଳାଇଲେ—ସେ କୌଣସିମତେ ମେଜର ସବ୍ଙ୍କୁ ନିରସ୍ତ୍ର ନ କଲେ ଚୀନାବାହିନୀଙ୍କ ପକ୍ଷେ ନଈ ପାରିହେବା ସମ୍ଭବ ହେବ ନାହିଁ ।

ମେଜର ସବ୍ ଅଭିଯାନର ଗତିକୁ ଲକ୍ଷ୍ୟ କଲେ । ନିଜର କମାଣମାଳାର ମୁହଁ ଏପରି ନିର୍ଭୁଲଭାବେ ଲକ୍ଷ କଲେ, ଯେପରି କି ପ୍ରତ୍ୟେକ ଗୋଳା ଅବ୍ୟର୍ଥଭାବେ ଶତ୍ରୁଶ୍ରେଣୀ ଉପରେ ହିଁ ପଡ଼ୁଛି । ତାଙ୍କର ଅବ୍ୟର୍ଥ ଲକ୍ଷ୍ୟ ଶତ୍ରୁବ୍ୟୂହ ମଧ୍ୟରେ ଆତଙ୍କ ଖେଳାଇଦେଲା । ଥରେ ନୁହେଁ, ଦୁଇ ଥର ନୁହେଁ—ସୁଦ୍ଧ ସୁଦ୍ଧ ବାର ଶହ ଶହ, ହଜାର ହଜାର ଚୀନା ଲାଇନକୁ ଲାଇନ ମିଶାଇ ମାଡ଼ିଆସିଛନ୍ତି ଆଗକୁ । ଶତ ରଥୀ ମଧ୍ୟରେ ବାଳକ ଅଭିମନ୍ୟୁ ପରି ମେଜର ସବ୍ ନିଜର ଅବ୍ୟର୍ଥ କମାଣ ଚଳାଇ ସେମାନଙ୍କୁ ପଛକୁ ହଟାଇ ଦେଇଛନ୍ତି—ଜୀବନ୍ତ ଆଗ୍ନେୟଗିରିରୁ ସର୍ବ-ଗ୍ରାସୀ ଅଗ୍ନିଝଲକ ପରି ଉତ୍ତପ୍ତ ଗୋଳା ଆଗରେ ଶତ୍ରୁବାହିନୀ ମୁଣ୍ଡ ଟେକି ନ ପାରି ଛତ୍ରଭଙ୍ଗ ହୋଇଛି । ଚୀନାଙ୍କ ପାଇଁ ଏଭଳି ରୌରବ ନରକ ସୃଷ୍ଟି କରି ମେଜର ସବ୍ଙ୍କ ଅଧୀନସ୍ଥ ଗୋଲନ୍ଦାଜ ବାହିନୀ ସେଦିନ ଭାରତୀୟ ଯବାନ୍‌ର ବୀରପଣ ପୃଥିବୀ ଆଗରେ ପ୍ରମାଣିତ କରି ଦେଇଛନ୍ତି ।

କିନ୍ତୁ ସବୁଥିର ସୀମା ଅଛି । ସମୁଦ୍ର ଢେଉ ପରି ଭୁହାକୁ ଭୁହା ଶତ୍ରୁସୈନ୍ୟ ମାଡ଼ିଆସିଲେ—ସେମାନଙ୍କୁ ନିପାତ କରିବା ଜଣେ ଦିଜଣଙ୍କ ପକ୍ଷେ ଅସମ୍ଭବ । ସେଥିପାଇଁ ପରଦିନ ମେଜର ସବ୍ଙ୍କ କମାଣ-ବାହିନୀଙ୍କୁ ଆଦେଶ ହେଲା—ସମ୍ମୁଖ ରଣାଙ୍ଗନରୁ ପଛକୁ ହଟି ଯିବା ପାଇଁ । ସମସ୍ତ ବାହିନୀକୁ ପଛକୁ ହଟାଇ ନେଉଥିବା ବେଳେ ଅଚାନକ ସେମାନଙ୍କ ଉପରେ ହୋଇଛି ପ୍ରଚଣ୍ଡ ଗୋଳାବୃଷ୍ଟି—ଅତି ନିକଟରୁ—ଲୁକ୍କାୟିତ ଏକ ଚୀନାବାହିନୀଙ୍କ ଦ୍ୱାରା । ଏ ଅତର୍କିତ ଆକ୍ରମଣର ପ୍ରତିରୋଧ ପାଇଁ ସୁବିଧା ବି ମିଳିନାହିଁ ମେଜର ସବ୍ଙ୍କୁ ।

ମେଜର ସବ୍ଙ୍କ ଗାଡ଼ିରେ ନିଆଁ ଲାଗିଗଲା । ସେ ନିଜେ ବି ଶତ୍ରୁଗୁଳିରେ ଆହତ । ତଥାପି ସେ ସାହସ

( ୬୪ ପୃଷ୍ଠା ଦେଖନ୍ତୁ )

# ଲେମ୍ବୁ-ଘାସର ତେଲ (ଲେମନ୍ ଗ୍ରାସ୍ ଅଏଲ୍)
# ବୈଦେଶିକ ମୁଦ୍ରା ଅର୍ଜନର ଉପାୟ

● ●

ଗତ ବହୁ ଶତାବ୍ଦୀ ହେଲା ଭାରତୀୟ ତୈଳମୂଳକ ପୃଥିବୀ ଉପରେ ବିଶେଷ ପ୍ରଭାବ ବିସ୍ତାର କରି ଆସିଅଛି । ଶୁଣାଯାଏ, ସ୍କଟ୍‌ମାନଙ୍କ ରାଣୀ ମେରୀ ନିଜର ଗାଧୁଆ-ପାଣିକୁ ସୁବାସିତ କରିବା ପାଇଁ ସୁଗନ୍ଧ ଭାରତୀୟ ଅତର ବ୍ୟବହାର କରୁଥିଲେ । ଏ ହେଲା ୪୦୦ ବର୍ଷ ତଳର କଥା । କିନ୍ତୁ ଆଜି ମଧ୍ୟ ଗୋଟିଏ ପ୍ରକାର ଭାରତୀୟ ଘାସ, ପୃଥିବୀର ବହୁ ଅଞ୍ଚଳରେ ବ୍ୟବହୃତ ମୂଲ୍ୟବାନ୍ ଗାଧୁଆ ସାବୁନକୁ ସୁବାସିତ କରିବାରେ ବ୍ୟବହୃତ ହେଉଛି ।

କେରଳ ଅଞ୍ଚଳରେ ଏ ଘାସ ଜନ୍ମେ । ଉଦ୍ଭିଦ-ଶାସ୍ତ୍ରରେ ଏହାର ନାମ Cymbopogon Flexosus । ସେ ରାଜ୍ୟରେ ମଧ୍ୟ ଏହା ବହୁଳ ପରିମାଣରେ ଚାଷ କରାଯାଏ । ଏ ଘାସର ବିଶେଷତ୍ୱ ଏହି ଯେ, ଏଥିରୁ ୨।୩ଟି ପତ୍ର ଧରି ହାତରେ ମକଚିଦେଲେ ସେଥିରୁ ଲେମ୍ବୁର ଖୁସବୋ (ସୁବାସ) ବାହାରେ । ଏହି ସୁବାସ ଯୋଗୁଁ ହିଁ ସମୁଦାୟ ଘାସକୁ ଲେମ୍ବୁ ଘାସ (ମାଲୟାଲମ୍ ଭାଷାରେ 'ପୁଲ ଥାଇଲମ') କୁହାଯାଇଛି ।

୧୦୦ ବର୍ଷରୁ ଅଧିକ କାଳ ହେଲା ଭାରତରୁ ରପ୍ତାନି କରାଯାଇଥିବା 'ଲେମ୍ବୁ-ଘାସର ତେଲ' ପୃଥିବୀ ବଜାରରେ 'ପୂର୍ବଭାରତୀୟ ଲେମ୍ବୁ-ଘାସତେଲ' ବୋଲି ଖ୍ୟାତି ଲାଭ କରିଛି । କାଗଜପତ୍ରରୁ ଦେଖାଯାଏ ଯେ ୧୯ଶ ଶତାବ୍ଦୀର ଶେଷଆଡ଼କୁ ୧୦ ଟନ୍‌ରୁ ଅଧିକ ଲେମ୍ବୁ-ଘାସ-ତେଲ କୋଚିନ୍ ଓ କ୍ୱିଲନ ବନ୍ଦରରୁ ରପ୍ତାନି କରାଯାଉଥିଲା । ଗତବର୍ଷ ଭାରତ ପ୍ରାୟ ୨୪ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୧୫୪ ଟନ୍ ତେଲ ରପ୍ତାନି କରିଥିଲା ।

ଇଂଲଣ୍ଡ ଆମ ଲେମ୍ବୁ-ଘାସ-ତେଲର ପ୍ରଧାନ ଗରାଖ ହେଲେ ବି ଗତବର୍ଷ ଯୁକ୍ତରାଷ୍ଟ୍ର, ରୁଷିଆ, ଜାପାନ, ପଶ୍ଚିମ-ଜର୍ମାନୀ ଓ ନେଦରଲ୍ୟାଣ୍ଡ ଆମଠାରୁ ଏହି ତେଲ ୧୦୦ ଟନ୍‌ରୁ ଅଧିକ କିଣିଥିଲେ । ପୃଥିବୀରେ ଦରକାର ହେଉଥିବା ଏହି ତେଲର ଶତକଡ଼ା ୮୦ରୁ ୮୫ଭାଗ କେବଳ ଭାରତ ଯୋଗାଇଥାଏ ।

ଲେମ୍ବୁ-ଘାସ-ତେଲର ପ୍ରଧାନ ଉପାଦାନ ହେଉଛି 'ସାଇଟ୍ରାଲ (Citral)' । ଆଇଓନୋନ୍ ତିଆରିରେ ଏହା ବ୍ୟବହୃତ ହୁଏ, ତା ପାଇଁ ଏ ତେଲ ଏତେ ମୂଲ୍ୟବାନ୍ । ଆଇଓନୋନ୍ ବିଭିନ୍ନ ଉପାଦାନ ମିଶାଇ ବହୁପ୍ରକାର ଅତର ଓ ସୁବାସ ଦ୍ରବ୍ୟ ତିଆରି ହୁଏ । ଲେମ୍ବୁ-ଘାସ-ତେଲରେ ଶତକଡ଼ା ୭୮ରୁ ୮୦ ଭାଗ ସାଇଟ୍ରାଲ୍ ଥାଏ । ଏବେ ସାଇଟ୍ରାଲ୍‌ରୁ କୃତ୍ରିମ ଭିଟାମିନ୍ 'ଏ' ଭଳି ଉପାଦେୟ ସାମଗ୍ରୀମାନ ତିଆରି କରାଯାଉଛି ।

ଏବେ କେତେ ବର୍ଷ ମଧ୍ୟରେ [illegible]ମାନଙ୍କ ଘରେ ଲେମ୍ବୁ-ଘାସ-ତେଲର ବ୍ୟବହାର ବୃଦ୍ଧି ପାଉଛି । ପାଞ୍ଚ ବର୍ଷ ପୂର୍ବେ ଭାରତରେ ୫୦ ଟନ୍ ତେଲ ଭିଟାମିନ୍ 'ଏ' ତିଆରିରେ ଲାଗିଥିବା ସ୍ଥଳେ ଗତବର୍ଷ ପ୍ରାୟ ୨୫୦ ଟନ୍ ତେଲ ଲାଗିଥିଲା ।

ଅତୀତରେ ବଣୁଆ ଭାବରେ ଜନ୍ମୁଥିବା ଲେମ୍ବୁ-ଘାସରୁ ଅର୍କ ବ୍ୟବହାର କରି ତେଲ ତିଆରି କରାଯାଉଥିଲା । କ୍ରମେ ଏହାର ଚାହିଦା ବଢ଼ିଚାଲିବାରୁ କେରଳରେ ଏହାର ଧାରାବାହିକ ଚାଷ କରାଗଲା ।

ବର୍ତ୍ତମାନ ଏ ରାଜ୍ୟରେ ପ୍ରାୟ ୭୦,୦୦୦ ଏକରରୁ ଅଧିକ ଜମିରେ ଲେମ୍ବୁ-ଘାସ ଚାଷ କରାଯାଉଛି। ଆଉ ମଧ୍ୟ କେରଳ ସରକାର ଓଦକ୍କାଲଠାରେ ଗୋଟିଏ 'ଲେମ୍ବୁ-ଘାସ ଗବେଷଣା କେନ୍ଦ୍ର' ସ୍ଥାପନ କରିଛନ୍ତି, ଯେଉଁଠାରେ ଏ ଘାସର ଉତ୍ପାଦନ ଓ ଘାସ-ତେଲର ଗୁଣ ବଢ଼ାଇବା ପାଇଁ ଗବେଷଣା କରାଯାଉଛି।

ଏ ଘାସରୁ ତେଲ ବାହାର କରିବା ପ୍ରଧାନତଃ କୁଟୀର-ଶିଳ୍ପ ଆକାରରେ ରହିଛି। ଘାସ-କିଆରି ଗୁଡ଼ିକ ଇତସ୍ତତଃ ଓ ଛୋଟ ଛୋଟ ଚକ ଆକାରରେ ରହିଛି (ହାରାହାରି ଏକରରୁ ୫ ଏକର)। ଆଉ ଗୋଟିଏ ଅସୁବିଧା ହେଉଛି ଯେ ଘାସ ଶୁଖିଗଲେ ଜାଲେ ସେଥିରୁ ତେଲ-ଅଂଶ କମିଯିବ ଏଥିପାଇଁ ତାହାକୁ ବେଶି ଦିନ ପର୍ଯ୍ୟନ୍ତ ଗଦା କରି ରଖାଯାଉ ନାହିଁ।

ଘାସରୁ ତେଲ ବାହାର କରିବା ପାଇଁ ଅଧିକାଂଶ ଚାଷୀ ନିଜ ନିଜର ପୁରୁଣାକାଳିଆ ନିଆଁଭାଟି (Stills) ରଖିଛନ୍ତି। ଏହି ଭାଟିଗୁଡ଼ିକ ସାଧାରଣତଃ କୋଣାକୃତି କାହାଲ ଆକାରର। ପ୍ରତ୍ୟେକ ଭାଟି ଗୋଟିଏ ତମ୍ବା ନଳ ( Cylinder ) ଉପରେ ଖଞ୍ଜା ଯାଇଥାଏ ଓ ଏହାର ତଳ ପାଖରେ ମଣିଷ ଗଳିଯିବା ଭଳିଆ ଗୋଟିଏ ଗାତ ଥାଏ। ଏଇ ବାଟେ ତା ଭିତରକୁ ଲୋକ ଘାସ ଭର୍ତ୍ତି କରନ୍ତି କିମ୍ବା ଭାଟି ଭିତରୁ ଘାସର ଅବଶିଷ୍ଟ ଅଂଶ କାଢ଼ି ବାହାର କରନ୍ତି। ମାଟି ଓ ଇଟାରେ ତିଆରି ଗୋଟିଏ ଚୁଲି (ଫର୍ଣ୍ଣେସ) ବା ଚୁଲିର କାମ ଦିଏ। ଉକ୍ତ କୋଣାକୃତି କାହାଲ (ତଳମୁହାଁ) ନାଡ଼ିରୁ ଗୋଟିଏ 'ଘନୀଭବନ ଯନ୍ତ୍ର' (କଣ୍ଡେନ୍‌ସର୍) ନିଆଯାଇ ଅନୁଭୂମ ଏକ ଜଳପୂର୍ଣ୍ଣ କାଠ ପିମ୍ପା ମଧ୍ୟରେ ବୁଡ଼ାଇ ରଖାଯାଇଥାଏ। 'ଘନୀଭବନ ଯନ୍ତ୍ର' ବାଟେ କାହାଲରୁ ବାଷ୍ପ ଓ ତେଲ ଆସି ପିମ୍ପାର ପାଣି ଉପରେ ଭାସିବାକୁ ଲାଗେ।

ଏହା ବହଳିଆ ହୋଇଗଲେ ତାକୁ ତମ୍ବାର କରଚୁଲରେ କାଢ଼ିନେଇ ବୋତଲ୍‌ରେ ଭରି ଦିଆଯାଏ।

ହାରାହାରି ଘାସ ଓଜନର ଶତକଡ଼ା ୦.୩ରୁ ୦.୫ ଭାଗ ପର୍ଯ୍ୟନ୍ତ ତେଲ ବାହାରିଥାଏ। ଏକ ଏକରରୁ ହାରାହାରି ପ୍ରାୟ ୨୦ ଗ୍ରାମ୍ ତେଲ (ଅର୍କ) ମିଳେ।

ଏ ପର୍ଯ୍ୟନ୍ତ ଏହି ଶିଳ୍ପ-ପଥରେ ବାଧାବିଘ୍ନ ଥିଲା ବହୁତ। ଅର୍କ ବାହାର କରିବା ପ୍ରଣାଳୀ ସେକେଲର ହେଉଥିଲା। ଏଥିପାଇଁ ଯନ୍ତ୍ରପାତି ମଧ୍ୟ ଭଲ ଧରଣର ନ ଥିଲା। ତେଣୁ ଲେମ୍ବୁ-ଘାସରୁ ବାହାରୁଥିବା ତେଲ ଅପେକ୍ଷାକୃତ କମ୍ ଓ ନିକୃଷ୍ଟ ଧରଣର ହେଉଥିଲା। ଏହା ଫଳରେ ମୂଲ୍ୟର ଓଲଟ୍-ପାଲଟ୍ ହେଉଥିଲା। ଲୋକେ ସେଥିପାଇଁ ଏ ଘାସଚାଷକୁ ମନ ବଳାଉ ନ ଥିଲେ।

ଲେମ୍ବୁ-ଘାସ କିଆରିକୁ ଗଲେ ପ୍ରାୟ ଯେ କେହି ଦେଖିପାରିବ ଯେ ଠିକ୍ ତାରି ଭଳି ଆଉ ଗୋଟାଏ ଜାତିର ଘାସ ଲେମ୍ବୁ-ଘାସ ପାଖେ ପାଖେ ବାଡୁଙ୍ଗା ଭଳି ଚୂଆଁ ମେଲିଛି। ଏଇ ଅଜାଣିଆ ଘାସରୁ ସାଇଟ୍ରାଲ ମିଳେ ନାହିଁ। ତେଣୁ ଏହା ଲାଭପ୍ରଦ ନୁହେଁ।

ଆଗେ-ଲେମ୍ବୁ-ଘାସ ଚାଷୀମାନେ ସାଧାରଣତଃ ଏଇ ବାଡୁଙ୍ଗା ଘାସକୁ ଉପାଡ଼ିବା ପାଇଁ ଯତ୍ନ ନ କରି ଭଲ ଓ ମନ୍ଦ ସବୁ ଘାସକୁ ଏକାଠି କାଟି ଦେଇ ଅର୍କ ବାହାର କରୁଥିଲେ। ତେଣୁ ଅର୍କ ବେଶି ଓ ଭଲ ବାହାରୁ ନ ଥିବା ଫଳରେ ରପ୍ତାନି ବାଣିଜ୍ୟ ମାନ୍ଦା ହେଉଥିଲା।

ସେଥିପାଇଁ ଭାରତ ସରକାର ୧୯୫୭ ମସିହାରୁ ଲେମ୍ବୁ-ଘାସ-ତେଲ ରପ୍ତାନି କରିବାରେ ବାଧ୍ୟତାମୂଳକ କିସମ୍-କଟକଣା କଡ଼ାକଡ଼ି ଚାଲୁ କରିଛନ୍ତି। କୃଷି ଉତ୍ପାଦନ ( ଗ୍ରେଡ଼ିଙ୍ଗ ଓ ମାର୍କିଙ୍ଗ ) ଆଇନରେ ଲେମ୍ବୁ-ଘାସ-ତେଲର ଦୁଇଟି କିସମ୍ ସ୍ଥିର

ଜଣାଯାଇଛି—"ସ୍ପେଶାଲ୍" [ବିଶେଷ] ଓ "ଗ୍ରେଡ ଏ" (ପ୍ରଥମ ଶ୍ରେଣୀ) । 'ସ୍ପେଶାଲ୍' ତେଲରେ ସାଇଟ୍ରାଲ ଭାଗ ଶତକଡ଼ା ୮୦ରୁ କମ୍ ନୁହେ ଓ 'ଗ୍ରେଡ଼ ଏ' ତେଲରେ ଶତକଡ଼ା ୭୬ଭାଗରୁ କମ୍ ନୁହେ । ସେହି ବର୍ଷଠାରୁ କେବଳ 'ଆଗ୍ ମାର୍କ' ଲଗାଥିବା ତେଲ ଏ ଦେଶରୁ ବିଦେଶକୁ ରପ୍ତାନି ହୋଇ ଆସୁଛି ।

ବାଧ୍ୟତାମୂଳକ କିସମ୍-ନିୟନ୍ତ୍ରଣ ଯୋଗୁଁ ଈପ୍ସିତ ଫଳ ଫଳିଛି । ବିଦେଶରେ 'ପୂର୍ବଭାରତୀୟ ଲେମ୍ବୁ-ଘାସ-ତେଲ' ପ୍ରତି ଗ୍ରାହକଙ୍କର ଆସ୍ଥା ବଢ଼ିବା ଫଳରେ ରପ୍ତାନିର ପରିମାଣ ବୃଦ୍ଧି ପାଇଛି ।

ଭାରତୀୟ ଉପ-ମହାଦେଶରେ ଅର୍କପ୍ରଦ ବୃକ୍ଷ-ଲତା ପୂରି ରହିଛି । ଏ ସବୁଥିରୁ ଯେଉଁ ତେଲ ଓ ଅର୍କ ବାହାରୁଛି ତାହା ସାରା ପୃଥିବୀରେ ଲୋକପ୍ରିୟ ହୋଇ ପାରିଛି । କେତେ ଶହ ବର୍ଷ ପୂର୍ବେ ଭାରତ ଭୂମଧ୍ୟସାଗରୀୟ ଦେଶମାନଙ୍କୁ ଚନ୍ଦନ - ତେଲ ପଠାଉଥିଲା । ଏପରି କି ବର୍ତ୍ତମାନ ମଧ୍ୟ ଚନ୍ଦନ ତେଲ ବ୍ୟବସାୟରେ ଭାରତର ଏକଚାଟିଆ କାରବାର ବଜାୟ ରଖିଛି । କିନ୍ତୁ ବିଶେଷ ପରିମାଣରେ ବୈଦେଶିକ ମୁଦ୍ରା ଅର୍ଜନ କରୁଥିବା ଅତ୍ୟାବଶ୍ୟକ ତେଲ ମଧ୍ୟରେ 'ଲେମ୍ବୁ-ଘାସ'କୁ ହିଁ ପ୍ରଥମ ସ୍ଥାନ ଦିଆଯାଉଛି ।



# କଦଳୀ-ଚାଷ



କଦଳୀ ଗୋଟିଏ ପୁଷ୍ଟିକର ଖାଦ୍ୟ । କଦଳୀରେ ବହୁଳ ଖାଦ୍ୟପ୍ରାଣ, ପ୍ରୋଟିନ ଓ ଶ୍ୱେତସାର ଯଥେଷ୍ଟ ପରିମାଣରେ ଥିବାରୁ ଏହା ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ । ଆମ ଦେଶରେ ପ୍ରାଚୀନକାଳରୁ କଦଳୀର ଉପକାରିତା ଲୋକେ ବୁଝିପାରନ୍ତି । ତେଣୁ ପୂଜା-ପାର୍ବଣ, ପୁଣ୍ୟପର୍ବରେ ପାଚିଲା କଦଳୀ ଗୋଟିଏ ଅପରିହାର୍ଯ୍ୟ ଜିନିଷ । ଯେଉଁମାନେ ଉପବାସ କରନ୍ତି, ସେମାନେ ପାଚିଲା କଦଳୀ ଖାଇବାକୁ ପସନ୍ଦ କରନ୍ତି । କଞ୍ଚା କଦଳୀ ମଧ୍ୟ ଆମର ଗୋଟିଏ ଅତି ପ୍ରିୟ ପରିବା । ଏହା ଯେପରି ସୁସ୍ୱାଦୁ, ସେହିପରି ପୁଷ୍ଟିକର । ରୋଗୀମାନଙ୍କର ପଥ୍ୟ ପାଇଁ ଏହା ବିଶେଷ ଭାବରେ ଆବଶ୍ୟକ ହୋଇଥାଏ । କଦଳୀର ଖାଲି ଫଳ ଯେ ଆମର ଦରକାର, ତାହା ନୁହେଁ; କଦଳୀର ପତ୍ର, ମଞ୍ଜା, ଭଣ୍ଡା ସବୁ ଆମର କାମରେ ଲାଗେ ।

କଦଳୀ-ଚାଷ ଅତି ସହଜ । ଅଳ୍ପ ଖର୍ଚ୍ଚ ଓ ଅଳ୍ପ ପରିଶ୍ରମରେ କଦଳୀ ବଗିଚା କରାଯାଇ ପାରିବ । ଓଡ଼ିଶାର ସବୁ ଅଞ୍ଚଳରେ କଦଳୀ ଚାଷ କରାଯାଇ ପାରିବ । କିନ୍ତୁ ଦୁଃଖର କଥା, ଓଡ଼ିଶାବାସୀ କଦଳୀ-ଚାଷ ପ୍ରତି ବିଶେଷ ଧ୍ୟାନ ଦେଉନାହାନ୍ତି । ଫଳରେ ଆମ ରାଜ୍ୟରେ କି କଞ୍ଚା କି ପାଚିଲା ଉଭୟ ପ୍ରକାର କଦଳୀ ଦୁଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ । ପ୍ରତିଦିନ ହଜାର ହଜାର ଟଙ୍କାର କଦଳୀ ଆନ୍ଧ୍ର ପ୍ରଦେଶରୁ ଓଡ଼ିଶାକୁ ଆସୁଛି, ଅଥଚ ଟିକିଏ ମନ ଦେଲେ ଓଡ଼ିଶାବାସୀ ପ୍ରଚୁର କଦଳୀ ଚାଷ କରି ଏଦିଗରେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ । ଓଡ଼ିଶାରେ ଏକର ପ୍ରତି ହାରାହାରି ପଚିଶ ମହଣ କଦଳୀ ଆମଦାନୀ ହେଉଥିବାବେଳେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ଏକର ପ୍ରତି ଅଢ଼େଇ ଶହରୁ ତିନିଶହ ମହଣ କଦଳୀ ଆମଦାନୀ ହେଉଅଛି ।

## ମାଟି

ଦୋରସା ମଟାଳ ବା ପଙ୍କୁଆ ମାଟି କଦଳୀ-ଚାଷ ପାଇଁ ବିଶେଷ ଉପଯୋଗୀ । କିନ୍ତୁ ପାହାଡ଼ିଆ ଓ ମାଳ ଅଞ୍ଚଳରେ ମଧ୍ୟ କଦଳୀ ଚାଷ କରାଯାଇ ପାରିବ । ଘୋଷରାହୁଡ଼ା, ନଈକୂଳିଆ ଓ ନାଳକୂଳିଆ ଜାଗାରେ କଦଳୀ-ଚାଷ ଭଲ ହୁଏ । ମୋଟ ଉପରେ ଓଡ଼ିଶାର ସବୁ ଅଞ୍ଚଳରେ ସାମାନ୍ୟ ପରିଶ୍ରମରେ କଦଳୀ ଚାଷ କରାଯାଇ ପାରିବ । ଉପକୂଳବର୍ତ୍ତୀ ଅଞ୍ଚଳ ଏଥିପାଇଁ ବିଶେଷଭାବରେ ପ୍ରଶସ୍ତ ।

## କଦଳୀ-ଚାଷ

ଫଗୁଣ ଓ ଚଇତ ମାସରେ ଜମିକୁ ଭଲଭାବରେ ଚାଷ କରି ଦେବା ଦରକାର । ବୈଶାଖ ମାସରେ ପୁଆ ଲଗାଇବା ପାଇଁ ଗାତ ଖୋଳିବାକୁ ହେବ । ଗାତଗୁଡ଼ିକ ଦେଢ଼ ହାତ ଗଭୀର ଓ ଦୁଇ ହାତ

ଚଉଡ଼ା ହେବା ଦରକାର । ଗୋଟିଏ ଗାତ ଆଉ ଗୋଟିଏ ଗାତଠାରୁ ପାଞ୍ଚ ଛଅ ହାତ ଛଡ଼ାରେ ରହିବା ନିହାତି ଦରକାର । ଗାତ-ଗୁଡ଼ିକରେ ଶୁଖିଲା ପତ୍ର ଭର୍ତ୍ତି କରି ନିଆଁ ଲଗାଇ ଦେବାକୁ ହେବ । ତାପରେ ଗାତରୁ ବାହାରିଥିବା ମାଟିରେ ଦୁଇ ଟୋକେଇ ଶୁଖିଲା ଗୋବର ଖତ ବା କମ୍ପୋଷ୍ଟ ଖତ ମିଶାଇ ଭର୍ତ୍ତି କରି ଦେବାକୁ ହେବ । ଆଷାଢ଼ ମାସ ଆରମ୍ଭରେ କଦଳୀ ପୁଆ



ପୋତି ଗାତରେ ପାଉଁଶ, ଚିନାବାଦାମ ପିଡ଼ିଆ ଓ କିଛି କଞ୍ଚା ପତ୍ର ଦେବାକୁ ହେବ । କାର୍ତ୍ତିକ ମାସରେ ମଧ୍ୟ କଦଳୀ ଲଗାଯାଇ ପାରିବ ।

ଯେଉଁ ପୁଆ ପୋତିବ, ତାହା ନିରୋଗ ଓ ହୃଷ୍ଟପୁଷ୍ଟ ହୋଇଥିବା ଦରକାର । ଛୋଟ ଛୋଟ ପୁଆ ପୋତିବା ଭଲ । ବଡ଼ ପୁଆ ପୋତିଲେ ପତ୍ରଗୁଡ଼ିକ ଅଧାରୁ କାଟିଦେବା ଉଚିତ ।

## ଦେଖାଶୁଣା

କଦଳୀ-ବଗିଚାରେ ବେଶି ଦେଖାଶୁଣା ଦରକାର ହୁଏ ନାହିଁ । ତେବେ କାର୍ତ୍ତିକ ମାସ ବେଳକୁ ବଗିଚାକୁ ହଣାମଣି କରି ଗଛ ଚାରିପଟ ମାଟିକୁ ହୋଡ଼ିଦେବା ଦରକାର । ଗଛମୂଳରେ କିଛି ପାଉଁଶ, ଗୋବର ଖତ ଓ ହାଡ଼ଗୁଣ୍ଡ ଦେଲେ କଦଳୀ ଭଲ ଫଳେ । ଗଛଗୁଡ଼ିକ ସାତ ଆଠ ମାସର ହୋଇଗଲେ ଗଛ ମୂଳରେ ପିଡ଼ିଆ ଦେବା ଭଲ ।

ପବନ କଦଳୀଗଛର ବଡ଼ ଶତ୍ରୁ । ତେଣୁ ଗଛ ବଡ଼ ହୋଇଗଲେ ପ୍ରତି କଦଳୀଗଛରେ ବାଉଁଶ ଠେସ୍ ଦେବାକୁ ହେବ । କଦଳୀବୁଦା ଯେପରି ବହଳିଆ ନ ହୁଏ ସେଥିପ୍ରତି ନଜର ଦେବା ଦରକାର । ପ୍ରତି ବୁଦାରେ ମୂଳ ଗଛ ଛଡ଼ା ଦୁଇ ତିନୋଟି ପୁଆ ରଖି ବାକି ପୁଆଗୁଡ଼ିକୁ କାଟି ଦେବା ଦରକାର ।

କଦଳୀ-ବଗିଚାରେ ପାଣି ଯେପରି ଜମି ନ ରହେ ତାହା ଦେଖିବାକୁ ହେବ ।

ଫଳିବା ପୂର୍ବରୁ କଦଳୀଗଛରୁ ପତ୍ର କାଟିବା ଅନୁଚିତ । ତେବେ ଖଣ୍ଡେ ଅଧେ ପତ୍ର କଟାଯାଇ ପାରେ । କିନ୍ତୁ ଅଧିକ ପତ୍ର କାଟିଲେ ଗଛକୁ ବାଧା ହୁଏ । ଭଣ୍ଡା ଝଙ୍ଗିବା ଦେଲେ ତାହାଠାରୁ ଦୁଇଖଣ୍ଡ ଗୁଡ଼ ଝଙ୍ଗିବା ଉଚିତ । ଭଣ୍ଡା ଝଙ୍ଗି ସାରି ଝଙ୍ଗିବା ଜାଗାରେ ମାଟି ବୋଳିଦେଲେ ସେଥିରୁ ରସ ନିଗିଡ଼ିବା ବନ୍ଦ ହୋଇଯାଏ ।

କଦଳୀ ପାକଳ ହୋଇଗଲେ ତାହାକୁ କାଟି ନେଇ ଗଛଟି ମୂଳ ସହିତ ତାଡ଼ିଦେବା ଦରକାର । ଗଛର ମୁଣ୍ଡା ବୁଦାରେ ରହିଲେ ତାହା ପଚି ପୋକ ହୁଅନ୍ତି ।

କଦଳୀ ବୁଦାଟି ସବୁବେଳେ ସଫା ରଖିବା ଦରକାର । ମଝିରେ ମଝିରେ ଶୁଖିଲାପତ୍ର ଓ ପତ୍ରଗୁଡ଼ିକ କାଟି ସଫା କରିଦେବା ଉଚିତ ।

**ରୋଗ**

(୧) ଅଣ-କଦଳୀଆ :—ଉପଯୁକ୍ତ ଦେଖରେଖ ଅଭାବରୁ ଏହି ରୋଗ ହୁଏ । ଏହି ରୋଗ ହେଲେ ଗଛ ଅଗରେ ପୁଳା ପୁଳା ହୋଇ ଛୋଟ ଛୋଟ ପତ୍ର ବାହାରେ—ଗଛ ବଢ଼େ ନାହିଁ । ଏଭଳି ଗଛଗୁଡ଼ିକ ଓପାଡ଼ି ପୋଡ଼ିଦେବା ଦରକାର । "ବାନ୍ତଣା ବନ୍ଧୁଲ" ଏହି ରୋଗର ନିରୋଧକ ।

(୨) ମଞ୍ଜିକଳା :—କଦଳୀ ବଗିଚାରେ ପାଣି ଜମି ରହିଲେ ଏହି ରୋଗ ହୁଏ । ଏ ରୋଗ ହେଲେ ଗଛର ମଞ୍ଜ ସଢ଼ିଯାଏ ଓ ପତ୍ରଗୁଡ଼ିକ ହଳଦିଆ ପଡ଼ିଯାଏ । ଏହା ଗୋଟିଏ ସଂକ୍ରାମକ ରୋଗ । ତେଣୁ ଏହି ରୋଗ ଦେଖାଦେବା ସଙ୍ଗେ ସଙ୍ଗେ ଆକ୍ରାନ୍ତ ଗଛକୁ ମୂଳରୁ ତାଡ଼ି ବଗିଚାଠାରୁ ଦୂରରେ ପୋଡ଼ି ଦେବା ଉଚିତ ।

ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ କଦଳୀ-ଫସଲ ଖୁବ୍ ଲାଭଜନକ । ଆଜିକାଲି କଞ୍ଚା ହେଉ ବା ପାଚିଲା କଦଳୀ ହେଉ, ଗୋଟି ଅଣାକରୁ କମ୍ ନୁହେଁ । ଏକରେ ଜମିରେ କଦଳୀ ବଗିଚା କଲେ ବର୍ଷକୁ ଅନ୍ତତଃ ଦୁଇ ହଜାର ଟଙ୍କା ଲାଭ ମିଳେ ।

କଦଳୀ-ଚାଷ ସମ୍ପର୍କରେ ଗୋଟିଏ ଚାଷୀ-ବଚନ ଅଛି, ତାହା ହେଉଛି :—

"ଡାକେ ଚାଷଶ୍ରେ ଖୋଳିବ ଖାତ
ତହିଁର ଖଣ୍ଡିକେ ନ ଦେବ ହାତ ।
ଚାଷଶ୍ରେ ଗୁଣ୍ଡି ଲାଗିବ ଲଣ୍ଡା
ତେବେ ସେ ଦେଖିବ କଦଳୀପେଣ୍ଡା ।"

କଦଳୀ-ଚାଷୀମାନେ ଏହି ବଚନଟି ମନେ ରଖିବା ନିହାତି ଦରକାର ।

● ●

[ ଭାରତୀୟ କୃଷି-ଗବେଷଣା ପରିଷଦର ସୂଚନା ବିଭାଗ ସୌଜନ୍ୟରୁ ପ୍ରାପ୍ତ ]

( ୧୮ ପୃଷ୍ଠାର ଅବଶିଷ୍ଟାଂଶ )

ହସାଇ ନାହାନ୍ତି । ତୁରନ୍ତ ନିଜର ସ୍ୱଳ୍ପ ସୈନ୍ୟମାନଙ୍କ ବ୍ୟୂହ ରଚନା କରି ସେ ଶତ୍ରୁ ଅବସ୍ଥାନର ପାର୍ଶ୍ୱ ଦେଶ ଆକ୍ରମଣ କରିବା ପାଇଁ ଯୋଜନା କଲେ । କିନ୍ତୁ ଅଚାନକ ଆଉ ଗୋଟାଏ ଦିଗରୁ ତାଙ୍କର ମୁଷ୍ଟିମେୟ ଯବାନ ବାହିନୀଙ୍କ ଉପରେ ପ୍ରବଳ ଗୋଳାବୃଷ୍ଟି ହେବାକୁ ଲାଗିଲା । ଏହି ସମୟରେ ତାଙ୍କର ପ୍ରତ୍ୟାଗତ ବାହିନୀଙ୍କୁ ରକ୍ଷା କରୁଥିବା କମାଣର ଶବ୍ଦ ମଧ୍ୟ ବନ୍ଦ ହୋଇଗଲା—ଶତ୍ରୁ ସୈନ୍ୟଙ୍କ ବ୍ୟାପକ ଆକ୍ରମଣରେ ହୁଏତ କମାଣ-ଚାଳକ ନିହତ ହୋଇଥିବେ ।

ତଥାପି ମେଜର ସତ୍ ଦମ ନ ଯାଇ କୌଣସି-ମତେ ଶତ୍ରୁବ୍ୟୂହ ଉପରକୁ ଗୁଳି ଚଳାଇବାକୁ ଲାଗିଲେ । ହଠାତ୍ ପାଖରୁ କେଉଁଠୁ ଗୋଟାଏ 'ମେସିନଗନ୍' (ଯନ୍ତ୍ରଚାଳିତ ତୋପ) ର ଅବ୍ୟର୍ଥ ଗୁଳି ଚମକ ଆସି ତାଙ୍କର ବକ୍ଷ ଭେଦ କଲା—ମାରାତ୍ମକ ଆଘାତରେ ଛାତିରୁ ରକ୍ତଧାର ଛୁଟିବାକୁ ଲାଗିଲା ।

ଶରୀର ଅବଶ, ଆଖି ଆଗରେ ଓହ୍ଲାଇ ଆସୁଛି ମରଣର କଳା ପର୍ଦ୍ଦା, ଆଗକୁ ଯିବାର ଶକ୍ତି ନାହିଁ—ତଥାପି ମେଜର ସତ୍‌ଙ୍କର ଅବଚେତନ ମନ ପରାଜୟର ଗ୍ଲାନି ମାନିନେଇ ନାହିଁ । ତାଙ୍କର ଅବଶ ହାତ ବନ୍ଧୁକର ଘୋଡ଼ା ଟିପିଚାଲିଛି—ତାଙ୍କର ଅବ୍ୟକ୍ତ ମୁଖରୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବାହାରି ଆସିଛି—ନିଜର ଅଧୀନସ୍ଥ ସୈନିକଙ୍କ ପ୍ରତି ସେନାପତିର ନିର୍ଦ୍ଦେଶ "ଆଗେ ବଢ଼"......

ଆଉ ନୁହେଁ । ପବିତ୍ର ଜନ୍ମ ମାଟି ମାଆଟି ପରି ସ୍ନେହ ବଢ଼ାଇଛି—ମେଜର ସତ୍‌ଙ୍କ ଅବଶ ଶରୀରକୁ ଆଲିଙ୍ଗନ କରିନେବ ।

ମୃତ୍ୟୁଞ୍ଜୟୀର ମରଣ ମରଣ ନୁହେଁ—ବିଜୟର ଶଙ୍ଖ । ମେଜର ଗୁରୁବଚନ୍ ସେ ଦିନ ମାତୃ ପଦତଳେ ରକ୍ତ-ଜବାର ଯେଉଁ ତର୍ପଣ ଆରମ୍ଭ କରିଦେଇଗଲେ ତା'ର ଉନ୍ମାଦନାର ଲହର ସାରା ଭାରତର ପ୍ରାଣ-ତନ୍ତ୍ରୀକୁ ଯୁଗ ଯୁଗ ପାଇଁ ସ୍ପନ୍ଦିତ କରୁଥିବ ।

● ●




## —ଭାରତରେ ଲେମ୍ବୁ-ଘାସ-ତେଲ ତିଆରି—(୧୯ ପୃଷ୍ଠା ଦେଖନ୍ତୁ)

ଗ୍ରେଟ୍ ବ୍ରିଟେନ୍, ଆମେରିକା ଯୁକ୍ତରାଷ୍ଟ୍ର, ରୁଷ୍, ପଶ୍ଚିମ-ଜର୍ମାନି ଓ ଜାପାନ ପ୍ରଭୃତି ଦେଶରେ ଭାରତୀୟ ଲେମ୍ବୁ-ଘାସ-ତେଲର ବିଶେଷ ଚାହିଦା ରହିଛି । ଏଥିରୁ ସୁବାସିତ ଅର୍କ ଓ କୃତ୍ରିମ ଭିଟାମିନ 'ଏ' ଉତ୍ପାଦନ କରାଯାଇ ଗତବର୍ଷ ୧୧୫୪ ଟନ୍ ଲେମ୍ବୁ-ଘାସ-ତେଲ ରପ୍ତାନି କରାଯାଇଥିଲା ଓ ୭୫ କୋଟି ଟଙ୍କା ବୈଦେଶିକ ମୁଦ୍ରା ଆୟ କରାଯାଇଥିଲା ।

ଏ ଲେମ୍ବୁ-ଘାସ-ତେଲ ଭରାଯାଇଥିବା ଗୋଟିଏ ଟାଙ୍କି—କୋଚିନ କଷମ୍ ନିର୍ଦ୍ଧାରଣ କେନ୍ଦ୍ରରେ ପରୀକ୍ଷା କରିବା ପାଇଁ ଶ୍ରେଣୀବଦ୍ଧ ଡିରେକ୍ଟୋରେଟର ଜଣେ ଇନ୍ସପେକ୍ଟର ଏଥିରୁ ତେଲର ନମୁନା ନେଉଛନ୍ତି ।

ଭାରତର କେରଳ ରାଜ୍ୟ ଲେମ୍ବୁ-ଘାସ ଚାଷରେ ଅଗ୍ରଣୀ । ସେଠାରେ ୭୦,୦୦୦ ଏକରରୁ ଅଧିକ ଜମିରେ ଧାରାବାହିକଭାବରେ ଲେମ୍ବୁ-ଘାସ ଚାଷ କରାଯାଉଛି ।

ଡାହାଣରେ—ଲେମ୍ବୁ-ଘାସ-ତେଲ ଟାଙ୍କିରେ ଭର୍ତ୍ତି କରାଯାଇଛି । ତାର ଓଜନ୍ ଠିକ୍ ରହୁଛି କି ନା ଇନ୍ସପେକ୍ଟର ତାହା ପରିଦର୍ଶନ କରୁଛନ୍ତି





## ଭାରତରେ
## —ଲେମନ୍-ଘାସ-ତେଲ ଉତ୍ପାଦ—

—କେରଳ ରାଜ୍ୟସ୍ଥ ଓଡ଼ାକ୍କାଲିଠାରେ ଥିବା ସରକାରଙ୍କ ଲେମନ୍-ଘାସ ଗବେଷଣା କେନ୍ଦ୍ର ସଂଲଗ୍ନ ଗୋଟିଏ ଲେମନ୍-ଘାସକ୍ଷେତ୍ରର ଅଂଶ



—କୋଚିନ୍‌ଠାରେ ଥିବା ପ୍ରଧାନ ଘାସ-ତେଲ କାରଖାନାରେ ତେଲ-ଗୁଣର ସମ୍ବନ୍ଧୀୟ ପରୀକ୍ଷା କରାଯାଉଛି



କୋଚିନ୍‌ଠାରେ ଥିବା କସମ୍-କେନ୍ଦ୍ରର ପରୀକ୍ଷାଗାରରେ ଲେମନ୍-ଘାସ-ତେଲର କସମ୍ ନିରୂପଣ କରିବା ପାଇଁ ପରୀକ୍ଷାରତ ରସାୟନବିତ୍

# ବିଦ୍ୟାଳୟଗାମୀ ଭାରତ

● ●

୧୯୧୨ ମସିହା । ସେତେବେଳର କେନ୍ଦ୍ରୀୟ ବିଧାନସଭାରେ ବାଧ୍ୟତାମୂଳକ ଶିକ୍ଷା ବିଲ୍ ଉପସ୍ଥାପିତ କରି ଦେଶବରେଣ୍ୟ ସ୍ୱର୍ଗୀୟ ଗୋପାଳକୃଷ୍ଣ ଗୋଖଲେ ଆଲୋଚନା ଶେଷରେ କହିଥିଲେ, "ଭାରତରେ ଏ ପ୍ରକୃତିର ଆମେ ଯେତେ ଲୋକ ଥାଏଁ, ସେମାନେ କେବଳ ନିଜ ନିଜର ପରିଜନଦ୍ୱାରା ହିଁ ଦେଶର ସେବା କରିବା ବୋଲି ଆଶା କରିପାରୁଁ… ଆଜି ଏ ବିଲ୍‌ଟିକୁ ପ୍ରତ୍ୟାଖ୍ୟାନ କରାଯାଉଛି ସତ; କିନ୍ତୁ ପରିଶେଷରେ ଏହାର ମୃତ ଆତ୍ମାରୂପକ ପାଷାଣ-ସୋପାନ ଉପରୁ ଏପରି ଏକ ବ୍ୟବସ୍ଥାର ଉଦ୍ଭବ ହେବ, ଯାହା କି ସାରାଦେଶରେ ଜ୍ଞାନାଲୋକ ଖେଳାଇ ଦେବ । ସେ ପର୍ଯ୍ୟନ୍ତ ଏଇ ବିଲ୍ ବାରମ୍ବାର ଏ ଗୃହରେ ଉପସ୍ଥାପିତ କରାଯାଉଥିବ ।"

ତାଙ୍କର ସେ ଭବିଷ୍ୟତବାଣୀ ଆଜି ସତ ହୋଇଛି । ଆଜିର ଓ ଆସନ୍ତା କାଲିର ଭାରତ ବ୍ୟାପକଭାବରେ ବିଦ୍ୟାଳୟକୁ ମୋହିଁଛି । ଆଉ ଅଳ୍ପ ଦିନ ପରେ ସ୍ୱଚ୍ଛନ୍ଦରେ ଦାବୀ କରାଯାଇ ପାରିବ ଯେ ସ୍କୁଲକୁ ଯିବା ବୟସର ପ୍ରତ୍ୟେକ ବାଳକ ଓ ବାଳିକା ସ୍କୁଲକୁ ଯାଉଛି ।

ସମଗ୍ର ଭାରତରେ ବରୋଦା ରାଜ୍ୟରେ ହିଁ ପ୍ରଥମେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ପ୍ରଚଳନ ହୁଏ—୧୮୯୩ ମସିହାରେ, ମହାରାଜ ଶିଅଜୀ ରାଓଙ୍କ ନିର୍ଦ୍ଦେଶରେ । ମହୀଶୂରରେ ବାଧ୍ୟତାମୂଳକ ଶିକ୍ଷା ଆଇନ ୧୯୧୩ରେ ପ୍ରଣୀତ ହୋଇଥିଲା—ତାପରେ ୧୯୧୭ରେ କୋହ୍ଲାପୁର, ୧୯୧୯ରେ ବଙ୍ଗ ଓ ପଞ୍ଜାବ ଏବଂ ୧୯୨୦ରେ ମାନ୍ଦ୍ରାଜ ପ୍ରଦେଶରେ ଏହି ଆଇନ ଚାଲୁ କରାଗଲା । ଆଜି ଭାରତୀୟ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି ମଧ୍ୟରେ ବାଧ୍ୟତାମୂଳକ ଅବୈତନିକ ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶ ନିହିତ ରହିଛି ।

ଆମ ସମ୍ବିଧାନର ୪୫ ଅନୁଚ୍ଛେଦରେ ନିର୍ଦ୍ଦେଶ ରହିଛି ଯେ "ସମ୍ବିଧାନ ଚାଲୁ ହେବାର ଦଶ ବର୍ଷ ମଧ୍ୟରେ ରାଷ୍ଟ୍ର ଉଦ୍ୟମ କରିବ ଯେପରି କି ପ୍ରତ୍ୟେକ ପିଲାର ୧୪ ବର୍ଷ ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ଦିଆଯାଇ ପାରେ ।"

ଅବଶ୍ୟ ଏହି ନିର୍ଦ୍ଦେଶକୁ ପୂର୍ଣ୍ଣ କରାଯାଉଥିବା ବ୍ୟବସ୍ଥାର ବେଗ କ୍ଷିପ୍ର ହୋଇ ନାହିଁ । ସମ୍ବିଧାନର ପ୍ରଥମ ଦଶ ବର୍ଷ ପୂର୍ଣ୍ଣ ହେବାବେଳକୁ ୬-୧୧ ବର୍ଷ ବୟସର ଶିଶୁମାନଙ୍କ ମଧ୍ୟରୁ ୧୦ ଜଣରୁ ୬ ଜଣ ମାତ୍ର ବିଦ୍ୟାଳୟକୁ ଯାଉଥିଲେ । ତୃତୀୟ ଯୋଜନା ଶେଷ ବେଳକୁ ପ୍ରାୟ ୧୦ ଜଣରୁ ୮ଜଣ ହିସାବରେ ପିଲା ସ୍କୁଲକୁ ଯାଉଥିବେ ।

୧୧-୧୪ ବର୍ଷ ବୟସର ସବୁ ପିଲା ସ୍କୁଲକୁ ଯିବା ଦିଗରୁ ସମ୍ବିଧାନର ନିର୍ଦ୍ଦେଶ ପୂରଣ ହେବା ପାଇଁ ହୁଏତ ଆହୁରି ଦୁଇଟି ପଞ୍ଚବାର୍ଷିକ ଯୋଜନା ଦରକାର ହେବ ।

କିନ୍ତୁ ଏପର୍ଯ୍ୟନ୍ତ ଶିକ୍ଷା ସମ୍ପର୍କରେ ଯେଉଁ ପ୍ରକୃତ ହିସାବ ମିଳୁଛି, ତାହା ଉକ୍ତ ଶତକଡ଼ିକ ସଂଖ୍ୟାଦ୍ୱାରା ସୁସ୍ପଷ୍ଟ ହେଉ ନାହିଁ ।

ଦୁଇ ବର୍ଷ ପୂର୍ବେ ଯେତେବେଳେ ଦ୍ୱିତୀୟ ପଞ୍ଚ-ବାର୍ଷିକ ଯୋଜନା ଶେଷ ହେଲା, ସେତେବେଳକୁ

ପ୍ରାଥମିକ ସ୍କୁଲମାନଙ୍କରେ ୬୪୩ ଲକ୍ଷ ଛାତ୍ର ପଢୁଥିଲେ । ସେଥିମଧ୍ୟରୁ ୧୦୯ ଲକ୍ଷ ଥିଲେ ଛାତ୍ରୀ ।

ଗତ ଡିନ ବର୍ଷ ଭିତରେ ପାଥମିକ ସ୍କୁଲମାନଙ୍କର ଛାତ୍ରସଂଖ୍ୟା ୪୯୬ ଲକ୍ଷକୁ ଟପିବଣି—ଅର୍ଥାତ୍ ପ୍ରାୟ ୫ କୋଟିରେ ପହଞ୍ଚିବଣି । ପୃଥିବୀରେ ଅନେକ ଦେଶ ଅଛି ଯେଉଁଠି ମୋଟ ଲୋକସଂଖ୍ୟା ୫ କୋଟି ବି ହେବ ନାହିଁ (ବସ୍ତୁତଃ ୫ କୋଟିରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଦେଶ ହେଉଛି ୧୦ଟି ମାତ୍ର) ।

ବାପାମା'ମାନେ ପୁଅ ବାଳିକାମାନଙ୍କୁ ସ୍କୁଲକୁ ପଠାଇବାକୁ ଆଉ ଟିକିଏ କମ୍ ନାରାଜ ହୁଅନ୍ତେ, ତେବେ ସ୍କୁଲମାନଙ୍କରେ ବାଳକ ଯେତିକି ବାଳିକା ବି ସେତିକି ଥାଆନ୍ତେ ଓ ବିଦ୍ୟାଳୟମାନଙ୍କରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୬ କୋଟିକୁ ଟପିଯାଆନ୍ତାଣି ।

ସବୁଆଡ଼େ ସ୍କୁଲମାନ ଗଢ଼ାଯାଉଛି । କେଉଁଠି କେତେ ଭଙ୍ଗୀରେ ସ୍କୁଲଘରମାନ ତିଆରି ହେବାର ଦେଖାଯାଉଛି । ଚଣ୍ଡୀଗଡ଼, ଭୁବନେଶ୍ୱରରେ ନୂଆ ନୂଆ ନକ୍‌ସାର ପ୍ରାଥମିକ ସ୍କୁଲ ଘର ହେବାବେଳକୁ କେରଳରେ ନଡ଼ିଆପତ୍ର ଘରେ ସ୍କୁଲ ଚାଲିଛି । ସୁଦୂର ନେଫା ଅଞ୍ଚଳରେ ବାଉଁଶ ତଳେଇରେ ସ୍କୁଲ ଘରର କାନ୍ଥମାନ ତିଆରି ହେଉଛି । ଆଦିବାସୀ-ବହୁଳ ଜଙ୍ଗଲିଆ ଅଞ୍ଚଳରେ ସ୍କୁଲଘର-କାନ୍ଥଗୁଡ଼ିକ ଦନମାଟି ଓ ଗୋବରରେ ଲିପା ହୋଇ ଚକ୍ ଚକ୍ କରୁଛି । ଖୋଦ୍ ଦିଲ୍ଲୀନଗରୀରେ ବହୁସଂଖ୍ୟକ ସ୍କୁଲ ତମ୍ବୁ ଭିତରେ ଚାଲିଛି । ଖରା କିମ୍ବା ବର୍ଷା ହେଉ ନ ଥିବାବେଳେ ଖୋଲା ଜାଗାରେ କ୍ଲାସ ଚାଲିଛି । କେବେ କେବେ ଗଛତଳେ ବା ମୁକ୍ତ ଆକାଶ ତଳେ ମଧ୍ୟ ଛାତ୍ରମାନେ ଶିକ୍ଷା ପାଉଛନ୍ତି । ଗାଁଗହଳରେ ଲୋକେ ମାଗଣା ପରିଶ୍ରମ କରି ସ୍କୁଲ ଘରମାନ ତୋଳିବାକୁ ଆଗେଇ ଆସୁଛନ୍ତି । ଏପରି କି ସ୍କୁଲଘର ନାମବାଚ୍ୟ ଘର ନ ଥାଇ ମଧ୍ୟ ବହୁ ସ୍ଥଳରେ ସ୍କୁଲ ହେଉଛି—କାରଣ ଶିକ୍ଷାର ଅସଲ୍ କଥା ହେଲା ପଠନ, ଲିଖନ, ଗଣନ ଶିଖାଇବା—କାନ୍ଥ ଥିବା ନ ଥିବା ସହ ଏହାର କିଛି ସମ୍ପର୍କ ନାହିଁ ।

ସବୁଦିନେ ସବୁଠାରେ ଶିକ୍ଷକ ହିଁ ଜ୍ଞାନର ବାହକ ହୋଇଆସିଛନ୍ତି । ଏଥିପାଇଁ ସମାଜ ତାଙ୍କୁ ଯଥେଷ୍ଟ ଆର୍ଥିକ ପୁରସ୍କାର ବା ପାରିଶ୍ରମିକ ଦେଇ ନ ଥିଲେ ବି ଯଥେଷ୍ଟ ସମ୍ମାନ ଦେଖାଇଆସିଛି । ଆଜି ଦେଶରେ ପ୍ରାୟ ୧୦ ଲକ୍ଷ ଶିକ୍ଷକ ଅଛନ୍ତି । ତୃତୀୟ ଯୋଜନା ଶେଷ ସୁଦ୍ଧା ପ୍ରାଥମିକ ସ୍କୁଲମାନଙ୍କରେ ସାନ୍ଦ୍ର ବାରଲକ୍ଷ ଓ ମାଇନର ସ୍କୁଲମାନଙ୍କରେ ଆହୁରି ସାଢ଼େ ତିନିଲକ୍ଷ ଶିକ୍ଷକ ଥିବେ । ତୃତୀୟ ଯୋଜନାରେ ସାଧାରଣ ଶିକ୍ଷା ପାଇଁ ରଖାଯାଇଥିବା ୪୯୭ କୋଟି ଟଙ୍କା ମଧ୍ୟରୁ ଏକା ପ୍ରାଥମିକ ଶିକ୍ଷାରେ ୨୦୯ କୋଟି ଟଙ୍କା ଖର୍ଚ୍ଚ ହେବ । ମନେ ରଖିବାକୁ ହେବ ଯେ ୧୯୬୧-୬୬ ମସିହା ମଧ୍ୟରେ ଯେଉଁସବୁ ନୂଆ ପ୍ରାଥମିକ ସ୍କୁଲ ଆରମ୍ଭ ହେବ, ସେଗୁଡ଼ିକ ପାଇଁ ଏହି ଟଙ୍କା ରଖାଯାଇଛି । ୧୯୬୧ ଆଗରୁ ଚାଲିଥିବା ସ୍କୁଲ-ଗୁଡ଼ିକରେ ଯେଉଁ ଟଙ୍କା ଖର୍ଚ୍ଚ ହେଉଛି, ତାହା ସରକାରଙ୍କ ସାଧାରଣ ବଜେଟର ଅଂଶ । ଏପରି କି ୧୯୫୯-୬୦ ରେ ଏହାର ପରିମାଣ ୧୦୫ କୋଟି ଟଙ୍କା ହୋଇଥିଲା ।

ପ୍ରଥମ ଯୋଜନାରେ ଏ ବାବଦ ଖର୍ଚ୍ଚ ଥିଲା ୮୫ କୋଟି ଟଙ୍କା ଓ ଦ୍ୱିତୀୟ ଯୋଜନାରେ ୮୭ କୋଟି ଟଙ୍କା । ତୃତୀୟ ଯୋଜନାରେ ଦ୍ୱିତୀୟ ଯୋଜନା ଖର୍ଚ୍ଚର ପ୍ରାୟ ୨୪ ଗୁଣ ଟଙ୍କା ରଖାଯାଇଛି—ଏଥିରୁ ଦେଖାଯିବ, ଜାତୀୟ ଚିର-ପୋଷିତ ଆଦର୍ଶ ପୂରଣ ପ୍ରତି କି ପରିମାଣରେ ଗୁରୁତ୍ୱ ଦିଆଯାଇଛି ।

ଏ ପର୍ଯ୍ୟନ୍ତ ଏ ଦିଗରେ ଡାର୍ଯ୍ୟ ମନ୍ଥର ହୋଇଥିବାର ଗୋଟିଏ କାରଣ ହେଉଛି ଯେ ବାଳକ-ମାନଙ୍କ ଅପେକ୍ଷା ବହୁତ କମ୍ ବାଳିକା ସ୍କୁଲକୁ

ଯାଉଛନ୍ତି । ୧୯୬୦-୬୧ରେ ୬।୧୧ବର୍ଷ ବୟସର ପ୍ରତି ୫ ଜଣ ବାଳକଙ୍କ ମଧ୍ୟରୁ ଚାରିଜଣ ଓ ପ୍ରତି ୫ ଜଣ ବାଳିକାଙ୍କ ମଧ୍ୟରୁ ୨ ଜଣ ସ୍କୁଲରେ ନାମ ଲେଖାଇଥିଲେ । ଏଠାରେ କୁହାଯାଇପାରେ ଯେ ସ୍କୁଲମାନଙ୍କରେ ବାଳିକା ସଂଖ୍ୟାର ଅନୁପାତରୁ ଯେକୌଣସି ରାଜ୍ୟର ସାମାଜିକ ଅଗ୍ରଗତି ସୂଚିତ ହୁଏ । ଏ ଦିଗରେ ରାଜସ୍ଥାନ, ଉତ୍ତର-ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ମଧ୍ୟପ୍ରଦେଶ, ବିହାର ଓ ଓଡ଼ିଶା ବିଶେଷଭାବରେ ପଶ୍ଚାଦ୍‌ପଦ । ଏହି ଅସମତା ସଂଶୋଧନ କରିବା ପାଇଁ ଯେଉଁସବୁ କାର୍ଯ୍ୟାନୁଷ୍ଠାନ କରାଯାଇଛି ସେଥିମଧ୍ୟରୁ, ନାରୀମାନଙ୍କୁ ତାଲିମ ଦେବାପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ, ଭତ୍ତା ଓ ରହିବା ଘର ଇତ୍ୟାଦିର ବ୍ୟବସ୍ଥା ଉଲ୍ଲେଖଯୋଗ୍ୟ । ଚତୁର୍ଥ ଯୋଜନାରେ ବାଳିକାମାନଙ୍କ ଶିକ୍ଷା ପାଇଁ ୧୭୫ କୋଟି ଟଙ୍କାର ବ୍ୟବସ୍ଥା ରହିଛି । ଏଥିମଧ୍ୟରୁ ୧୧୪ କୋଟି ଟଙ୍କା ପ୍ରାଥମିକ ଓ ମାଇନର ସ୍ତରର ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।

ଜାତୀୟ ଜାଗରଣର ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ ଆଜି ପ୍ରତ୍ୟେକ ବାପ-ମା ଉଦ୍‌ବିଗ୍ନ ଯେପରି କି ନିଜନିଜର ପିଲାବେଳେ ସେମାନେ ଯେପରି ଜୀବନଧାରଣ କରୁଥିଲେ, ତା' ଅପେକ୍ଷା ଭଲଭାବରେ ତାଙ୍କ ପିଲାଏ ଜୀବନଧାରଣ କରନ୍ତୁ ।

ପିଲାଏ ଅଧିକତର ସୁସ୍ଥ, ଶିକ୍ଷିତ ହେବେ ଓ କାର୍ଯ୍ୟ ପାଇବା ଦିଗରେ ଉଚ୍ଚସ୍ତରର ସୁଯୋଗ ପାଇ ପାରିବେ, ଏ କଥା ବାପ-ମା'ମାନଙ୍କର ହୃଦ୍‌ବୋଧ କରାଇବା ଦ୍ୱାରା ସରକାର ନିଜର ଜନକଲ୍ୟାଣ କାର୍ଯ୍ୟକ୍ରମମାନ ଚଳାଇ ପାରୁଛନ୍ତି । ହରିଜନ ଓ ଆଦିବାସୀ ପ୍ରଭୃତି ଯେଉଁମାନେ ଏପର୍ଯ୍ୟନ୍ତ ସବୁପ୍ରକାର ସୁବିଧା-ସୁଯୋଗରୁ ବଞ୍ଚିତ ରହିଥିଲେ, ଆଜି ଶିକ୍ଷାଲାଭ ପ୍ରତି ସେମାନଙ୍କ ଆଗ୍ରହ ଖୁବ୍ ବେଶି । ମା'ବାପ ଓ ପୁଅମାନଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ସେମାନଙ୍କ ଶିକ୍ଷାକୁ ଗ୍ରାମ୍ୟ ପୃଷ୍ଠରେ ଚଳାଯାଉଛି । ବହୁ ପରିମାଣରେ ଓ ବହୁ ସଂଖ୍ୟାରେ ଛାତ୍ରବୃତ୍ତି ଦିଆଯାଉଛି । ଅନେକ ସ୍କୁଲରେ ମାଗଣା ବହି ଓ ମଧ୍ୟାହ୍ନ-ଭୋଜନ ଦିଆଯିବାର ବ୍ୟବସ୍ଥା ଅଛି । କେତେକ ସ୍କୁଲରେ ରେଡ଼ିଓ ମଧ୍ୟ ରଖାଯାଇଛି—ଯେଉଁଠି ବସି ପିଲାମାନେ କୁହୁକ-ଯେଉଁଠୁ ସଙ୍ଗୀତ ଓ କଥା ଶୁଣି ପାରିବେ ।

ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ପ୍ରଚଳନ-ଯୋଗୁଁ ଭାରତର ରୂପ ବଦଳିଯାଉଛି । ବସ୍ତୁତଃ ଏହାହିଁ ଶିକ୍ଷାର ଉଦ୍ଦେଶ୍ୟ । ଅନଗ୍ରସର ଗୋଷ୍ଠୀମାନଙ୍କ ମନରେ ଆଜି ଗୋଟାଏ ଭାବ ଜନ୍ମିଛି ଯେ ଶିକ୍ଷା ସେମାନଙ୍କର ଜନ୍ମଗତ ଦାବୀ—ଶିକ୍ଷାଲାଭ ସଙ୍ଗେ ସଙ୍ଗେ ସେମାନଙ୍କର ଆସିବ ଆତ୍ମସମ୍ମାନ ଓ ସେମାନେ ଅନ୍ୟମାନଙ୍କ ସହ ସମାନ ଆସନ ପାଇ ପାରିବେ । ଏଇଥିପାଇଁ ଆଜି ପିଲାମାନେ ଗାଉଁଲି ରାସ୍ତାର କାଦୁଅ ଧୂଳି ଭିତରେ ମାଇଲ ମାଇଲ ଚାଲି ସ୍କୁଲକୁ ଯାଉଛନ୍ତି—ମୁଣ୍ଡଫଟା ଖରା, ଘୋର ବର୍ଷା, ଶୀତ, କାକର ନ ମାନି ସେମାନେ ହାତରେ ବହି ସ୍ଲେଟ ଧରି ଦଳ-ଦଳ ହୋଇ ସ୍କୁଲକୁ ଚାଲିଛନ୍ତି—ତୀର୍ଥଯାତ୍ରୀଙ୍କ-ପରି । କେତେ ହୁଏତ ଘର-ଧନ୍ଦାରୁ ଅବ୍ୟାହତି ପାଇବା ପାଇଁ, କେହିବା ଏକୁଟିଆ ରହିବା ପରିବର୍ତ୍ତେ ସାଙ୍ଗସାଥୀ ମେଳରେ କେତେ ଘଣ୍ଟା କଟାଇବା ପାଇଁ ସ୍କୁଲକୁ ଯିବା ଆରମ୍ଭ କରୁଥିବେ—କିନ୍ତୁ କେତେବର୍ଷ ମଧ୍ୟରେ ସେମାନେ ଯେ ସ୍କୁଲ-ଜୀବନରେ ଅଭ୍ୟସ୍ତ ହୋଇ ଶିକ୍ଷାଲାଭ ଦିଗରେ ଅଗ୍ରସର ହେଉଛନ୍ତି, ଏଥିରେ ସନ୍ଦେହ ନାହିଁ ।

ଅବଶ୍ୟ ସବୁ ସ୍କୁଲରେ ହୁଏତ ଭଲ ଶିକ୍ଷକ ନାହାନ୍ତି ବା ଭଲ ପଢ଼ାପଢ଼ି ହେଉ ନାହିଁ । କିନ୍ତୁ ନିଷ୍ଠା ଓ ଅଧ୍ୟବସାୟ ବଜାୟ ଥିଲେ କାଳକ୍ରମେ ଅବସ୍ଥା ସୁଧୁରିଯିବା ସୁନିଶ୍ଚିତ । ମୋଟ ଉପରେ ଗୋଟାଏ ବଡ଼ କିଛି ଘଟିବାକୁ ଯାଉଛି ବା ଘଟୁଛି, ଏଥିରେ ସନ୍ଦେହ ନାହିଁ । ସାରା ଭାରତ ଏଭଳି ଭାବରେ ବ୍ୟାପକଭାବେ ବିଦ୍ୟାଳୟକୁ ଯିବାଟା ଗଣତନ୍ତ୍ରର ବିକାଶ ଓ ସମୃଦ୍ଧ କଲ୍ୟାଣପକ୍ଷେ ମଙ୍ଗଳପ୍ରଦ ।

## ଭାରତରେ ଶିକ୍ଷା

୧୯୬୨ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏ ଦେଶରେ ଶିକ୍ଷାର ଅଗ୍ରଗତି ଓ ସମ୍ପ୍ରସାରଣ ଯେଉଁ ସ୍ତରରେ ଥିଲା, ତାହାର ସୂଚନା ନିମ୍ନଲିଖିତ ହିସାବରୁ ମିଳିପାରିବ—

(କ) କ୍ଷେତ୍ରଫଳ ଓ ଲୋକସଂଖ୍ୟା :—

(୧) କ୍ଷେତ୍ରଫଳ ଓ ଲୋକସଂଖ୍ୟା ... ୧୧,୭୬,୨୫୧ ବର୍ଗମାଇଲ

| | ପୁରୁଷ | ନାରୀ | ମୋଟ |
|---|---|---|---|
| (୨) ଲୋକସଂଖ୍ୟା (ଅଟକଳ) ହଜାର ହିସାବରେ | ୨,୩୧,୩୦୬ | ୨,୧୮,୧୯୮ | ୪,୪୯,୭୫୪ |

| (୩) ବିଭିନ୍ନ ବୟସ-ଗୋଷ୍ଠୀର ଲୋକସଂଖ୍ୟା (ଅଟକଳ) ହଜାର ହିସାବରେ ... | | ବାଳକ | ବାଳିକା | ମୋଟ |
|---|---|---|---|---|
| | ୬-୧୧ ବର୍ଷ | ୨୯,୭୨୬ | ୨୭,୯୧୯ | ୫୭,୬୪୫ |
| | ୧୧-୧୪ ବର୍ଷ | ୧୪,୫୧୯ | ୧୩,୮୬୩ | ୨୮,୩୮୨ |
| | ୧୪-୧୭ ବର୍ଷ | ୧୩,୩୦୮ | ୧୨,୬୫୪ | ୨୫,୯୬୨ |

(ଖ) ମଂଜୁରିପ୍ରାପ୍ତ ଶିକ୍ଷାନୁଷ୍ଠାନର ସଂଖ୍ୟା:—

| (କି ପ୍ରକାର ଅନୁଷ୍ଠାନ) | (ଅନୁଷ୍ଠାନଗୁଡ଼ିକର ମୋଟ ସଂଖ୍ୟା) |
|---|---|
| (୧) ବିଶ୍ୱବିଦ୍ୟାଳୟ ... ... | ୪୫ |
| (୨) ମାଧ୍ୟମିକ ଶିକ୍ଷାବୋର୍ଡ ( ସେକେଣ୍ଡରି ବା ଇଣ୍ଟରମିଡ଼ିଏଟ୍ ) | ୧୨ |
| (୩) ଗବେଷଣାନୁଷ୍ଠାନ (କେବଳ କଳା ଓ ବିଜ୍ଞାନ) ... | ୪୭ |
| (୪) କଳା ଓ ବିଜ୍ଞାନ କଲେଜ ... ... | ୧,୧୧୮ |
| (୫) ବାଣିଜ୍ୟ (କମର୍ସ) କଲେଜ ... ... | ୫୫ |
| (୬) ଶାରୀରିକ ଶିକ୍ଷା ପାଇଁ କଲେଜ ... ... | ୧୮ |
| (୭) ଶିକ୍ଷକ ତାଲିମ କଲେଜ:— | |
| (୵) ମୌଳିକ ... ... | ୨୫୯ |
| (୶) ମୌଳିକେତର ... ... | ୨୮୦ |
| (୮) ସାଧାରଣ ଶିକ୍ଷା ପାଇଁ ବିଦ୍ୟାଳୟ:— | |
| (୵) ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ ... | ୪,୩୨୦ |
| (୶) ବହୁମୁଖୀ ବିଦ୍ୟାଳୟ ... ... | ୧,୩୮୯ |
| (୷) ହାଇ ସ୍କୁଲ ... | ୧୩,୫୨୭ |
| (।) ସ୍ନାତକୋତ୍ତର ବିଦ୍ୟାଳୟ ... ... | ୪୯ |
| (।୵) ମଧ୍ୟମ/ଉଚ୍ଚ (ସିନିୟର) ମୌଳିକ ବିଦ୍ୟାଳୟ ... | ୫୫,୨୫୦ |
| (।୶) ପ୍ରାଥମିକ/ନିମ୍ନ (ଜୁନିୟର) ମୌଳିକ ବିଦ୍ୟାଳୟ ... | ୩,୪୯,୭୮୯ |
| (।୷) ପ୍ରାକ୍-ପ୍ରାଥମିକ ବିଦ୍ୟାଳୟ ... ... | ୨,୨୦୨ |
| (୯) ବାଣିଜ୍ୟ ଶିକ୍ଷା ପାଇଁ ବିଦ୍ୟାଳୟ ... ... | ୧,୦୯୫ |

(୧୦) ଶାରୀରିକ ଶିକ୍ଷା ପାଇଁ ବିଦ୍ୟାଳୟ ... ... ୪୪
(୧୧) ଶିକ୍ଷକ-ତାଲିମ ପାଇଁ ବିଦ୍ୟାଳୟ:—
(/) ମୌଳିକ ... ... ୮୫୩
(॥) ଅଣ-ମୌଳିକ .. ... ୨୫୮
(୧୨) ପ୍ରାକ୍-ପ୍ରାଥମିକ ଶିକ୍ଷକ-ତାଲିମ ବିଦ୍ୟାଳୟ ... ୩୨
(୧୩) ବିକଳାଙ୍ଗମାନଙ୍କ ପାଇଁ ବିଦ୍ୟାଳୟ ... ... ୧୫୩
(୧୪) ସମାଜକର୍ମୀମାନଙ୍କପାଇଁ ବିଦ୍ୟାଳୟ (ଜନତା କଲେଜ) .. ୪୭
(୧୫) ବୟସ୍କମାନଙ୍କ ପାଇଁ ସ୍କୁଲ/ଶିକ୍ଷା-କେନ୍ଦ୍ର ... ୨,୩୧,୭୭୭

ଶିକ୍ଷାର ସ୍ତର ଅନୁଯାୟୀ ଛାତ୍ରସଂଖ୍ୟା :—

| ଶିକ୍ଷାର ସ୍ତର | ବାଳକ | ବାଳିକା | ମୋଟ |
|---|---|---|---|
| **(୧) ବିଶ୍ୱବିଦ୍ୟାଳୟ ସ୍ତର** | | | |
| (/) ପି.-ଏଇଚ୍.ଡି./ଡି. ଏସ୍. ସି./ଡି. ଫିଲ୍./ ଇତ୍ୟାଦି (କେବଳ କଳା ଓ ବିଜ୍ଞାନରେ) | ୪,୨୩୩ | ୬୮୧ | ୪,୯୨୪ |
| (॥) ଏମ୍. ଏ. ... | ୨୭,୦୫୯ | ୭,୭୦୧ | ୩୪,୭୬୦ |
| (॥/) ଏମ୍. ଏସ୍‌ସି. ... | ୧୦,୩୯୨ | ୧,୬୭୦ | ୧୨,୦୬୨ |
| (।) ଏମ୍. କମ୍. ... | ୫,୩୩୩ | ୪୮ | ୫,୩୮୧ |
| (।/) ଏମ୍. ଏଡ୍. ... | ୯୭୨ | ୪୨୪ | ୧,୩୯୬ |
| (।॥) ବି .ଏ. (ପାସ୍ ଓ ଅନର୍ସ) ... | ୧,୩୯,୦୩୪ | ୫୨,୮୪୧ | ୧,୯୧,୮୭୫ |
| (।॥/) ବି. ଏସ୍‌ସି. (ପାସ୍ ଓ ଅନର୍ସ) ... | ୧,୧୧,୬୩୮ | ୧୯,୦୨୭ | ୧,୩୦,୬୬୫ |
| (୲) ବି. କମ୍. (ପାସ୍ ଓ ଅନର୍ସ) ... | ୫୧,୧୮୧ | ୬୯୭ | ୫୧,୮୭୮ |
| (୲/) ଶିକ୍ଷକ ତାଲିମ ( ବି. ଟି., ବି. ଏଡ୍. ଇତ୍ୟାଦି ) :— | | | |
| (କ) ମୌଳିକ | ୩,୨୩୮ | ୧,୫୫୦ | ୪,୭୮୮ |
| (ଖ) ଅଣ-ମୌଳିକ | ୧୦,୪୪୨ | ୪,୯୫୪ | ୧୫,୩୯୬ |
| (୲॥) ବ୍ୟାଚେଲର ଅଫ୍ ଫିଜିକାଲ ଏଜୁକେସନ୍ (ବି. ପି. ଇ.) ଉପାଧି | ୭୧୩ | ୧୨୦ | ୭୩୩ |
| (୲॥/) ଶିକ୍ଷକ ତାଲିମ (ଅଧଃ ସ୍ନାତକସ୍ତର) :— | | | |
| (କ) ମୌଳିକ | ୧୪,୭୦୩ | ୪,୫୯୬ | ୧୯,୨୯୯ |
| (ଖ) ଅଣ-ମୌଳିକ | ୭,୪୩୦ | ୫,୬୮୭ | ୧୩,୧୧୭ |
| (୳) ଆଇ. ଏ. | ୧,୭୭,୬୦୩ | ୩୩,୯୪୨ | ୨,୧୧,୫୪୫ |
| (୳/) ଆଇ. ଏସ୍‌ସି. | ୨୩,୮୧୮ | ୩,୦୭୧ | ୨୬,୮୮୯ |

| | | | |
|---|---|---|---|
| (୪୬) ପ୍ରାକ୍-ବିଶ୍ୱବିଦ୍ୟାଳୟ :— | | | |
| (କ) କଳା | ୧,୦୫,୫୦୪ | ୩୭,୦୨୩ | ୧,୪୧,୫୨୭ |
| (ଖ) ବିଜ୍ଞାନ | ୮,୨,୬୭୧ | ୮,୯୬୫ | ୯୧,୭୩୨ |
| (ଗ) ବାଣିଜ୍ୟ | ୨୩,୦୩୪ | ୫୭୧ | ୨୩,୫୧୫ |

## ୨ । ବିଦ୍ୟାଳୟସ୍ତର

| | | | |
|---|---|---|---|
| (୧) ନବମ ଶ୍ରେଣୀ ଓ ତଦୂର୍ଦ୍ଧ୍ୱ | ୨୪,୭୯,୧୭୫ | ୫,୮୧,୭୭୩ | ୩୦,୬୦,୯୩ |
| (୨) ସପ୍ତମ-ଅଷ୍ଟମ ଶ୍ରେଣୀ | ୫୭,୮୦,୬୧୧ | ୧୮,୭୮,୭୮୧ | ୭୫,୫୯,୩୯୨ |
| (୩) ପ୍ରଥମରୁ ପଞ୍ଚମ ଶ୍ରେଣୀ | ୨,୫୭,୪୮,୫୫୭ | ୧,୨୭,୮୩,୩୫୧ | ୩,୮୪,୩୧,୮୯୭ |
| (୪) ପ୍ରାକ୍-ପ୍ରାଥମିକ | ୧,୩୩,୩୫୯ | ୮୯,୪୩୨ | ୨,୩୧,୭୯୧ |
| (୫) ଶିକ୍ଷକ ତାଲିମ (ପ୍ରାଥମିକ):— | | | |
| (କ) ମୌଳିକ | ୮୫,୪୭୭ | ୨୯,୧୨୪ | ୧,୧୪,୬୦୧ |
| (ଖ) ଅଣ-ମୌଳିକ | ୧୦,୮୩୦ | ୫,୧୬୭ | ୧୫,୯୯୭ |
| (୬) ଶିକ୍ଷକ ତାଲିମ (ପ୍ରାକ୍-ପ୍ରାଥମିକ) :— | ୧୭୮ | ୧,୬୭୧ | ୧,୮୩୯ |
| (୭) ବିଜ୍ଞାନ | ୭୮,୨୬୧ | ୧୪,୮୯୭ | ୯୩,୧୫୮ |
| (୮) ଶାରୀରିକ ଶିକ୍ଷା | ୨,୮୮୫ | ୪୩୮ | ୩,୩୨୩ |
| (୯) ବିକଳାଙ୍ଗମାନଙ୍କପାଇଁ ବିଦ୍ୟାଳୟ | ୬,୭୨୩ | ୧,୮୮୫ | ୮,୬୦୮ |
| (୧୦) ସମାଜକର୍ମୀମାନଙ୍କପାଇଁ ବିଦ୍ୟାଳୟ (ଜନତା କଲେଜ) | ୩,୨୪୩ | ୫୦୭ | ୩,୭୫୦ |
| (୧୧) ବୟସ୍କମାନଙ୍କପାଇଁ ବିଦ୍ୟାଳୟ/କେନ୍ଦ୍ର | ୧୪,୯୭,୩୮୯ | ୩,୦୧,୧୫୭ | ୨୨,୯୮,୫୪୬ |

## ଶିକ୍ଷକସଂଖ୍ୟା

| (କ ଧରଣର ଅନୁଷ୍ଠାନ) | (ପୁରୁଷ) | (ନାରୀ) | (ମୋଟ) ତାଲିମପ୍ରାପ୍ତ / ଅଣତାଲିମ |
|---|---|---|---|
| ୧ । ଉଚ୍ଚ/ଉଚ୍ଚତର ମାଧ୍ୟମିକ/ବହୁମୁଖୀ ମୌଳିକୋତ୍ତର ବିଦ୍ୟାଳୟ | ୧,୭୧,୨୧୭ / ୯୨,୭୬୯ | ୫୪,୪୩୮ / ୧୮,୨୮୯ | ୨,୧୫,୭୫୪ / ୧,୧୧,୦୫୮ |
| ୨ । ମଧ୍ୟମ/ଉଚ୍ଚ ମୌଳିକ ବିଦ୍ୟାଳୟ | ୧,୮୧,୭୨୮ / ୯୦,୨୯୫ | ୭୦,୭୭୭ / ୨୨,୬୩୪ | ୨,୫୨,୪୫୫ / ୧,୧୨,୯୨୯ |
| ୩ । ପ୍ରାଥମିକ/ନିମ୍ନମୌଳିକ ବିଦ୍ୟାଳୟ | ୪,୨୦,୩୧୦ / ୨,୫୭,୨୭୦ | ୧,୨୭,୨୨୧ / ୩୮,୦୨୧ | ୫,୪୭,୨୩୧ / ୨,୭୫,୨୯୧ |
| ୪ । ପ୍ରାକ୍-ପ୍ରାଥମିକ ବିଦ୍ୟାଳୟ | ୨୯୦ / ୪୩୫ | ୨୨୪୭ / ୧୫୧୩ | ୨୫୩୭ / ୧୯୪୮ |

(ଯୋଜନା ପତ୍ରିକା ଓ ଅନ୍ୟାନ୍ୟ ତଥ୍ୟରୁ ସଂଗୃହୀତ)

# ମାଛି ଆମର ଶତ୍ରୁ

ଲେ : ଶ୍ରୀ ଶତ୍ରୁଘ୍ନ ସାବତ

( ସ୍ୱାସ୍ଥ୍ୟ-ଶିକ୍ଷକ )

[ମାଛି ଗୋଟିଏ କ୍ଷୁଦ୍ର ପତଙ୍ଗ ହେଲେ ବି ଏହା ମନୁଷ୍ୟକୁ ବହୁ କ୍ଷେତ୍ରରେ ମୃତ୍ୟୁମୁଖରେ ପକାଇଥାଏ । ମାଛି ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ଗୋଟିଏ ପ୍ରଧାନ ଶତ୍ରୁ । ଏହା ମାରାତ୍ମକ ରୋଗ, ଯଥା:—ହଇଜା ଯକ୍ଷ୍ମା, ଓ ଆନ୍ତ୍ରିକ ଜ୍ୱର ପ୍ରଭୃତିର ଜୀବାଣୁକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହିନେବା ଫଳରେ ଶହ ଶହ ଲୋକ ମୃତ୍ୟୁମୁଖରେ ପଡନ୍ତି । ଉପରୋକ୍ତ ରୋଗଗୁଡ଼ିକ ହଟାଇବା ସକାଶେ ନାନା ପ୍ରକାର ଔଷଧ ଆବିଷ୍କାର ତଥା ରୋଗୀ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନଙ୍କର ସଂପୂର୍ଣ୍ଣ ନିରୋଧ ଓ ରୋଗ ନିରାକରଣ ହୋଇ ପାରୁନାହିଁ । ମାଛିମାନେ ରୋଗ ବ୍ୟାପିବାରେ ବିଶେଷ ସାହାଯ୍ୟ କରୁଥିବାରୁ ସେମାନଙ୍କର ବିନାଶ ସାଧନ ଏକାନ୍ତ ଆବଶ୍ୟକ । ଏହି କ୍ଷୁଦ୍ର ପ୍ରାଣୀର ମାରାତ୍ମକତା ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବା ସକାଶେ ଭାରତ ସରକାର ମାଛି ନିରୋଧ ସପ୍ତାହ ଜୁଲାଇ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ କରିବା ସକାଶେ ନିର୍ଦ୍ଦେଶ ଦେଇ ଅଛନ୍ତି । ଏହି ଉପଲକ୍ଷେ ପ୍ରାପ୍ତ ପ୍ରବନ୍ଧଟି ନିମ୍ନରେ ଦିଆଗଲା ।]

ଆମେ ତ ସମସ୍ତେ ମାଛି ଦେଖୁଛୁ; କିନ୍ତୁ ଏ ପତଙ୍ଗଟି କେତେ ବିପଜ୍ଜନକ, କେବେ ହେଲେ ଆମେ ହୃଦୟଙ୍ଗମ କରିଛୁ କି ? କିନ୍ତୁ ସ୍ୱାସ୍ଥ୍ୟ ବିଜ୍ଞାନର ବିଶେଷଜ୍ଞମାନେ ଏହାକୁ ମନୁଷ୍ୟର ପହିଲା ଶତ୍ରୁ ବୋଲି କହନ୍ତି । କାହିଁକି ? କାରଣ ଏହି ଛୋଟିଆ ପତଙ୍ଗଟି ଯେ କେବଳ ବିରକ୍ତିକର ଓ ଘୃଣ୍ୟ ତାହା ନୁହେଁ, ଏହାର ମଇଳା ଅଭ୍ୟାସ ଯୋଗୁଁ ମାଛି ଅନେକ ବିପଜ୍ଜନକ ରୋଗର ମଧ୍ୟ ବାହକ ହୋଇଥାଏ । ସେ ରୋଗଗୁଡ଼ିକ ହେଉଛି—ଆନ୍ତ୍ରିକ ଜ୍ୱର, ହଇଜା, ନାଳରକ୍ତ ଝାଡ଼ା, ଅତିସାର, ଯକ୍ଷ୍ମା, ଶିଶୁ ପକ୍ଷାଘାତ, ଦୁଷ୍ଟବ୍ରଣ ଇତ୍ୟାଦି ।

## ମାଛି କିପରି ରୋଗ ପ୍ରସାର କରେ ?

ମାଛି ଗୋଟିଏ କୁତ୍ସିତ ପତଙ୍ଗ । ମନୁଷ୍ୟ ମଳ, ଛେପ, ଖଙ୍କାର, ଅଇଁଠା, ଖତ, ଅଳିଆ, ମଇଳାକୁ ସେ ଖୁବ୍ ଭଲ ପାଏ । ଏହାର ଦେହରେ ଥିବା ବାଳ ଓ ଅଠାଳିଆ ଗୋଡ଼ ଯୋଗୁଁ ଏହା ସହଜରେ ମଇଳା ନେଇ ଆମ ଖାଦ୍ୟ ପଦାର୍ଥରେ ବସି ଦୂଷିତ କରିଥାଏ । ମାଛି କଠିନ ଖାଦ୍ୟ ଖାଇପାରେ ନାହିଁ । ତେଣୁ ସେ ଖାଦ୍ୟରେ ବାନ୍ତି କରି ତାହାର ଗୋଡ଼ରେ ଚକଟି ଖାଦ୍ୟ ନରମ କରେ । ଏହାଦ୍ୱାରା ସେ ଖାଦ୍ୟ ଦୂଷିତ କରିଥାଏ । ଏହା ବ୍ୟତୀତ ସେ ଖାଦ୍ୟ ଉପରେ ବସି ଖାଇବାବେଳେ ତା ଉପରେ ଝାଡ଼ା ଫେରିଥାଏ । ଏପରି ଭାବରେ ଅଗଣିତ ଜୀବାଣୁ ଖୋଲାଥିବା ଖାଦ୍ୟରେ ଛାଡ଼ିଦିଏ । ରୋଗ-ଜୀବାଣୁ ଏହାର ଗୋଡ଼ରେ ୩୬ ଘଣ୍ଟା, ବାନ୍ତିରେ ୮ ଦିନ ଓ ଝାଡ଼ାରେ ୧୮ ଦିନ ପର୍ଯ୍ୟନ୍ତ ରହିପାରେ । ଯେଉଁ ସ୍ଥାନରେ ବେଶି ଗରମ ବା ଥଣ୍ଡା ନ ଥାଏ, ସେହି ସ୍ଥାନରେ ବର୍ଷସାରା ଅସଂଖ୍ୟ ମାଛି ଦେଖାଯାଆନ୍ତି । ଯେଉଁ

ସ୍ଥାନରେ ଖରାଦିନେ ବେଶି ଗରମ ଓ ଶୀତଦିନେ ବିଶେଷ ଥଣ୍ଡା ହୁଏ, ସେହି ସ୍ଥାନରେ ଫେବୃଆରୀ ମାସଠାରୁ ମେ ମାସ ପର୍ଯ୍ୟନ୍ତ ଏବଂ ଅଗଷ୍ଟ ଓ ସେପ୍ଟେମ୍ବର ମାସମାନଙ୍କରେ ଯେଉଁଠି ଖାଇବା ପାଇଁ ମିଳେ ଓ ବଂଶ ବୃଦ୍ଧି କରିବା ପାଇଁ ମଇଳାର ସୁବିଧା ଥାଏ, ସେଇଠି ମାଛି ବେଶି ଦେଖାଦେଇ ଥାଆନ୍ତି । ଏମାନେ ଅନବରତ ଖାଦ୍ୟ ଅନ୍ୱେଷଣରେ ବୁଲୁଥାନ୍ତି ଓ ଯେଉଁଆଡ଼େ ଯାଆନ୍ତି ସେଠାରେ ସେମାନେ ସେମାନଙ୍କର ଏବଂ ମନୁଷ୍ୟ ମଳ ସବୁ ଛାଡ଼ି ଦେଇ ଆସନ୍ତି ।

## ମାଛି କିପରି ବଂଶ ବଢ଼ାଇଥାଏ

ଏହାର ଜୀବନ-ଚକ୍ରରେ ୪ଟି ଅବସ୍ଥା ଦେଖାଯାଏ ।

ମାଈ ମାଛି ଥରକେ ୧୦୦ରୁ ୧୫୦ ପର୍ଯ୍ୟନ୍ତ ଅଣ୍ଡା ଦେଇ ୫ ବା ୬ ଥରରେ ୬୦୦ରୁ ୯୦୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ଏହି ଅଣ୍ଡାଗୁଡ଼ିକର ବର୍ଣ୍ଣ ଧଳା, ଦେଢ଼ ଅଣ୍ଡାକୃତି ଓ ପ୍ରତ୍ୟେକ ୧/୨୫ ଇଞ୍ଚ ଲମ୍ବା ହୋଇଥାନ୍ତି । ଓଦା ଥିବା ଖତଗଦା ଫାଟରେ କିମ୍ବା ସେ କୌଣସି ପଚା ସଢ଼ା ପଦାର୍ଥ ଉପରେ ମାଛି ଅଣ୍ଡା ଛାଡ଼ିଦିଏ । କହିବାକୁ ଗଲେ ଏଣେତେଣେ ପଡ଼ିଥିବା ଓଦାଳିଆ ଅଳିଆ ଗଦାରେ ସେ ଅଣ୍ଡା ଦେଇଥାଏ । ମନୁଷ୍ୟ ମଳ ଏହାର ବଂଶ ବୃଦ୍ଧି କରିବାର ବିଶେଷ ଉପଯୁକ୍ତ ସ୍ଥଳ । ଅଣ୍ଡା ଦେବାର ୮ରୁ ୨୪ ଘଣ୍ଟା ପରେ ଧଳା, ଶୁକ୍କୁ(ଗୋଡ଼ ନ ଥିବା କୀଟ) ଗୁଡ଼ିଏ ଏହି ଅଣ୍ଡାଗୁଡ଼ିକରୁ ବାହାରନ୍ତି । ଏଗୁଡ଼ିକ ପ୍ରାୟ ଅଧ ଇଞ୍ଚ ଲମ୍ବା ହୋଇଥାନ୍ତି । ପ୍ରାୟ ୫ ଦିନ କାଳ ଏମାନେ ସବୁ ମଇଳା ଖାଇ ଗୁଟିକାରେ (ପ୍ୟୁପା) ପରିଣତ ହୋଇଥାନ୍ତି । ଗୁଟିକାଗୁଡ଼ିକ ନଳାକୃତି ଓ ବାଦାମି ରଙ୍ଗ ହୋଇଥାଏ । ଏଗୁଡ଼ିକ ଲମ୍ବାରେ ୧ ଇଞ୍ଚ । ଏହାର ପ୍ରାୟ ୩ ଦିନ ମଧ୍ୟରେ ଗୁଟିକାଗୁଡ଼ିକରୁ ମାଛି ବାହାରନ୍ତି । ସୁବିଧାଜନକ ଉତ୍ତାପ, ଆର୍ଦ୍ରତା ଓ ଖାଦ୍ୟ ପାଇଲେ ଏମାନେ ୫ ଦିନ ମଧ୍ୟରେ ଅଣ୍ଡାରୁ ବାହାରି ପାରନ୍ତି; କିନ୍ତୁ ସାଧାରଣତଃ ୮ଠାରୁ ୨୦ ଦିନ ସମୟ ଦରକାର ହୁଏ । ଜନ୍ମ ହେବାର ପ୍ରାୟ ୪ ଦିନ ପରେ ମାଈ ମାଛି ଅଣ୍ଡା ଦେବା ଅବସ୍ଥାକୁ ଆସିପାରିଥାଏ ।

ମାଛିର ଆୟୁଷ ହେଉଛି ଖରାଦିନେ ପ୍ରାୟ ମାସେ ଓ ଶୀତଦିନେ ଏହାଠାରୁ କିଛି ବେଶି ।

## ମାଛିମାନଙ୍କର ବାସସ୍ଥଳ

ମାଛିଗୁଡ଼ିକ ବହୁ ସଂଖ୍ୟାରେ ମାଛି-ଉତ୍ପତ୍ତି ସ୍ଥାନରେ ରହିଥାନ୍ତି ଓ ଅବଶିଷ୍ଟ ବହୁ ଦୂରକୁ ଉଡ଼ି ଯାଆନ୍ତି । ମାଛିମାନେ ପ୍ରାୟ ୨୦ ମାଇଲ ଭ୍ରମଣ କରି ପାରିବାର ଜଣାଯାଇଛି । ସାଧାରଣତଃ ସେମାନେ ଉତ୍ପତ୍ତିସ୍ଥଳରୁ ପ୍ରାୟ ୪ ମାଇଲ ମଧ୍ୟରେ ଉଡ଼ୁଥାନ୍ତି ।

## ମାଛି ନିବାରଣ ଉପାୟ

ଏହା ଦୁଇ ଭାଗରେ ବିଭକ୍ତ:—(୧) ଏହାର ଉତ୍ପତ୍ତିର ପ୍ରତିରୋଧ, (୨)ମାଛି ଉପଦ୍ରବର ପ୍ରତିକାର ।

ଶୁକ୍କୁ (ଲାର୍ଭା) ଗୁଡ଼ିକ ଗରମ, ଓଦାଳିଆ ଅଳିଆ ଗଦା, ଆବର୍ଜନା ଗୋବରଗଦା ଇତ୍ୟାଦିରେ ବଢ଼ନ୍ତି । ଗୁହାଳ ବା ଘୋଡ଼ାଶାଳର ମଇଳା ଅନେକ ସମୟରେ ଅଘୋଡ଼ା ଥାଏ । ମାଛିମାନେ ଏ ସବୁ ସ୍ଥାନରେ ବଂଶ ବୃଦ୍ଧି କରନ୍ତି ଓ ନିକଟରେ ଥିବା ବାସଗୃହ ବିଶେଷତଃ ଖାଇବା ଘରକୁ ପଶିଯିବାକୁ ଆକୃଷ୍ଟ ହୁଅନ୍ତି ।

କେତେକ ସହଜ ଉପାୟରେ ମାଛିବଂଶ ବୃଦ୍ଧିକୁ ଅଟକ ବା ନିର୍ମୂଳ କରାଯାଇପାରେ :—

୧ । ଗୋବର ସ୍ତୂପ, ଘୋଡ଼ାଶାଳର ଆବର୍ଜନା ଇତ୍ୟାଦି ଏଣେତେଣେ ନ ଫୋପାଡ଼ି ଗୋଟିଏ ଟିଣ ପାତ୍ରରେ ଘୋଡ଼ାଇ ରଖିବେ ।

୨ । ପାଇଖାନା ସବୁବେଳେ ପରିଷ୍କାର ରଖିବେ ଓ ଜାଲଦ୍ୱାର ଆବୃତ କରିବେ ।

( ୪୨ ପୃଷ୍ଠା ଦେଖନ୍ତୁ )

# ଶିଳ୍ପ

## ଓଡ଼ିଶାରେ ଶିଳ୍ପ-ଅଭ୍ୟୁତ୍ଥାନର ଅନ୍ୟତମ ନିଦର୍ଶନ—ମଧୁପାଟଣା

କଟକ ରେଳ ଷ୍ଟେସନ ନିକଟରୁ ଖୁବ୍ ବେଶି ହେଲେ ଦୁଇ ମାଇଲ୍ ହେବ, କଟକ-ମାନ୍ଦ୍ରାଜ ଜାତୀୟ ରାଜପଥଧାରରେ ବହୁ ଲୋକବାକ ଓ ଯନ୍ତ୍ରଯାନ ଚଳାଚଳଦ୍ୱାରା ମୁଖରିତ ମଧୁପାଟଣା ଅବସ୍ଥିତ। ବେଶି ଦିନର କଥା ନୁହେଁ—ଏଇ ଭୂଖଣ୍ଡ ଏକ ପ୍ରଶସ୍ତ ଗୋଚରଭୂମିରେ ପଡ଼ିଥିଲା। ବର୍ତ୍ତମାନ ଏହା ଏକ ଜନାକୀର୍ଣ୍ଣ କେନ୍ଦ୍ରରେ ରୂପାନ୍ତରିତ ହୋଇଛି। ଓଡ଼ିଶା ତାର ପ୍ରଥମ ଶିଳ୍ପ-ନଗରୀ ସ୍ଥାପନ କରିଛି ଏଠାରେ।

ମଧୁପାଟଣା ଶିଳ୍ପ-ନଗରୀ ୪୦ ଏକର ପରିମିତ ଏକ ଭୂଖଣ୍ଡ ଉପରେ ଅବସ୍ଥିତ। ଏଠାରେ ୩୨ଟି ଛୋଟ, ୧୨ଟି ମଧ୍ୟମ ଏବଂ ୧୬ଟି ବଡ଼ ଧରଣର କାରଖାନା ପାଇଁ ଘର ରହିଛି। ଏ ପର୍ଯ୍ୟନ୍ତ ମଧ୍ୟମ ଓ ଛୋଟ ଧରଣର ମିଶି ମୋଟ ୩୯ଟି କାରଖାନା ଏଠାରେ ସ୍ଥାପିତ ହେଲାଣି। ଏଇ କାରଖାନାଗୁଡ଼ିକରେ ଖଟାଯାଇଥିବା ମୋଟ ମୂଳଧନ ପ୍ରାୟ ୫୪ ଲକ୍ଷ ଟଙ୍କା ହେବ। ଏଗୁଡ଼ିକରେ ମୋଟ ପ୍ରାୟ ୫ ଶହ ଶ୍ରମିକ କାମ କରୁଛନ୍ତି। ଏଇ ଶିଳ୍ପ-ନଗରୀ ସ୍ଥାପନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୧,୪୭,୮୭୯ ଟଙ୍କା ଖର୍ଚ୍ଚ ହେଲାଣି।

ବଡ଼ ବଡ଼ ନଗରର ସହରତଳି ଅଞ୍ଚଳ ଏବଂ ଦେଶର ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳକୁ ଶିଳ୍ପ ପ୍ରସାର ଘଟାଇବା ଉଦ୍ଦେଶ୍ୟରେ ଶିଳ୍ପ-ପାଟଣାମାନ ସ୍ଥାପନ କରିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏହା ଫଳରେ ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳର ଲୋକମାନଙ୍କୁ କାମ ଯୋଗାଇ ଦିଆଯାଇପାରିବ ଏବଂ ସେସବୁ ଅଞ୍ଚଳରେ ଜୀବନଧାରଣର ମାନ ବୃଦ୍ଧି ପାଇବ।

ଏଇସବୁ ଶିଳ୍ପ-ପାଟଣାରେ ଛୋଟ ଛୋଟ ଇଉନିଟ୍‌ମାନଙ୍କୁ କାରଖାନା ବସାଇବା ଲାଗି ସୁସ୍ଥ ପରିବେଶ ମଧ୍ୟରେ ଘର ଯୋଗାଇ ଦିଆଯାଇଥାଏ। ସେସବୁ ଘରେ ବିଜୁଳିଶକ୍ତି, ବାଷ୍ପ, ଧୂମ, ସଂକୁଚିତ-ବାୟୁ ଆଦି କାରଖାନା ଚଳିବା ପାଇଁ ପ୍ରୟୋଜନୀୟ ବିଭିନ୍ନ ସୁବିଧା ଥାଏ।

ଦେଶରେ ଶିଳ୍ପ-ପାଟଣାମାନ ସ୍ଥାପନ କରିବା ପାଇଁ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ୩୦ କୋଟି

[illegible]

୬୦ ଲକ୍ଷ ଟଙ୍କା ବ୍ୟବସ୍ଥା ହୋଇଛି । ବର୍ତ୍ତମାନ ଦେଶରେ ୭୦ଟିରୁ ଅଧିକ ଶିଳ୍ପ-ପାଟଣା ରହିଛି । ଏସବୁ ପାଟଣାମାନଙ୍କରେ ୧୩୮୪ଟି କାରଖାନା କାର୍ଯ୍ୟକାରୀ ହେଉଛି ଏବଂ ସେଗୁଡ଼ିକରେ ପ୍ରାୟ ୧୯,୦୦୦ ଲୋକ କାମ କରୁଛନ୍ତି । ତୃତୀୟ ଯୋଜନା କାଳ ମଧ୍ୟରେ ବିଭିନ୍ନ ଧରଣର ଆଉ ୩୦୦ଟି ନୂଆ ଶିଳ୍ପ-ପାଟଣା ସ୍ଥାପନ ପାଇଁ ପ୍ରସ୍ତାବ କରାଯାଇଛି ।

ମଧୁପାଟଣାରେ ଯେଉଁସବୁ କାରଖାନା ଘର ଯୋଗାଇ ଦିଆଯାଉଛି ସେଥିପାଇଁ ଉପରେ ସ୍ଥିତଥିବା ଏକ ବର୍ଗଫୁଟ ଚଟାଣ ପାଇଁ ହାରାହାରି ଆଠ ନୂଆ ପଇସାରୁ ନଅ ନୂଆ ପଇସା ଭଡ଼ା ପଡ଼ୁଛି । ଅବଶ୍ୟ ମାଲପତ୍ର ମହଜୁଦ୍ ରଖିବା ପାଇଁ ଥିବା ଅଧିକା ସ୍ଥାନ, ପାଇଖାନା ବା ପରିସ୍ରାଘର, ସାଇକେଲ ରଖିବା ସ୍ଥାନ ଏହାର ଅନ୍ତର୍ଭୁକ୍ତ ନୁହେଁ ।

ବର୍ତ୍ତମାନ ଏଇ ପାଟଣାରେ ୩୯ଟି ସଂସ୍ଥା ରହିଛି ଏବଂ ସେଗୁଡ଼ିକ ମୋଟରେ ୫୯ଟି ଇଉନିଟ୍ ଅଧିକାର କରିଛନ୍ତି । କାରଣ କୌଣସି କୌଣସି ସଂସ୍ଥା ପକ୍ଷରୁ ଏକାଧିକ ଇଉନିଟ୍ ଦଖଲ କରାଯାଇଛି । ଏଠାରେ ଏପର୍ଯ୍ୟନ୍ତ ୬୦ଟି ଇଉନିଟ୍ ନିର୍ମିତ ହୋଇଛି ।

## ସଂପ୍ରସାରଣ କେନ୍ଦ୍ର

ଏଇ ଶିଳ୍ପ-ପାଟଣାରେ ସ୍ଥାପିତ ଶିଳ୍ପ ସଂସ୍ଥାଗୁଡ଼ିକର ମାଲିକମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇବା ଲାଗି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏଠାରେ ଏକ ସଂପ୍ରସାରଣ କେନ୍ଦ୍ର ସ୍ଥାପନ କରାଯାଇଛି । ଏଇ ଶିଳ୍ପ-ପାଟଣାର ଏକ ବିଶେଷ ଉଲ୍ଲେଖଯୋଗ୍ୟ ବିଷୟ— ଭାରତ ସରକାରଙ୍କ ପକ୍ଷରୁ ସ୍ଥାପିତ ଏଇ ସଂପ୍ରସାରଣ କେନ୍ଦ୍ର ଶିଳ୍ପଗୁଡ଼ିକୁ ସାଧାରଣ ସାହାଯ୍ୟ ସୁବିଧା ଯୋଗାଇଥାଏ । ବିଭିନ୍ନ ଶିଳ୍ପ ସଂପର୍କରେ ବ୍ୟାବହାରିକ ତାଲିମ ଦେବାପାଇଁ ଏଇ ପାଟଣା ମଧ୍ୟରେ ଓଡ଼ିଶା ସରକାର ଗୋଟିଏ ତାଲିମ୍ ତଥା ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛନ୍ତି । ଫଳରେ ଶିଳ୍ପପାଟଣାରେ ଥିବା ବିଭିନ୍ନ ଶିଳ୍ପସଂସ୍ଥାକୁ କୁଶଳୀ କାରିଗର ଯୋଗାଇବା ଦିଗରେ ଏହା ବିଶେଷ ସାହାଯ୍ୟ କରିବ । ଏଇ ଶିଳ୍ପ-ପାଟଣାକୁ ଲାଗିଥିବା ସରକାରୀ ଅଟୋମୋବାଇଲ ଓ ଡିଜେଲ ତାଲିମ ପ୍ରତିଷ୍ଠାନ ଏବଂ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ ମଧ୍ୟ ସାଧାରଣତଃ ଓଡ଼ିଶା ରାଜ୍ୟର ଏବଂ ବିଶେଷତଃ ଏଇ ପାଟଣା ମଧ୍ୟସ୍ଥ ଶିଳ୍ପଗୁଡ଼ିକର ପ୍ରୟୋଜନ ପୂରଣ ଦିଗରେ ସାହାଯ୍ୟ କରିବ ।

ଓଡ଼ିଶାର କଟକ, ଜଗତପୁର, ରାଉରକେଲା, ଝାରସୁଗୁଡ଼ା, ବ୍ରହ୍ମପୁର ଓ ବାରିପଦାଠାରେ ଶିଳ୍ପ-ପାଟଣା ସ୍ଥାପନ କାର୍ଯ୍ୟ ଶେଷ ହୋଇଛି । ସମ୍ବଲପୁର ଓ ଢେଙ୍କାନାଳଠାରେ ମଧ୍ୟମ ଧରଣର ପାଟଣା ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି । ତୃତୀୟ ଯୋଜନା କାଳରେ ଶିଳ୍ପ-ପାଟଣା ସ୍ଥାପନ କାର୍ଯ୍ୟକ୍ରମର ସଂଶୋଧନ କରାଯାଇଛି । ଏଣିକି କେବଳ ଗ୍ରାମାଞ୍ଚଳ ଶିଳ୍ପ ଇଉନିଟ୍‌ମାନ ସ୍ଥାପିତ ହେବ । ଗ୍ରାମାଞ୍ଚଳ ଶିଳ୍ପ ଇଉନିଟ୍‌ମାନ ସ୍ଥାପନ କରିବା ପାଇଁ ଓଡ଼ିଶାର ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ୧ କୋଟି ୪୧ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି ।

ଏଠାରେ ସ୍ଥାପିତ ଏକ ରଙ୍ଗ ଓ ରସାୟନ କାରଖାନାରେ 'ରଙ୍ଗ ଓ ବାର୍ନିସ ଉତ୍ପାଦନ କରାଯାଉଛି । ଏଠାରେ ବର୍ଷକୁ ପ୍ରାୟ ୧୬ ଲକ୍ଷ ଟଙ୍କାର ଜିନିଷ ଉତ୍ପାଦିତ ହେଉଛି ।

ଫିନାଇଲ ଓ ଫାଉଣ୍ଟେନପେନ୍ କାଳି ଆଦି ଉତ୍ପାଦନ କରୁଥିବା ଆଉ ଏକ କାରଖାନାରେ ବର୍ଷକୁ ପ୍ରାୟ ୬ ଲକ୍ଷ ଟଙ୍କାର ଦ୍ରବ୍ୟ ଉତ୍ପାଦିତ ହେଉଛି ।

ଗୋଟିଏ ସମବାୟ କଳଚଳନ୍ତି କାରଖାନାରେ ବର୍ଷକୁ ପ୍ରାୟ ୫ ଲକ୍ଷ ଟଙ୍କାର ଲୁଗା ଉତ୍ପାଦିତ ହେଉଛି ।

( ୪୦ ପୃଷ୍ଠା ଦେଖନ୍ତୁ )



# ଯୋଜନା ଓ ପ୍ରୟୋଜନ

## ପ୍ରତିରକ୍ଷା ଯୋଜନାରେ ଅଗ୍ରଗତି

ଚୀନ ପକ୍ଷରୁ ଭାରତ ଉପରେ ପୁନର୍ବାର ଆକ୍ରମଣ ହେବାର ଆଶଙ୍କା ଥିବାରୁ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନେହରୁ ଲୋକସଭାରେ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧରେ ଭାରତର ପ୍ରତିରକ୍ଷା-ବାହିନୀର ପ୍ରସାରଣ ଓ ସୁଦୃଢ଼ କରିବା ପାଇଁ କି କି ବ୍ୟବସ୍ଥା କରାଯାଇଛି, ତାର ଏକ ବିବରଣୀ ଦିଆଯାଇଛି ।

ବିଶ୍ୱାସଘାତ, ଆକ୍ରମଣଦ୍ୱାରା ଦେଶର ସ୍ୱାଧୀନତା ଯେପରି ବିପନ୍ନ ନ ହୁଏ, ସେଥିପାଇଁ ଯୋଜନାବଦ୍ଧ ଭାବରେ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆଜି ସମଗ୍ର ଦେଶରେ ଉଦ୍ୟମ ଚାଲିଛି । ବୋଧହୁଏ ଏହି ଉଦ୍ୟମ ବହୁକାଳ ଧରି ଚାଲିବ । ଚୀନାମାନେ ଭାରତ ଉପରେ ଅପ୍ରତ୍ୟାଶିତ ଆକ୍ରମଣ ଆରମ୍ଭ କରିଦେଇ ଆଶା ରଖିଥିଲେ ଯେ, ଭାରତର ଅର୍ଥନୈତିକ ବ୍ୟବସ୍ଥା ଚରମ ଦୁର୍ଗତିର ସମ୍ମୁଖୀନ ହୋଇ ବିପର୍ଯ୍ୟସ୍ତ ହୋଇଯିବ ଓ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ । କିନ୍ତୁ ଚୀନାମାନଙ୍କର ସେ ଆଶା ଆଜ ଭୁଲ୍ ହୋଇ ପ୍ରମାଣିତ ହୋଇଛି । ଆଜି ଦେଶର ଜନସାଧାରଣ ପଞ୍ଚବାର୍ଷିକ ଯୋଜନାର ଦ୍ରୁତ ସଫଳତା ପାଇଁ ଯେଉଁଭଳି ଦୃଢ଼ପରିକର ହୋଇଛନ୍ତି, ଭାରତୀୟ ପ୍ରତିରକ୍ଷା-ବାହିନୀର ପ୍ରସାର ଓ ଦୃଢ଼ ସଂଗଠନ ନିମନ୍ତେ ମଧ୍ୟ ସେଭଳି ଉତ୍ସାହ ପ୍ରଦର୍ଶନ କରିଛନ୍ତି । କମ୍ୟୁନିଷ୍ଟ ଚୀନର ସାମ୍ରାଜ୍ୟବାଦୀ ରାଜ୍ୟ-ବିସ୍ତାର ଉଦ୍ୟମର ଠିକଣା ଜବାବ ଦେବାପାଇଁ ଦେଶର ଜନସାଧାରଣ ଓ ସରକାର ନିଜକୁ ପ୍ରସ୍ତୁତ କରି ନେଲେଣି । ଏହା ଫଳରେ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ବଜେଟରେ ପ୍ରତିରକ୍ଷା ବ୍ୟବସ୍ଥାର ଖର୍ଚ୍ଚକୁ ଯଥେଷ୍ଟ ପରିମାଣରେ ବଢ଼ାଇ ଦିଆଯାଇଛି ।

ଚୀନ ଆକ୍ରମଣର ପ୍ରତିରୋଧ କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ଯେଉଁ ୮୬୭ କୋଟି ଟଙ୍କାର

କ୍ୟାମ୍ପ-ବନ୍ଦ କରାଯାଇଛି, ତାହା ଯଥେଷ୍ଟ ନ ହେଲେ ମଧ୍ୟ ଏକ ଶକ୍ତିଶାଳୀ ପ୍ରତିରକ୍ଷା-ବାହିନୀ ଗଠନ କରିବାର ଏହା ଆରମ୍ଭ ମାତ୍ର । ଲୋକସଭାରେ ଏ ସଂପର୍କରେ ଭାଷଣ ଦେଇ ପ୍ରତିରକ୍ଷା-ମନ୍ତ୍ରୀ କହିଥିଲେ ଯେ ଆମେ ପ୍ରତିରକ୍ଷା-ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କ୍ରମାଗତ ବର୍ଷପରେ ବର୍ଷ ଉଦ୍ୟମ କରିବୁ । ଏହା ଫଳରେ ପ୍ରତିରକ୍ଷା-ବାହିନୀ ଓ ପ୍ରତିରକ୍ଷା-ବ୍ୟବସ୍ଥା ସଂପର୍କରେ ଜନସାଧାରଣଙ୍କର ବିଶ୍ୱାସ ପୁନଃ ପ୍ରତିଷ୍ଠିତ ହେବ ।

## ପର୍ଯ୍ୟାୟକ୍ରମେ ପ୍ରତିରକ୍ଷା-ଯୋଜନା

ଆମ ପ୍ରତିରକ୍ଷା-ବାହିନୀର ପ୍ରଧାନ ଅଙ୍ଗ ହେଲା ଆମର ସଶସ୍ତ୍ର-ବାହିନୀ । ଭାରତର ଯେ ସାମ୍ରାଜ୍ୟ-ବିସ୍ତାର ଇଚ୍ଛା ନାହିଁ ବିଶ୍ୱର ସମସ୍ତ ରାଷ୍ଟ୍ର ଏକଥା ଭଲ-ରୂପେ ଜାଣନ୍ତି; କିନ୍ତୁ ଏକ ବିଶ୍ୱାସଘାତକ ଓ ମାତ୍ସ୍ୟନ ପଡ଼ୋଶୀ ରାଷ୍ଟ୍ରର ଆକ୍ରମଣରୁ ଦେଶର ସ୍ୱାଧୀନତା ରକ୍ଷା କରିବା ନିମନ୍ତେ ଆମକୁ ଆମର ପ୍ରତିରକ୍ଷା-ବାହିନୀକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ହେବ ।

କିନ୍ତୁ ଏହା ମାସେ ବା ବର୍ଷକ ମଧ୍ୟରେ କରିବା ସମ୍ଭବ ହେବ ନାହିଁ । ଏଥିପାଇଁ ଆମକୁ ଏକ ଦୀର୍ଘ-ମିଆଦି ଯୋଜନା ପ୍ରସ୍ତୁତ କରିବାକୁ ହେବ । ବର୍ତ୍ତମାନ ଜରୁରି ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ଆମକୁ ଆମର ପ୍ରତିରକ୍ଷା ବାହିନୀକୁ ଅଳ୍ପକାଳ ମଧ୍ୟରେ ସୁଦୃଢ଼ କରିବାକୁ ହେବ । ଏଥିପାଇଁ ଏକ ସ୍ୱଳ୍ପ-ମିଆଦି ଯୋଜନା ପ୍ରସ୍ତୁତ କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଇଛି ।

ଏ ସଂପର୍କରେ ଲୋକସଭାରେ ଭାଷଣ ଦେଇ ପ୍ରତିରକ୍ଷା-ମନ୍ତ୍ରୀ ସ୍ପଷ୍ଟରୂପେ ପର୍ଯ୍ୟାୟରେ ଏହି ସ୍ୱଳ୍ପ-ମିଆଦି ଯୋଜନା କାର୍ଯ୍ୟକାରୀ ହେବ ବୋଲି ଆଶା ପ୍ରକାଶ କରିଥିଲେ । ସେଗୁଡିକ ହେଲା ସଶସ୍ତ୍ର-ବାହିନୀର ସମ୍ପ୍ରସାରଣ, ବିମାନ-ବାହିନୀର ଆଧୁନିକୀ-କରଣ, ଅସ୍ତ୍ରଶସ୍ତ୍ର ପାଇଁ ଏକ ଦୃଢ଼ ଉତ୍ପାଦନ କ୍ଷେତ୍ର ପ୍ରତିଷ୍ଠା ଏବଂ ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ଉନ୍ନତି କରିବା ।

ତେଣୁ ପ୍ରଥମେ ସଶସ୍ତ୍ର ବାହିନୀକୁ ଦୁଇ ଗୁଣ କରି ତାର ସଂପ୍ରସାରଣ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇଛି । ଏହା କଷ୍ଟସାଧ୍ୟ କାର୍ଯ୍ୟ ହେଲେ ମଧ୍ୟ ଆସନ୍ତା ଦୁଇବର୍ଷ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ କେନ୍ଦ୍ର ସରକାର ଦୃଢ଼ପ୍ରତିଜ୍ଞ ହୋଇଛନ୍ତି ।

## ପାର୍ବତ୍ୟ ଅଞ୍ଚଳରେ ଯୁଦ୍ଧକୌଶଳ ଶିକ୍ଷା

ନିକଟରେ ହୋଇଥିବା ଯୁଦ୍ଧରେ ଯେଉଁ ଅଭିଜ୍ଞତା ମିଳିଲା ସେଥିରୁ ଜଣାଯାଇଛି ଯେ ଆମର ଯବାନ-ମାନଙ୍କୁ ପାର୍ବତ୍ୟ ଅଞ୍ଚଳରେ କିପରି ଯୁଦ୍ଧ କରିବାକୁ ହୁଏ; ସେଥିପାଇଁ ସ୍ୱତନ୍ତ୍ର ଶିକ୍ଷା ଦେଇ ପ୍ରସ୍ତୁତ କରିବାକୁ ହେବ । ଚଳିତ ବର୍ଷ ମଧ୍ୟରେ ପାର୍ବତ୍ୟ ଅଞ୍ଚଳରେ ଯୁଦ୍ଧ କିପରି କରିବାକୁ ହେବ ସେ କୌଶଳ ଶିକ୍ଷା କରିଥିବା ଯବାନମାନଙ୍କୁ ନେଇ ପାଞ୍ଚୋଟି ଡିଭିଜନ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରାଯାଇଛି । ଆମର ଯବାନମାନେ ଏ ସଂପର୍କରେ ବିଶେଷ ଶିକ୍ଷା ପାଇ ନ ଥିଲେ ମଧ୍ୟ ଗତ ଯୁଦ୍ଧ ସମୟରେ ଖୁବ୍ ଉଚ୍ଚରେ ରହି ହିମାଳୟ ଉପରେ ଯୁଦ୍ଧ କରି ନିଜ ସାହସର ପରିଚୟ ଦେଇଛନ୍ତି । ପାର୍ବତ୍ୟ ଯୁଦ୍ଧ-କୌଶଳରେ ସ୍ୱତନ୍ତ୍ରଭାବରେ ଶିକ୍ଷା ପାଇଥିବା ଏହି ପାଞ୍ଚ ଡିଭିଜନ ଯବାନ୍ ଶତ୍ରୁ-ଆକ୍ରମଣର ସଠିକ ଜବାବ ନିଶ୍ଚୟ ଦେଇପାରିବେ । ଆଧୁନିକ ଧରଣର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ବ୍ୟତୀତ ହିମାଳୟର ଅତି ଉଚ୍ଚ ଅଞ୍ଚଳମାନଙ୍କରେ ରହି ଯବାନ୍‌ମାନେ ଯେପରି ନିଜକୁ ଅଭ୍ୟସ୍ତ କରାଇନେଇପାରିବେ, ସେଥିପାଇଁ ମଧ୍ୟ ଦୃଷ୍ଟି ଦିଆଯାଇଛି । ଶାରୀରିକ ସୁସ୍ଥତା ପ୍ରତି ଦୃଷ୍ଟି ଦିଆଯାଇ ଏଥିପାଇଁ ଯବାନ୍‌ମାନଙ୍କୁ ମନୋନୀତ କରାଯାଇଛି ।

## ସୈନ୍ୟବାହିନୀ ଅଫିସରମାନଙ୍କ ଶିକ୍ଷା

କୌଣସି ସୁଶିକ୍ଷିତ ସଶସ୍ତ୍ର-ବାହିନୀର ଯୁଦ୍ଧ କରିବା କ୍ଷମତା ତାର ସଂଖ୍ୟାଗରିଷ୍ଠତା ଉପରେ ନିର୍ଭର କରେ ନାହିଁ । ଏହି ସୁଶିକ୍ଷିତ ସୈନ୍ୟମାନଙ୍କୁ ଉପଯୁକ୍ତ ସ୍ତରରେ ପରିଚାଳିତ କରିବା ହେଲା ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । ଏହି ଦାୟିତ୍ୱ ସାଧାରଣତଃ ଅଫିସର-ମାନଙ୍କର । ତେଣୁ ଆଜି ସଶସ୍ତ୍ର-ବାହିନୀ ପାଇଁ ଅଫିସରମାନଙ୍କୁ ମନୋନୀତ କରିବା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି । ଯବାନ୍‌ମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଠିକ୍‌ଭାବରେ ପରିଚାଳିତ କରିବା ଏମାନଙ୍କର ଦାୟିତ୍ୱ ।

ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇ ଏବେ ଜରୁରିକାଳୀନ କମିଶନ ଦିଆଯାଉଛି । ଭାରତୀୟ ସୈନ୍ୟବାହିନୀରେ ପୂର୍ବରୁ ଯେଉଁମାନେ ଥିଲେ, ସେମାନେ ମଧ୍ୟ ଏହି ଜରୁରିକାଳୀନ କମିଶନ ପାଇବା ପାଇଁ ପ୍ରାର୍ଥୀ ହୋଇପାରିବେ ଓ କେତେକ ବିଭାଗ ପର୍ଯ୍ୟନ୍ତ ଜୁନିଅର କମିଶନ ପାଇଥିବା ଅଫିସରମାନଙ୍କୁ ଏଥିପାଇଁ ପ୍ରାର୍ଥୀ ହେବାକୁ ମଧ୍ୟ ସୁବିଧା ଦିଆଯାଇଛି ।

ବହୁସଂଖ୍ୟକ ଯୁବକମାନଙ୍କୁ ଏହି ସୁବିଧା ଦେବା ଉଦ୍ଦେଶ୍ୟରେ ଏଥିପାଇଁ ଧାର୍ଯ୍ୟ ଥିବା ସର୍ବନିମ୍ନ ବୟସ ୨୦ ପରିବର୍ତ୍ତେ ୧୯ ରଖାଯାଇଛି । ସମସ୍ତ ସରକାରୀ ଚାକିରିଆ, ସାଧାରଣ ଯୁବକ ଏବଂ ଆଞ୍ଚଳିକ ବାହିନୀ ଓ ସୈନ୍ୟ-ବାହିନୀରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଲୋକ ଏଥିପାଇଁ ଦରଖାସ୍ତ କରି ପାରିବେ । କିନ୍ତୁ ସେମାନଙ୍କର ବୟସ ୧୯ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ପ୍ରାଥମିକ ପରୀକ୍ଷାରେ ଉପଯୁକ୍ତ ବିବେଚିତ ପ୍ରାର୍ଥୀମାନେ ପୁନରାୟ ଦରଖାସ୍ତ କରିବାକୁ ଚାହିଁଲେ, ଛ'ମାସ ପରେ କରିବେ ବୋଲି ଯେଉଁ ନିୟମ ଧାର୍ଯ୍ୟ କରାଯାଇଥିଲା, ତାକୁ ଏବେ ଉଠାଇ ଦିଆଯାଇଛି । ତେଣୁ ପ୍ରାଥମିକ ପରୀକ୍ଷାରେ ମନୋନୀତ ହୋଇ ନ ଥିବା ପ୍ରାର୍ଥୀମାନେ ପରେ ପରେ ଆଉ ଥରେ ଦରଖାସ୍ତ କରିବାରେ କୌଣସି ବାଧା ରହିବ ନାହିଁ ।

## ଅଫିସରମାନଙ୍କ ପାଇ ଶିକ୍ଷାକେନ୍ଦ୍ର

ସୈନ୍ୟ-ବାହିନୀର ଦକ୍ଷ ପରିଚାଳନା ନିମନ୍ତେ ଅଫିସର ଓ ଯବାନମାନଙ୍କ ମଧ୍ୟରେ ଦୃଢ଼ ସଂପର୍କ ରହିବା ଉଚିତ । ଏ ସଂପର୍କରେ ମତ ଦେଇ ଜଣେ ବିଶ୍ୱବିଖ୍ୟାତ ସେନାପତି କହିଥିଲେ ଯେ କୌଣସି-ଠାରେ ଭଲ ସୈନ୍ୟବାହିନୀ ବା ମନ୍ଦ ସୈନ୍ୟବାହିନୀ ନ ଥାନ୍ତି; କେବଳ ଥାଆନ୍ତି ଭଲ ବା ମନ୍ଦ ଅଫିସର । ଯେଉଁ ସୈନ୍ୟମାନଙ୍କୁ ପରିଚାଳିତ କରିବେ ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ଜନ୍ମାଇ ପାରିବାର ଦକ୍ଷତାରୁ ହିଁ ଅଫିସରଙ୍କର ପ୍ରକୃତ କ୍ଷମତା ଜଣାଯାଏ । ଜରୁରିକାଳୀନ କମିଶନ ବ୍ୟବସ୍ଥା ପ୍ରବର୍ତ୍ତନ କଲାବେଳେ ପ୍ରତିରକ୍ଷା-ମନ୍ତ୍ରଣାଳୟ ଏହି ନୀତି ଉପରେ ବିଶେଷ ଲକ୍ଷ୍ୟ ଦେଇ ସେମାନଙ୍କର ଶିକ୍ଷା କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି ।

ଭାରତୀୟ ସାମରିକ ଏକାଡେମୀରେ ଏତେ ସଂଖ୍ୟକ ଅଫିସରଙ୍କୁ ଏକକାଳୀନ ଶିକ୍ଷା ଦେବାର ବ୍ୟବସ୍ଥା ନ ଥିବାରୁ ପୁନା ଓ ମାଡ୍ରାସଠାରେ ଅଫିସରମାନଙ୍କ ପାଇଁ ଦୁଇଟି ଶିକ୍ଷା କେନ୍ଦ୍ର ଖୋଲାଯାଇଛି ।

ଆମ ପ୍ରତିରକ୍ଷା-ମନ୍ତ୍ରୀଙ୍କ ଭାଷାରେ ଆମେ ଆଜି ଏକ ଭୀଷଣ ବିପଦର ସମ୍ମୁଖୀନ ହୋଇଛୁ ଏବଂ ଏହି ଜରୁରିକାଳୀନ ପରିସ୍ଥିତି ଅନେକ ଦିନ ଧରି ଚାଲିପାରେ । ଆସନ୍ତା ମାସମାନଙ୍କରେ ଶତ୍ରୁ ଆକ୍ରମଣ ବିରୁଦ୍ଧରେ ନିଜକୁ ପ୍ରସ୍ତୁତ କରିନେବା ପାଇଁ ପ୍ରତ୍ୟେକ ନାଗରିକ ଉଦ୍ୟମ କରିବା ଉଚିତ । ଏହି ଦୃଷ୍ଟିରୁ

( ୪୦ ପୃଷ୍ଠା ଦେଖନ୍ତୁ )



# ଅସାଧ୍ୟ ସାଧନ

ଏହିବର୍ଷ ଜାନୁଆରୀ ୭ ତାରିଖରେ, ଜାମସେଦପୁରର ଇସ୍ପାତ କାରଖାନାର 'ଏ' ବ୍ଲାଷ୍ଟ୍ ଫର୍ଣ୍ଣେସକୁ ଆହୁରି ବଡ଼ ଆକାରରେ ପୁନର୍ନିର୍ମାଣ କରିବାପାଇଁ ବନ୍ଦ କରାଯାଇଥିଲା । ଏହା ଏକ ବିରାଟ କାମ—ଏଥିପାଇଁ ୨,୧୦୦ ଟନ୍ ରିଫ୍ରାକ୍ଟରୀ, ୧,୬୦୦ ମିଟର ପାଇପ, ୬,୬୦୦ ମିଟର ବୈଦ୍ୟୁତିକ ତାର ଓ ୧,୧୦୦ ଟନ୍ ଇସ୍ପାତ ସାମଗ୍ରୀ ଦରକାର ପଡ଼ିଥିଲା ।

ପ୍ରଥମେ ନିର୍ଦ୍ଧାରିତ ୧୮୦ ଦିନର କାମକୁ ୯୦ ଦିନରେ କରିବାର ଯୋଜନା ଯେତେବେଳେ ନିଆଗଲା, ଅନେକ ଭାବିଲେ ଏହା ଅସମ୍ଭବ ବୋଲି । କିନ୍ତୁ ଟାଟା ଷ୍ଟିଲ୍‌ର ଯନ୍ତ୍ରୀଗଣ, ତଦାରଖକାରୀ ଓ ଶ୍ରମିକ ବୃନ୍ଦ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ୮୩ ଦିନରେ ଅର୍ଥାତ୍ ଅର୍ଦ୍ଧେକ ସମୟରୁ ଅଳ୍ପ ଆଗରୁ ଶେଷ କରିଦେଇଥିଲେ ।

ଦୈନିକ ୮୧୫ ଟନ ଉତ୍ପାଦନ କରୁଥିବା 'ଏ' ବ୍ଲାଷ୍ଟ ଫର୍ଣ୍ଣେସ, ୩୫ ବର୍ଷଧରି ମାର୍ଟିନ୍ ସ୍ମୃତିସ୍ତମ୍ଭ ମାଡ଼ିଛି ପ୍ରଥମ ଅବସ୍ଥାରେ ଚାଲୁ ହୋଇଥିଲା । ନୂଆକରି ବଡ଼ ଆକାରରେ ତିଆରି ହେବାପରେ ବର୍ତ୍ତମାନ ଏଥିରେ ଦୈନିକ ହିସାବରେ ପୂର୍ବ ଠାରୁ ୨୨୦ ଟନ୍ ଏବଂ ପିଣ୍ଡର ଓ ସାଧାରଣ କରାଯାଇ ପାରିବା ଦେଇ ୨୨୫ ଟନ ଲୌହପିଣ୍ଡ ଉତ୍ପାଦନ କରାଯାଇପାରେ ।

ମିଳିତ ପ୍ରଚେଷ୍ଟା କାମ, ଯାନ୍ତ୍ରିକ କୌଶଳ ଓ ସହଯୋଗ ଫଳରେ ସର୍ବାଧିକ ଉତ୍ପାଦନ ହାସଲ କରିବାର ଉଦ୍ଦେଶ୍ୟରେ ପ୍ରଚେଷ୍ଟାର ସୁପ୍ରମାଣ ଏହି ଅଦ୍ଭୁତ ସାଫଲ୍ୟରୁ ମିଳିଥାଏ । ତାହାହିଁ ହେଉଛି ଜାମସେଦପୁରର ବିଶେଷତ୍ୱ : ଏଠାରେ ଶିଳ୍ପ କେବଳ ଉନ୍ନତିର ଅବଲମ୍ବନ ନୁହେଁ, ଜୀବନର ଏକ ସୋପାନ ମାର୍ଗ ।

**ଜାମସେଦପୁର**
ଇସ୍ପାତ ନଗରୀ

**ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଅକୁଣ୍ଠ ଦାନ କରନ୍ତୁ**

The Tata Iron and Steel Company Limited

JWTTN 141

# ପଲ୍ଲୀ ଭାରତର ପ୍ରତିରକ୍ଷା ପ୍ରଚେଷ୍ଟାରେ ପଲ୍ଲୀ ସ୍ୱେଚ୍ଛାସେବୀ-ବାହିନୀର କାର୍ଯ୍ୟ

## ପ୍ରତ୍ୟେକ ଗ୍ରାମ ଗୋଟିଏ ଗୋଟିଏ ଦୁର୍ଭେଦ୍ୟ ଦୁର୍ଗରେ ପରିଣତ ହେଉଛି

ଗତ ବର୍ଷ ସାଧାରଣତନ୍ତ୍ର ଦିବସରେ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହରୁ ପଲ୍ଲୀ ସ୍ୱେଚ୍ଛାସେବୀ-ବାହିନୀର ଜାତ-କର୍ମ ସଂପାଦନ କରିଥିଲେ। ସେହିଦିନଠାରୁ ସମଗ୍ର ଦେଶରେ ଏହା ବିଶେଷ ଲୋକପ୍ରିୟତା ଅର୍ଜନ କରିଛି। ଦେଶର ସମଗ୍ର ଅଞ୍ଚଳରୁ ବହୁସଂଖ୍ୟକ ନାରୀଙ୍କ ସମେତ ମୋଟ ୧୭ ଲକ୍ଷରୁ ଅଧିକ ଲୋକ ଏହି ବାହିନୀରେ ଯୋଗ ଦେଲେଣି।

ଭାରତର ୫,୫୭,୦୦୦ ଗ୍ରାମରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଗଣ-ଶିକ୍ଷାର ପ୍ରସାର ଘଟାଇବା ଏବଂ ବେସାମରିକ ପ୍ରତିରକ୍ଷା ବ୍ୟବସ୍ଥାର ସଂଗଠନ କରିବା ଉଦ୍ଦେଶ୍ୟରେ ପଲ୍ଲୀ ସ୍ୱେଚ୍ଛାସେବୀ-ବାହିନୀ ଗଠନ କରାଯାଇଛି। ଏହିଭାବରେ ଦେଶର ସହସ୍ର ସହସ୍ର ନରନାରୀ ଜାତିର ଶକ୍ତି ବୃଦ୍ଧି ଦିଗରେ ସ୍ୱତଃସ୍ଫୂର୍ତ୍ତି ଦାନ ଦେବାକୁ ସକ୍ଷମ ହେବେ।

ସୀମାନ୍ତରେ ଏକ ନିଷ୍ଠୁର ଦୁର୍ଦ୍ଦମ ଶତ୍ରୁ ଦଣ୍ଡାୟମାନ ହୋଇଥିଲାବେଳେ ପ୍ରତ୍ୟେକ ଭାରତୀୟ ଭାରତର ସମ୍ମାନରକ୍ଷା ଲାଗି ପ୍ରାଣବଳି ଦେବାକୁ ମଧ୍ୟ ପ୍ରସ୍ତୁତ; କିନ୍ତୁ ସମସ୍ତେ ତ ଆଉ ସଶସ୍ତ୍ର-ବାହିନୀରେ ଯୋଗଦେଇ ପାରିବେ ନାହିଁ। ତା'ଛଡ଼ା ଯୁଦ୍ଧଭୂମିରେ ବିଜୟ ହାସଲ ପାଇଁ ଆମର ଯେଉଁ ସୈନ୍ୟମାନେ ଅବିରତ ସଂଗ୍ରାମ ଚଳାଇଛନ୍ତି, ସେମାନେ ଘରେ ରହିଥିବା କୋଟି କୋଟି ଲୋକଙ୍କ ଅକ୍ଳାନ୍ତ ପରିଶ୍ରମ ଚାହାନ୍ତି। ଏହା ଫଳରେ ସେମାନଙ୍କର ଶକ୍ତି ବୃଦ୍ଧି ପାଇବ।

ମାତୃଭୂମିର ସୁରକ୍ଷା ଦିଗରେ ଆମର ସୈନ୍ୟ-ମାନଙ୍କ ହାତମୁଠା ଟାଣ କରିବା ପାଇଁ କେବଳ ଯବାନମାନଙ୍କ ଆବଶ୍ୟକୀୟ ଖାଦ୍ୟ ନୁହେଁ, ବହୁ ଶିଳ୍ପ ପାଇଁ ପ୍ରୟୋଜନୀୟ କଞ୍ଚାମାଲ ମଧ୍ୟ ଗାଁଗହଳରୁ ଆସିଥାଏ। ବର୍ତ୍ତମାନ ପ୍ରତ୍ୟେକ ଗ୍ରାମରେ ପଲ୍ଲୀ ସ୍ୱେଚ୍ଛାସେବୀ ବାହିନୀମାନ ଗଠନ କରି ଜାତୀୟ ପ୍ରୟୋଜନ ପୂରଣ ଦିଗରେ ଭାରତର ଗାଁଗହଳରେ ଥିବା ଅସୀମ ଲୋକବଳକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ପ୍ରତ୍ୟେକ ପଲ୍ଲୀ ସ୍ୱେଚ୍ଛାସେବୀ ବାହିନୀର ଏକ ଅଖଣ୍ଡ ଅଙ୍ଗରୂପେ ପ୍ରତିରକ୍ଷା ଶ୍ରମ ବ୍ୟାଙ୍କ୍ ସଂଗଠନ କରାଯାଉଛି। ଏହା ଫଳରେ ପଲ୍ଲୀ ପରିବାରଗୁଡ଼ିକ ଶ୍ରମ-ଦିବସ ଦାନ କରିପାରିବେ। ଭାରତର ସ୍ୱେଚ୍ଛା-ସେବୀ ଶ୍ରମିକମାନଙ୍କଠାରୁ ଦାନସୂତ୍ରରେ ଏ ଯେଉଁ ଶ୍ରମ-ଦିବସ ମିଳିବ, ତାହା ସାହାଯ୍ୟରେ ଜଳସେଚନ-ଲାଗି ପୋଖରୀ, ସେଚନାଳୀ, ପିଇବା ପାଣି ପାଇବା ପାଇଁ କୂଅ ଖୋଳାଯାଇ ପାରିବ, ବୃକ୍ଷରୋପଣ କରାଯାଇ ପାରିବ, ଚାଷ ପାଇଁ ଜମି ଆବାଦ କରାଯାଇ ପାରିବ ଏବଂ ପ୍ରତିରକ୍ଷା ପ୍ରଚେଷ୍ଟା ଦିଗରେ ଅନ୍ୟାନ୍ୟ

ସାହାଯ୍ୟ କରାଯାଇପାରିବ । ବଡ଼ ଗର୍ବର କଥା, ଏହି ଶ୍ରମ-ବ୍ୟାଙ୍କ୍ ଆନ୍ଦୋଳନ ଖୋଲିବା ଦିନଠୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ କୋଟି ୮୪ ଲକ୍ଷ ଶ୍ରମ-ଦିବସ ମହଜୁଦ୍ ହେଲାଣି ।

ପଲ୍ଲୀ ସ୍ୱେଚ୍ଛାସେବୀ-ବାହିନୀର ସର୍ବପ୍ରଧାନ କାର୍ଯ୍ୟ ହେଲା କୃଷି ଉତ୍ପାଦନ ବୃଦ୍ଧି କରିବା । ତଥାପି ଗଣଶିକ୍ଷା ଓ ଗ୍ରାମ ପ୍ରତିରକ୍ଷା କାର୍ଯ୍ୟକ୍ରମ ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଗଣଶିକ୍ଷାର ଅର୍ଥ ହେଲା ଗ୍ରାମବାସୀମାନଙ୍କ ମନୋବଳକୁ ଦୃଢ଼ ରଖିବା ପାଇଁ ସେମାନଙ୍କୁ ସତ୍ୟ ସଂବାଦ ପରିବେଷଣ କରିବା ଏବଂ ଗୁଜବ୍ ରଟନାକୁ ପ୍ରତିରୋଧ କରିବା ।

ଗ୍ରାମ ପ୍ରତିରକ୍ଷା ସଂଗଠନ ଲାଗି ପ୍ରାଥମିକ ଚିକିତ୍ସା, ଗୃହ-ରକ୍ଷା, ନିଆଁ ଲିଭାଇବା, ବ୍ୟାୟାମ ଆଦି କରିବା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ କରାଯିବ । ଏହାଛଡ଼ା ପହରା କାର୍ଯ୍ୟ କରିବା ଏବଂ ଯୋଗାଯୋଗ ବ୍ୟବସ୍ଥା ଜଗାରଖା କରିବା ପାଇଁ ମଧ୍ୟ ସେମାନଙ୍କୁ ଆହ୍ୱାନ କରାଯାଇପାରେ ।

ଏହି ବାହିନୀ ଗଠନର ପ୍ରଥମ ପର୍ଯ୍ୟାୟରୂପେ ବଛାଯାଇଥିବା କେତେକ ଯୁବକଙ୍କୁ ଦଳପତି ଓ ଉପଦଳପତିରୂପେ ତାଲିମ୍ କରାଯାଇଛି । ସେମାନେ ଗାଁକୁ ଫେରି ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ କରିବେ ଏବଂ କୃଷି ଉତ୍ପାଦନ ବୃଦ୍ଧି, ଗଣଶିକ୍ଷା ଓ ଗ୍ରାମ ପ୍ରତିରକ୍ଷା କାର୍ଯ୍ୟମାନ ତୁରନ୍ତ କାର୍ଯ୍ୟକାରୀ କରିବେ । ଦେଶର ବହୁଳ କେନ୍ଦ୍ରରେ ଏଭଳି ନେତାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ତାଲିମ୍ କରାଯିବ ।

ଭାରତର ସ୍ୱାଧୀନତାର ପ୍ରହରୀରୂପେ ସୁଯୋଗ ଲାଭ ପାଇଁ ପଲ୍ଲୀ ଭାରତର ଯେଉଁ ଯୁବକମାନେ ପ୍ରାର୍ଥନା କରୁଥିଲେ, ପଲ୍ଲୀ ସ୍ୱେଚ୍ଛାସେବୀ ବାହିନୀ ସେମାନଙ୍କ ଲାଗି ଏକ ଆଶୀର୍ବାଦ ।

( ୩୪ ପୃଷ୍ଠାର ଅବଶିଷ୍ଟାଂଶ )

ଏହି ଶିଳ୍ପ-ପ୍ରାଙ୍ଗଣ ମଧ୍ୟରେ ଥିବା ଅନ୍ୟାନ୍ୟ କାରଖାନାଗୁଡ଼ିକରେ ଔଷଧ, ବାଡ଼ ଦେବାପାଇଁ ତାର କଣ୍ଟା, ତାର ନଟ୍ ଓ ବୋଲ୍ଟ, ରେଡ଼ି ଓ ଖାଣିଜ ଯନ୍ତ୍ରପାତି, କୃଷି-ଉପକରଣ, ଅମ୍ବର ଚରଖା ଆଦି ଉତ୍ପାଦିତ ହେଉଛି ।

ଗୋଟିଏ କାରଖାନାରେ ସାଇକେଲ ଯୋଡ଼ା ଯାଉଛି । ଆଉ ଗୋଟିଏ କାରଖାନାରେ ରେଡ଼ିଓ ଓ ଟ୍ରାଞ୍ଜିଷ୍ଟର ସେଟ୍ ଯୋଡ଼ା ଯାଉଛି । ଓଡ଼ିଶାରେ ପ୍ରଥମ ହୋଇ ବର୍ଷକୁ ପ୍ରାୟ ମୋଟ ଏକ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଟେରି ପ୍ରସ୍ତୁତ କରାଯାଉଛି ।

କଟକର ମଧୁପାଟଣା ରେଳ ଷ୍ଟେସନର ଖୁବ୍ ନିକଟରେ ଜାତୀୟ ରାଜପଥର ପାର୍ଶ୍ୱରେ ଏବଂ ଓଡ଼ିଶାର ଅନ୍ୟତମ ପ୍ରଧାନ ନାଳର ଧାରରେ ଅବସ୍ଥିତ ଥିବାରୁ କ୍ଷୁଦ୍ର ଶିଳ୍ପଗୁଡ଼ିକ ପାଇଁ ଏକ ଉପଯୁକ୍ତ ସ୍ଥାନ ଦଖଲ କରିଛି । ଏହି ପ୍ରାଙ୍ଗଣର କାର୍ଯ୍ୟକାରିତାରୁ ଦେଶର ଉନ୍ନୟନ କ୍ଷେତ୍ରରେ କ୍ଷୁଦ୍ର-ଶିଳ୍ପ ଯେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି, ତାହା ପ୍ରମାଣିତ ହୋଇଛି ।

( ୩୭ ପୃଷ୍ଠାର ଅବଶିଷ୍ଟାଂଶ )

ଦେଶରେ ସଶସ୍ତ୍ର-ବାହିନୀ ଉପରେ ଏକ ଗୁରୁ ଦାୟିତ୍ୱ ଆସି ପଡ଼ିଛି ଓ ଶତ୍ରୁ ଆକ୍ରମଣର ଠିକଣା ଜବାବ ଦେବାକୁ ଏହାକୁ ପ୍ରସ୍ତୁତ କରିବାକୁ ହେବ ।

ଭାରତୀୟ ସଶସ୍ତ୍ର-ବାହିନୀରେ ଜରୁରିକାଳୀନ କମିଶନ ପାଇବା ପାଇଁ ଦେଶର ସମସ୍ତ ସ୍ଥାନରେ ଯୁବକମାନେ ଯେପରି ବହୁସଂଖ୍ୟାରେ ପହଞ୍ଚୁଛନ୍ତି, ସେଥିରୁ ବହିଃଶତ୍ରୁ ଆକ୍ରମଣର ପ୍ରତିରୋଧ କରିବା ନିମନ୍ତେ ଏ ଦେଶର ଯୁବକମାନେ ଯେ ଦୃଢ଼ପ୍ରତିଜ୍ଞ, ତାହା ନିର୍ଦ୍ଦିଷ୍ଟଭାବରେ ଜଣାଯାଇଛି ।

## —କର୍ମ-ତତ୍ପରତାର ମଧୁଚକ୍ର—



ବର୍ତ୍ତମାନ ସୈନ୍ୟ-ତାଲିମ-ଅନୁଷ୍ଠାନମାନ କର୍ମ-ତତ୍ପରତାର ମଧୁଚକ୍ର ହୋଇପଡ଼ିଛି, ଯେଉଁଠାରେ କି ଦିନରାତି ଅବିଶ୍ରାନ୍ତ କାର୍ଯ୍ୟ ଚାଲିଛି—ଯବାନମାନଙ୍କୁ ଦେଶରକ୍ଷା - ବ୍ରତରେ ଦୀକ୍ଷିତ କରିବା ପାଇଁ

ଉପରେ—ତାଲିମ ସମାପ୍ତରେ ନୂତନ ସୈନିକମାନେ ନିଜ ନିଜ ବାହିନୀର ପତାକା ଓ ଜାତୀୟ ପତାକାକୁ ଛୁଇଁ ନିଜ ନିଜ ଧର୍ମ-ବିଶ୍ୱାସ ଅନୁସାରେ ଶପଥ ନେଉଛନ୍ତି ଯେ ସେମାନେ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବେ



ସେନାବାହିନୀରେ ଯୋଗ ଦେଇଥିବା ନୂଆ ଶିକ୍ଷାର୍ଥୀମାନଙ୍କ ଶାରୀରିକ କସରତ



ସୈନିକ ତାଲିମ୍ ଶିବିରରେ
ନୂତନ ଶିକ୍ଷାର୍ଥୀମାନଙ୍କ ଦଉଡ଼ି-ଚଢ଼ା ଅଭ୍ୟାସ

ଦଉଡ଼ି ସାହାଯ୍ୟରେ ପୋଲ୍ ତିଆରି କରି ସେଥିରେ କପରି ନଈ ଅତିକ୍ରମ କରାଯାଏ,
ତାହା ଶିକ୍ଷାର୍ଥୀମାନେ ଅଭ୍ୟାସ କରୁଛନ୍ତି



( ୧୬ ପୃଷ୍ଠାର ଅବଶିଷ୍ଟାଂଶ )

ଓ ଯଦି କେହି ଚିଠି ପଠାଇବାକୁ ଇଚ୍ଛା କରେ ତ ସେତିକବେଳେ ବାହାରକୁ ପଠାଇପାରେ । ଏସବୁ ଚିଠିପତ୍ର ପଠାଇବା ବାବଦ ଖର୍ଚ୍ଚ ସରକାର ବହନ କରନ୍ତି ।

ପ୍ରତିଦିନ ସକାଳେ ପ୍ରତ୍ୟେକ ବନ୍ଦୀକୁ ଖାଣ୍ଟି ଦୁଗ୍ଧ ବଣ୍ଟନ କରାଯାଏ । ଅଟକବନ୍ଦୀମାନଙ୍କୁ ସକାଳ ୮ଟାରୁ ୯ଟା ମଧ୍ୟରେ ପରିବା ଓ ମାଂସ ଆଦି ବାଣ୍ଟି ଦିଆଯାଏ । ଶିବିରଟିରେ ପାଞ୍ଚଟି ସେକ୍ସନ ରହିଛି । ସେଠାରେ ସାର୍ବଜନୀନ ରୋଷେଇର ବ୍ୟବସ୍ଥା କରାଯାଇଥାଏ ଓ ଅଟକବନ୍ଦୀମାନେ ଏହିଠାରୁ ସେମାନଙ୍କ ଖାଦ୍ୟ ପାଆନ୍ତି ।

ପ୍ରତିଦିନ ରାତି ୯ଟାରେ ଶିବିର ବନ୍ଦ ହୁଏ । ଅବଶ୍ୟ କେହି ଅସୁସ୍ଥ ଥିଲେ ତୁରନ୍ତ ତାକୁ ସାହାଯ୍ୟ ମିଳିବାର ବ୍ୟବସ୍ଥା କରାଯାଏ ।

ଶିବିରର ବିଭିନ୍ନ ସ୍ଥାନରେ କ୍ରୀଡ଼ାରତ ଚୀନା ଶିଶୁମାନଙ୍କୁ ଦେଖିବାକୁ ମିଳେ । ସେମାନଙ୍କ ଶିକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଏ ଓ ସ୍ଲେଟ୍, ଖାତା, ବହି ପ୍ରଭୃତି ଯୋଗାଇଦିଆଯାଏ । ବୟସ୍କ ଅଟକବନ୍ଦୀମାନେ ନିଜେ ଶିକ୍ଷକଭାବରେ ପିଲାମାନଙ୍କୁ ଶିକ୍ଷା ଦିଅନ୍ତି ।

ବନ୍ଦୀମାନଙ୍କୁ ଧର୍ମ-ଉପଦେଶ ଦେବା ପାଇଁ ଶିବିର ମଧ୍ୟରେ ଗୋଟିଏ ଗୀର୍ଜା ଓ ଜଣେ ପାଦ୍ରୀ ମଧ୍ୟ ରହିଥାନ୍ତି । ମୁସଲମାନ ବନ୍ଦୀମାନଙ୍କ ପାଇଁ ସ୍ଥାନୀୟ ମସଜିଦ୍‌ରେ ନମାଜ ପଢ଼ିବାର ସୁବିଧା କରି ଦିଆଯାଏ । ବୌଦ୍ଧ-ଧର୍ମାବଲମ୍ବୀ ବନ୍ଦୀମାନଙ୍କୁ ନିଜ ମଠରେ ଉପାସନା କରିବା ପାଇଁ ସୁବିଧା ଦିଆଯାଏ ।

## ବିରୋଧ ଭାଷା

ଶିବିରର ଅଟକବନ୍ଦୀମାନଙ୍କ ମଧ୍ୟରେ କେତେକ ତ ଚୀନ୍ ଫେରିଯିବାକୁ ସ୍ୱୀକୃତ ନ ଥିଲେ । ଦେଓଲି ଶିବିର ଉଠାଇ ଦିଆଯିବା ପୂର୍ବରୁ ଅନେକ ଅଟକବନ୍ଦୀଙ୍କୁ ମାଡ୍ରାଜ ବନ୍ଦରବାଟେ ଚୀନ୍‌କୁ ପଠାଇ ଦିଆଯାଇଥିଲା । ଶିବିର ଛାଡ଼ିଥିବା ଲୋକେ ଅବଶିଷ୍ଟ ଅଟକବନ୍ଦୀଙ୍କ ନିକଟକୁ ଯେଉଁସବୁ ଚିଠିପତ୍ର ଲେଖିଥିଲେ, ସେଥିରୁ କେତେକ ଜଣେ ସମ୍ବାଦଦାତା ଦେଖିବାର ସୁଯୋଗ ପାଇଥିଲେ । ଶିବିରରୁ ମାଡ୍ରାଜ ପର୍ଯ୍ୟନ୍ତ ଟ୍ରେନଯାତ୍ରା ସମୟରେ ସେମାନଙ୍କ ପ୍ରତି ଯେପରି ଭଦ୍ର ବ୍ୟବହାର ପ୍ରଦର୍ଶନ କରାଯାଇଥିଲା, ସେଥିରେ ସେମାନେ ମୁଗ୍ଧ ହୋଇଥିବା କଥା ଚିଠିରେ ଲେଖାଥିଲା । ଜଣେ ଲେଖିଥିଲେ, ଭାରତ ସରକାରଙ୍କ ତରଫରୁ ଆମକୁ ଯାହା ଯୋଗାଇ ଦିଆଯାଇଛି ତାହା ଆମ ପାଇଁ 'ଯଥେଷ୍ଟ' ।

'ଚୀନ୍‌ରେ ଲୁଣ ମଧ୍ୟ ମିଳୁ ନାହିଁ' ବୋଲି ଅଭିଯୋଗ କରି ଜଣେ ଚୀନା ବନ୍ଦୀ ସ୍ୱଦେଶକୁ ଫେରିଯିବା ପାଇଁ ଅନିଚ୍ଛା ପ୍ରକାଶ କରି କହିଥିଲେ—"ଯେଉଁ ଦେଶରେ ଜୀବନଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ଜିନିଷପତ୍ରର ଏତେ ଅଭାବ, ଆମେ ସେ ଦେଶକୁ ଯିବୁ କାହିଁକି ?"

× × ×

ଏହି ହେଉଛି ଚୀନା ପ୍ରଚାର ଓ ଅପପ୍ରଚାରର ନମୁନା ।

● ●

# ଘଟଣାପଞ୍ଜୀ—ମଇ, ୧୯୬୩

## ଅନ୍ତର୍ଜାତିକ

୧।୫।୬୩—କୋଟାବାରୁ ସହରରେ ଋଷ ଜାତିସଂଘର ମଧ୍ୟବର୍ତ୍ତୀକାଳୀନ ଶାସନର ଅବସାନ ହେଲା ବୋଲି ତାହାର ସଙ୍କେତ ସ୍ୱରୂପ ଋଷ-ନିର୍ମିତ ୬ଟି ବୋମା-ନିକ୍ଷେପକାରୀ ଜେଟ୍ ବିମାନ ଏହି ସହର ଉପରେ ପରିକ୍ରମା କରିଥିଲେ ।

ୟୁଗାଣ୍ଡା ଓ ଟାଙ୍ଗାନିକା ଉଭୟ ରାଜ୍ୟ ପ୍ରତିରକ୍ଷା ବିଗରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଗୋଟିଏ ଚୁକ୍ତିରେ ରାଜି ହୋଇଛନ୍ତି ଓ କେନିଆ ସ୍ୱାଧୀନତା ହାସଲ କଲା ପରେ ଏହି ଚୁକ୍ତିର ଅନ୍ତର୍ଭୁକ୍ତ ହେବ ।

୨।୫।୬୩—ନଅଟି ଦେଶର ପ୍ରତିନିଧିଙ୍କୁ ନେଇ ବିଶ୍ୱ ବ୍ୟାଙ୍କ୍ ୱାସିଂଟନ୍‌ଠାରେ ଗୋଟିଏ ବୈଠକ ଆହ୍ୱାନ କରିଛନ୍ତି । ଏହି ବୈଠକରେ ପାକିସ୍ଥାନର ଦ୍ୱିତୀୟ ଯୋଜନାକୁ କେଉଁ ପରିମାଣର ଅର୍ଥ-ସାହାଯ୍ୟ ଦିଆଯିବ, ତାହା ନିଷ୍ପତ୍ତି କରାଯିବ ।

୩।୫।୬୩—ଆମେରିକାର ବିଖ୍ୟାତ ବୈଜ୍ଞାନିକ ମି. ଜେନେରାଲ ପିଅଲ୍‌ଙ୍କୁ ବିଜ୍ଞାନକୁ ଜନପ୍ରିୟ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ହୋଇଥିବା ଆନ୍ତର୍ଜାତୀୟ "କଳିଙ୍ଗ ପୁରସ୍କାର" ପ୍ରଦାନ କରାଗଲା ।

ନାସେରଙ୍କୁ ସମର୍ଥନ କରୁଥିବା ୬ ଜଣ ମନ୍ତ୍ରୀ ସିରିଆ ମନ୍ତ୍ରିମଣ୍ଡଳରୁ ଅନ୍ତର ହେବା ପାଇଁ ଇସ୍ତଫା ପ୍ରଦାନ କଲେ ।

୩।୫।୬୩—ବିଜ୍ଞାନ - ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଅଧ୍ୟାପକ ହୁମାୟୁନ କବିର ଋଷ ଓ ଭାରତ ମଧ୍ୟରେ ଗୋଟିଏ ସାଂସ୍କୃତିକ ବିନିମୟ ଯୋଜନାରେ ସ୍ୱାକ୍ଷର କରିବା ପାଇଁ ମସ୍କୋରେ ପହଞ୍ଚିଲେ ।

୪।୫।୬୩—ସିରିଆର ପଦଚ୍ୟୁତ ରାଷ୍ଟ୍ରପତି ମି. ନାଜିମ୍-ଇଲ-କୁଦସିଙ୍କୁ ଏଲପୋଠାରେ ଗିରଫ କରାଯାଇଛି । ମାର୍ଚ୍ଚ ମାସରେ ଘଟିଥିବା ସାମରିକ ବିଦ୍ରୋହରେ ତାହାଙ୍କୁ ଅଫିସରୁ ବହିଷ୍କାର କରାଯାଇଥିଲା ।

୫।୫।୬୩—ଗତ ମାସରେ ଆତତାୟୀର ଗୁଳିରେ ଆହତ ହୋଇଥିବା ଆଲଜେରିଆର ବୈଦେଶିକ ମନ୍ତ୍ରୀ ମିଃ ମହମ୍ମଦ ଖେମିସ୍ତିଙ୍କର ହାସପାତାଳରେ ମୃତ୍ୟୁ ଘଟିଲା ।

୬।୫।୬୩—ୟୁରୋପ ପରିଷଦରେ ସ୍ୱିଜରଲଣ୍ଡ ସହଯୋଗ କଲା ।

୭।୫।୬୩—ଆମେରିକା ଓ ଋଷ ସରକାରଙ୍କ ମଧ୍ୟରେ ସିଧାସଳଖ ସଂଯୋଗ ଲାଇନ ସ୍ଥାପନ କରିବା ବାଟରେ ଯେ ଯେ ବୈଷୟିକ ଅସୁବିଧା ରହିଛି, ସେ ସଂପର୍କରେ ଆଲୋଚନା କରିବା ପାଇଁ ଜେନେଭାଠାରେ ଋଷ ଓ ଆମେରିକାର ବିଶେଷଜ୍ଞ-ମାନଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।

୮।୫।୬୩—ଡକ୍ଟର ଏଚ୍. ଜେ. ଭାବା ଭାରତୀୟ ପରମାଣୁଶକ୍ତି କମିଶନର ଚେୟାରମ୍ୟାନରୂପେ ନିର୍ବାଚିତ ହେଲେ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ବିଜ୍ଞାନ ଏକାଡେମୀ ଘୋଷଣା କଲେ ।

୯।୫।୬୩—ଭାରତ ଓ ଫ୍ରାନ୍ସ ମଧ୍ୟରେ ବାଣିଜ୍ୟର ଉତ୍ତରୋତ୍ତର ବୃଦ୍ଧି ପାଇଁ ଆବଶ୍ୟକୀୟ ପନ୍ଥା

# ଘଟଣାପଞ୍ଜୀ—ମଇ, ୧୯୬୩

## ଅନ୍ତର୍ଜାତିକ

୧।୫।୬୩—କୋଟାବାରୁ ସହରରେ ବିଶ୍ୱ ଜାତିସଂଘର ମଧ୍ୟବର୍ତ୍ତୀକାଳୀନ ଶାସନର ଅବସାନ ହେଲା ବୋଲି ତାହାର ସଙ୍କେତ ସ୍ୱରୂପ ଋଷ-ନିର୍ମିତ ୬ଟି ବୋମା-ନିକ୍ଷେପକାରୀ ଜେଟ୍ ବିମାନ ଏହି ସହର ଉପରେ ପରିକ୍ରମା କରିଥିଲେ ।

ୟୁଗାଣ୍ଡା ଓ ଟାଙ୍ଗାନିକା ଉଭୟ ରାଜ୍ୟ ପ୍ରତିରକ୍ଷା ବାଟରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଗୋଟିଏ ଚୁକ୍ତିରେ ରାଜି ହୋଇଛନ୍ତି ଓ କେନିଆ ସ୍ୱାଧୀନତା ହାସଲ କଲା ପରେ ଏହି ଚୁକ୍ତିର ଅନ୍ତର୍ଭୁକ୍ତ ହେବ ।

୨।୫।୬୩—ନଅଟି ଦେଶର ପ୍ରତିନିଧିଙ୍କୁ ନେଇ ବିଶ୍ୱ ବ୍ୟାଙ୍କ୍ ଓ୍ୱାସିଂଟନ୍‌ଠାରେ ଗୋଟିଏ ବୈଠକ ଆହ୍ୱାନ କରିଛନ୍ତି । ଏହି ବୈଠକରେ ପାକିସ୍ଥାନର ଦ୍ୱିତୀୟ ଯୋଜନାକୁ କେଉଁ ପରିମାଣର ଅର୍ଥ-ସାହାଯ୍ୟ ଦିଆଯିବ, ତାହା ନିଷ୍ପତ୍ତି କରାଯିବ ।

୩।୫।୬୩—ଆମେରିକାର ବିଖ୍ୟାତ ବୈଜ୍ଞାନିକ ମି. ଜେରେଲ୍ଡ ପିଅଲ୍‌କୁ ବିଜ୍ଞାନକୁ ଜନପ୍ରିୟ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ହୋଇଥିବା ଆନ୍ତର୍ଜାତୀୟ "କଳିଙ୍ଗ ପୁରସ୍କାର" ପ୍ରଦାନ କରାଗଲା ।

ନାସେରଙ୍କୁ ସମର୍ଥନ କରୁଥିବା ୬ ଜଣ ମନ୍ତ୍ରୀ ସିରିଆ ମନ୍ତ୍ରିମଣ୍ଡଳରୁ ଅନ୍ତର ହେବା ପାଇଁ ଇସ୍ତଫା ପ୍ରଦାନ କଲେ ।

୩।୫।୬୩—ବିଜ୍ଞାନ-ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଅଧ୍ୟାପକ ହୁମାୟୁନ କବିର ଋଷ ଓ ଭାରତ ମଧ୍ୟରେ ଗୋଟିଏ ସାଂସ୍କୃତିକ ବିନିମୟ ଯୋଜନାରେ ସ୍ୱାକ୍ଷର କରିବା ପାଇଁ ମସ୍କୋରେ ପହଞ୍ଚିଲେ ।

୪।୫।୬୩—ସିରିଆର ପୂର୍ବତନ ରାଷ୍ଟ୍ରପତି ମି. ନାଜିମ୍-ଇଲ୍-କୁଦସିଙ୍କୁ ଏଲେପୋଠାରେ ଗିରଫ କରାଯାଇଛି । ମାର୍ଚ୍ଚ ମାସରେ ଘଟିଥିବା ସାମରିକ ବିଦ୍ରୋହରେ ତାହାଙ୍କୁ ଅଫିସରୁ ବହିଷ୍କାର କରାଯାଇଥିଲା ।

୫।୫।୬୩—ଗତ ମାସରେ ଆତତାୟୀର ଗୁଳିରେ ଆହତ ହୋଇଥିବା ଆଲଜେରିଆର ବୈଦେଶିକ ମନ୍ତ୍ରୀ ମିଃ ମହମ୍ମଦ ଖେମିସ୍ତିଙ୍କର ହାସପାତାଳରେ ମୃତ୍ୟୁ ଘଟିଲା ।

୬।୫।୬୩—ୟୁରୋପ ପରିଷଦରେ ସ୍ୱିଜରଲଣ୍ଡ ସହଯୋଗ କଲା ।

୭।୫।୬୩—ଆମେରିକା ଓ ଋଷ ସରକାରଙ୍କ ମଧ୍ୟରେ ସିଧାସଳଖ ସଂଯୋଗ ଲାଇନ ସ୍ଥାପନ କରିବା ବାଟରେ ଯେ ଯେ ବୈଷୟିକ ଅସୁବିଧା ରହିଛି, ସେ ସଂପର୍କରେ ଆଲୋଚନା କରିବା ପାଇଁ ଜେନେଭାଠାରେ ଋଷ ଓ ଆମେରିକାର ବିଶେଷଜ୍ଞ-ମାନଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।

୮।୫।୬୩—ଡକ୍ଟର ଏଚ୍. ଜେ. ଭାବା ଭାରତୀୟ ପରମାଣୁଶକ୍ତି କମିଶନର ଚେୟାରମ୍ୟାନରୂପେ ନିର୍ବାଚିତ ହେଲେ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ବିଜ୍ଞାନ ଏକାଡେମୀ ଘୋଷଣା କଲେ ।

୯।୫।୬୩—ଭାରତ ଓ ଫ୍ରାନ୍ସ ମଧ୍ୟରେ ବାଣିଜ୍ୟର ଉତ୍ତରୋତ୍ତର ବୃଦ୍ଧି ପାଇଁ ଆବଶ୍ୟକୀୟ ପନ୍ଥା

ଉଦ୍ଘାଟନ କରିବା ନିମନ୍ତେ ଭାରତର ଆନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରୀ ମିଃ ମନୁଭାଇ ସାହା ପାରିସ୍‌ରେ ପହଞ୍ଚିଲେ ।

୧୦।୫।୬୩—ଭାରତର ବିଜ୍ଞାନ-ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଅଧ୍ୟାପକ ହୁମାୟୁନ କବିର ଦୁଇଦିନିଆ ଗସ୍ତରେ ଯାଇ ବର୍ଲିନରେ ପହଞ୍ଚିଲେ ।

୧୧।୫।୬୩—ସିରିଆର ବିପ୍ଳବୀ ପରିଷଦ ମିଃ ସାଲେହ ବିଟାରଙ୍କ ଇସ୍ତଫା ଗ୍ରହଣ କରି ଡକ୍ଟର ସାମୁଏଲ ଯୁଣ୍ଡିଙ୍କୁ ନୂତନ ମନ୍ତ୍ରିମଣ୍ଡଳ ଗଠନ କରିବା ନିମନ୍ତେ ଅନୁରୋଧ କରିଛନ୍ତି ।

ଇଣ୍ଡୋନେସିଆର କେତେକ ସହରରେ ଚୀନାମାନଙ୍କର ଦୋକାନଗୁଡ଼ିକୁ ସେଠାର ଯୁବକମାନେ ପୋଡ଼ିଜାଳି ଧ୍ୱଂସ କରି ଦେଇଥିଲେ ।

୧୨।୫।୬୩—ବର୍ମିଂହାମଠାରେ ଲାଗିଥିବା ଜାତିଗତ ଗଣ୍ଡଗୋଳର ସମୀପବର୍ତ୍ତୀ ଅଞ୍ଚଳକୁ ସୈନ୍ୟ-ଫୌଜ ପଠାଇବା ପାଇଁ ମିଃ କେନେଡ଼ି ଆଦେଶ ଦେଇଥିଲେ ।

୧୩।୫।୬୩—ଋଷ ଦେଶର ବୈଦେଶିକ ମନ୍ତ୍ରୀ ୫ ଜଣ ବ୍ରିଟିଶ୍ ଓ ୫ ଜଣ ଆମେରିକାର କୂଟନୀତିଜ୍ଞଙ୍କୁ ଗୁପ୍ତଚର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ସେମାନଙ୍କୁ ମସ୍କୋ ଛାଡ଼ି ଚାଲିଯିବା ପାଇଁ ଆଦେଶ ଦେଇଥିଲେ ।

୧୪।୫।୬୩—ଅର୍ଜେଣ୍ଟାଇନାର ବୈଦେଶିକ ମନ୍ତ୍ରୀ ଡକ୍ଟର ସି. ଏମ୍. ମୁନିଜ୍‌ଙ୍କ ଇସ୍ତଫା-ପତ୍ର ରାଷ୍ଟ୍ରପତି ଗାଇଡ଼ୋ ଗ୍ରହଣ କଲେ ।

୧୬।୫।୬୩—ଇଟାଲିର ପ୍ରଧାନମନ୍ତ୍ରୀ ମିଃ ଫାନଫାନି ଇସ୍ତଫା ଦେଲେ ।

ମହାକାଶ-ଯାତ୍ରୀ ଗୋର୍ଡନ କୁପର ପୃଥିବୀ କକ୍ଷରେ ୨୨ ଥର ପ୍ରଦକ୍ଷିଣ କରି ୬୦୦,୦୦୦ ମାଇଲ ଗତି କରିବା ପରେ ପ୍ରଶାନ୍ତ ମହାସାଗରରେ ନିରାପଦରେ ଅବତରଣ କଲେ ।

୧୭।୫।୬୩—ଡକ୍ଟର ରାଧାକୃଷ୍ଣନଙ୍କୁ ଡେଡ଼ହେସ୍ୱନ ବିଶ୍ୱବିଦ୍ୟାଳୟ ସାହିତ୍ୟରେ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ ।

ଥାଇଲାଣ୍ଡ ଓ ବର୍ମା ସରକାରଙ୍କ ମଧ୍ୟରେ ସୀମା ସମ୍ପର୍କରେ ଗୋଟିଏ ଚୁକ୍ତିନାମା ସ୍ୱାକ୍ଷରିତ ହେଲା ।

୧୮।୫।୬୩—ଚୀନ ଓ ଆଫ୍ରିକା ମହାଦେଶର ସୋମାଲିଆ ରାଜ୍ୟ ମଧ୍ୟରେ ବାଣିଜ୍ୟ ଓ ଦେଣନେଣ ସମ୍ପର୍କରେ ଗୋଟିଏ ଚୁକ୍ତିନାମା ପେକିଂଠାରେ ସ୍ୱାକ୍ଷରିତ ହେଲା ।

୧୯।୫।୬୨—ଇତିହାସପ୍ରସିଦ୍ଧ ଲଣ୍ଡନର ନାଗରିକ-ମାନେ ଡକ୍ଟର ରାଧାକୃଷ୍ଣନଙ୍କୁ ବିପୁଳ ଅଭ୍ୟର୍ଥନା ଜଣାଇଥିଲେ ।

୨୦।୫।୬୩—ଇଣ୍ଡୋନେସିଆର ବୈଦେଶିକ ମନ୍ତ୍ରୀ ଡକ୍ଟର ସୁବାନ୍ଦ୍ରିଓ ସିଂହଳ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଭାରତ-ଚୀନ ସୀମା ସଂଘାତରେ ଖଣ୍ଡେ ଚିଠି ପଠାଇଥିଲେ ।

୨୧।୫।୬୩—ଋଷରେ ଜନ୍ମଲାଭ କରିଥିବା ସେନେଟର ମିଃ ସାଲମ୍ୟାନ ସାହାସାର ଇସ୍ରାଏଲର ନୂତନ ସଭାପତିରୂପେ ନିର୍ବାଚିତ ହୋଇଛନ୍ତି ।

୨୩।୫।୬୩—ଆମେରିକାରେ ୧,୦୦୦ ନିଗ୍ରୋ ଛାତ୍ର ବିକ୍ଷୋଭ ପ୍ରଦର୍ଶନରେ ଯୋଗଦେଇଥିବା ହେତୁ ସେମାନଙ୍କୁ ସ୍କୁଲରୁ ବହିଷ୍କୃତ କରାଯାଇଛି ।

୨୬।୫।୬୩—ଭାରତର ଆନ୍ତର୍ଜାତୀୟ ବାଣିଜ୍ୟ-ମନ୍ତ୍ରୀ ଶ୍ରୀ ମନୁଭାଇ ସାହା ବ୍ରୁସେଲସ୍‌ରେ ପହଞ୍ଚିଥିଲେ ।

ଲୁଧିଆନାସ୍ଥ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ବିକାଶସାଧନ ଲାଗି ୩,୨୦,୦୦୦ ଡଲାରର

ଗ୍ରାଣ୍ଟ୍ ଦିଆଯାଇଛି ବୋଲି "ରକଫେଲର ଫାଉଣ୍ଡେସନ୍" ଘୋଷଣା କଲେ ।

୨୮।୫।୬୩—ପାକିସ୍ତାନ ଓ ଆଫଗାନିସ୍ଥାନ ମଧ୍ୟରେ କୂଟନୈତିକ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେଲା ।

୨୯।୫।୬୩—ସିଂହଳ ମନ୍ତ୍ରିମଣ୍ଡଳର ସଂଖ୍ୟା ୧୬କୁ ବୃଦ୍ଧି ପାଇଲା ।

୩୦।୫।୬୩—ମିଃ ଯାମୋକେନିୟାଟାଙ୍କ ନେତୃତ୍ୱରେ କେନିୟା ଓ ଆଫ୍ରିକାର ଜାତୀୟ ୟୁନିୟନ ଲୋକପ୍ରତିନିଧିମୂଳକ ଗୃହରେ ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି । ଏହି ୟୁନିୟନର ନେତା ମିଃ ଯାମୋକେନିୟାଟା ପ୍ରସ୍ତାବିତ ନୂତନ ମନ୍ତ୍ରିମଣ୍ଡଳରେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଦେଶର ନିରାପତ୍ତା ଦାୟିତ୍ୱ ଗ୍ରହଣ କରିବେ ।

## ଜାତୀୟ ଘଟଣାବଳୀ

୧।୫।୬୩—ଲୋକସଭାରେ କଂଗ୍ରେସ ସଭ୍ୟ ଶ୍ରୀ ଅରୁଣଚନ୍ଦ୍ର ଗୁହଙ୍କୁ ଏକ ବର୍ଷ ପାଇଁ ଏଷ୍ଟିମେଟ୍ କମିଟିର ଚେୟାରମ୍ୟାନ ସ୍ୱରୂପ ବାଚସ୍ପତି ନିଯୁକ୍ତ କରିଛନ୍ତି ।

୨।୫।୬୩—ଭାରତକୁ ପୃଥକ ପୃଥକ କରିବା ଦିଗରେ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଛି, ତାହାକୁ ନିର୍ମୂଳ କରିବା ନିମନ୍ତେ ଲୋକସଭାରେ ସର୍ବସମ୍ମତିକ୍ରମେ ଗୋଟିଏ ଅଫିସିଆଲ ବିଲ୍ ଗୃହୀତ ହୋଇଛି ।

୪।୫।୬୩—ଭାରତ ଓ ଯୁଗୋସ୍ଲାଭିଆ ମଧ୍ୟରେ ବାଣିଜ୍ୟର ଅଭିବୃଦ୍ଧି ନିମନ୍ତେ ଗୋଟିଏ ପାଞ୍ଚବର୍ଷିଆ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ୧୯୬୮ ମସିହା ଶେଷ ସୁଦ୍ଧା ବାଣିଜ୍ୟ ୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

୫।୫।୬୩—ଚୀନର ରେଡ଼ କ୍ରସ ଦଳ ୪୩୭ ଜଣ ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ଭାରତୀୟ ରେଡ଼ କ୍ରସ ପ୍ରତିନିଧିମାନଙ୍କ ହସ୍ତରେ ଅର୍ପଣ କଲେ ।

ବିଶ୍ୱ ଜାତିସଂଘର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ବୋର୍ଡ଼ ବୈଠକରେ ଯୋଗଦେବା ନିମନ୍ତେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପାରିସ୍ ଅଭିମୁଖେ ଯାତ୍ରା କଲେ ।

୬।୫।୬୩—ନେଫା ଅଞ୍ଚଳରୁ ଚୀନାମାନେ ଘୁଞ୍ଚି-ଚାଲିଯିବା ପରେ ସେଠାରେ ଭାରତୀୟମାନେ ନିଜ ଇଚ୍ଛା ମୁତାବକ ସୈନ୍ୟ ପରିଚାଳନା କରି ପାରିବେ ବୋଲି ଶ୍ରୀ ନେହରୁ ଲୋକସଭାରେ ପ୍ରକାଶ କରିଥିଲେ ।

୭।୫।୬୩—୧୯୬୫ ମସିହା ପରେ ଇଂରାଜୀ ଭାଷାକୁ ଚାଲୁ ରଖିବା ନିମନ୍ତେ '(ଅଫିସିଆଲ) ରାଜଭାଷା ବିଲ୍' ରାଜ୍ୟସଭାରେ ଗୃହୀତ ହେଲା ।

ପାଞ୍ଚ ବର୍ଷ ସକାଶେ କେନ୍ଦ୍ର ସରକାରଙ୍କ ସାହାଯ୍ୟରେ ରାଜ୍ୟମାନଙ୍କରେ ଅଧିକ ସଂଖ୍ୟକ ଟ୍ରେନିଂ କଲେଜ ଖୋଲିବା ନିମନ୍ତେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ବୋର୍ଡ଼ ସୁପାରିଶ କରିଛନ୍ତି ।

୮।୫।୬୩—ଦୁର୍ଗାପୁରଠାରେ ୧୫୦ ମେଗାୱାଟ୍ ଶକ୍ତି-ବିଶିଷ୍ଟ ଗୋଟିଏ ବିଦ୍ୟୁତ୍ ଷ୍ଟେସନ ସ୍ଥାପନ କରିବା ପାଇଁ ପଶ୍ଚିମବଙ୍ଗ ସରକାର ଯେଉଁ ପରିକଳ୍ପନା ପ୍ରସ୍ତୁତ କରିଛନ୍ତି, ତାହାକୁ ଯୋଜନା କମିଶନ୍ ଅନୁମୋଦନ କଲେ ।

୯।୫।୬୩—ଜଣେ ଅଫିସର ସମେତ ୪୫୦ ଜଣ ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ଚୀନାମାନେ ଭାରତୀୟ ରେଡ଼ କ୍ରସ ପ୍ରତିନିଧିଙ୍କ ହସ୍ତରେ ଅର୍ପଣ କଲେ ।

୧୨।୫।୬୩—ଡକ୍ଟର ଯୋହାନ ଷ୍ଟ୍ରାଉଙ୍କ ନେତୃତ୍ୱରେ ବ୍ରିଟିଶ ଶ୍ରମିକ-ଦଳର ତିନି ଜଣ ପାର୍ଲିଆମେଣ୍ଟ ସଭ୍ୟ ନୂଆଦିଲ୍ଲୀରେ ପହଞ୍ଚିଥିଲେ ।

ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସୃଷ୍ଟିକାରମାନଙ୍କ ସନ୍ତାନସନ୍ତତିଙ୍କ ସ୍କୁଲ ଦରମା ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ କେରଳ ସରକାର ଘୋଷଣା କରିଛନ୍ତି ।

୧୪।୫।୬୩—କାନପୁର ହାସପାତାଳରେ ନିଖିଳ ଭାରତ ଜନସଂଘର ୭୨ତମ ସଭାପତି ଡକ୍ଟର ରଘୁବୀରଙ୍କ ମୃତ୍ୟୁ ଘଟିଲା ।

ଜାତୀୟ ଶୃଙ୍ଖଳା ପରିକଳ୍ପନାର ଡିରେକ୍ଟର-ଜେନେରେଲ, ଜେନେରାଲ ଜେ. କେ. ଭୋନ୍‌ସଲେଙ୍କ ମୃତ୍ୟୁ ଘଟିଲା ।

୧୫।୫।୬୩—କାଶ୍ମୀର ସମସ୍ୟାକୁ ଆନ୍ତର୍ଜାତୀୟ ନିୟନ୍ତ୍ରଣାଧୀନରେ ରଖିବା ପାଇଁ ଶ୍ରୀ ଭୁଟ୍ଟୋ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ ମିଃ ସ୍ୱରଣ ସିଂହ ପ୍ରତ୍ୟାଖ୍ୟାନ କଲେ ।

୧୬।୫।୬୩—ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିକୁ ୩୭ ଲକ୍ଷ ଟଙ୍କା ମୂଲ୍ୟର ଯନ୍ତ୍ରପାତି ଯୋଗାଇଦେବା ନିମନ୍ତେ ରୁଷ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହାକୁ ପୂରଣ କରିବା ଲାଗି ଆଉ ଗୋଟିଏ ଚୁକ୍ତିନାମା ରୁଷ ଓ ଭାରତ ମଧ୍ୟରେ ସ୍ୱାକ୍ଷରିତ ହେଲା ।

୧୮।୫।୬୩—ଓଡ଼ିଶାର ସଙ୍କଟ ଖାଦ୍ୟାଭାବକୁ ଭୁଲାଇବା ସକାଶେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ତୁରନ୍ତ ୨୦,୦୦୦ ଟନ୍ ଚାଉଳ ଯୋଗାଇଦେବା ନିମନ୍ତେ ରାଜି ହେଲେ ।

୧୯।୫।୬୩—ନୂଆ ଦିଲ୍ଲୀରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ଅନୁସାରେ ଆନ୍ଧ୍ର ପ୍ରଦେଶର ଗୋଟିଏ ଥର୍ମାଲପାୱାର ଷ୍ଟେସନର ସଂପ୍ରସାରଣ ପାଇଁ ଓ ତାହାରେ ଜାଳେଣି କୋଇଲା ଯୋଗାଣ ପରିମାଣକୁ ବୃଦ୍ଧି କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ୧୩.୮ କୋଟି ଟଙ୍କା ଦେବେ ।

୨୩।୫।୬୩—ଭାରତର ତୃତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଦୁଇ ବର୍ଷ ପାଇଁ ଅତିରିକ୍ତ ୬.୧୪ କୋଟି ଟଙ୍କା ଋଣ ଦେବ ବୋଲି ଜାପାନ ଗୋଟିଏ ଚୁକ୍ତିନାମାରେ ସ୍ୱାକ୍ଷର କଲା ।

୨୪।୫।୬୩—କେନ୍ଦ୍ର ନୌ-ବିଭାଗର ମନ୍ତ୍ରୀ ଶ୍ରୀ ରାଜବାହାଦୁର କଲ୍ୟାଣପୁର ନଗ୍ର ପୋତ ଉଦ୍‌ଘାଟନ କଲେ ।

୨୫।୫।୬୩—ମହାରାଷ୍ଟ୍ରର ଅମ୍ବୋଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଏମ୍. ଏସ୍. କାନ୍ନାମଣ୍ଡୱାର ପାର୍ବତ୍ୟ ରାସ୍ତା ପୋଲ ଉଦ୍‌ଘାଟନ କଲେ ।

୨୭।୫।୬୩—ରାଜକୋଟ ନିର୍ବାଚନ ମଣ୍ଡଳୀରୁ ସ୍ୱତନ୍ତ୍ର ଦଳର ନେତା ମିଃ ମିନୁ ମାସାନି ଲୋକସଭା ପାଇଁ ନିର୍ବାଚିତ ହେଲେ ।

୨୮।୫।୬୩—୧୯୬୧ ମସିହାରେ ପରିବାର-ନିୟନ୍ତ୍ରଣ କ୍ଷେତ୍ରରେ ମାନ୍ଦ୍ରାଜ ରାଜ୍ୟ ସର୍ବୋତ୍କୃଷ୍ଟ କାର୍ଯ୍ୟ ସମ୍ପାଦନ କରିଥିବା ହେତୁ ଜାତୀୟ ପୁରସ୍କାର ଲାଭ କଲା ।

୩୦।୫।୬୩—ଉତ୍ତର ପ୍ରଦେଶର ତଥ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ବନାରସୀ ଦାସ ରାଜ୍ୟପାଳଙ୍କ ନିକଟରେ ତାଙ୍କର ଇସ୍ତଫା-ପତ୍ର ଦାଖଲ କରିଥିଲେ ।

୩୧।୫।୬୩—ଜଳସେଚନ ଓ ବିଦ୍ୟୁତ୍ ମନ୍ତ୍ରାଳୟ ରାଜ୍ୟ ସରକାରମାନଙ୍କୁ ବନ୍ୟା-ନିୟନ୍ତ୍ରଣ ଓ ତାହାର ପ୍ରତିକାର ବ୍ୟବସ୍ଥାମାନ ହାତକୁ ନେବା ନିମନ୍ତେ ଅନୁରୋଧ କରିଥିଲେ ।

## ରାଜ୍ୟ ଘଟଣାବଳୀ

୧।୫।୬୩—ତାଳଦଣ୍ଡା କେନାଲ ସହ ଅଠରବାଙ୍କି ନାଳକୁ ସଂଯୁକ୍ତ କରିବା ପାଇଁ ୫ ମାଇଲ ଦୈର୍ଘ୍ୟବିଶିଷ୍ଟ ଗୋଟିଏ କେନାଲର କାର୍ଯ୍ୟ ଉଦ୍‌ଘାଟନ କରାଗଲା ।

୩।୫।୭୩—ବାଲିମେଲା ଅଞ୍ଚଳରୁ ପ୍ରସ୍ତର ଖୋଦିତ ହର, ପାର୍ବତୀ ଓ ଦୁର୍ଗା ମୂର୍ତ୍ତିମାନ ମିଳିଛି ।

୪।୫।୭୩—କେନ୍ଦ୍ରମନ୍ତ୍ରୀ ଶ୍ରୀ ଜି. ଏଲ୍. ନନ୍ଦା ଓଡ଼ିଶାର ସ୍ୱାସ୍ଥ୍ୟ ଓ ଶ୍ରମମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କୁ ଜେନେଭାଠାରେ ଅନୁଷ୍ଠିତ ହେଉଥିବା ଆନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନର ୪ର୍ଥ ଅଧିବେଶନରେ ଯୋଗ ଦେବା ପାଇଁ ଭାରତୀୟ ପ୍ରତିନିଧିଦଳର ନେତା ସ୍ୱରୂପ ମନୋନୀତ କଲେ ।

୫।୫।୭୩—କଟକ ଶିଳ୍ପତାଲିମ ଅନୁଷ୍ଠାନର ଛାତ୍ରମାନେ ଗ୍ରୀଷ୍ମଛୁଟି ଏବଂ ଅନ୍ୟାନ୍ୟ କେତେକ ସୁବିଧା ହାସଲ କରିବା ପାଇଁ ଧର୍ମଘଟ ଆରମ୍ଭ କରିଥିଲେ ।

୭।୫।୭୩—ରାଜ୍ୟର ଶାସନ ବିଭାଗରୁ ବିଚାର ବିଭାଗକୁ ପୃଥକ୍ କରିବା ପରିକଳ୍ପନାକୁ ପର୍ଯ୍ୟାଲୋଚନା କରିବା ସକାଶେ ଓଡ଼ିଶା ସରକାର ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ନିଯୁକ୍ତ କଲେ ।

୮।୫।୭୩—ଓଡ଼ିଶା ସରକାର ସୁନ୍ଦରଗଡ଼ ଜିଲ୍ଲାକୁ ଆଇନଗତ ବ୍ୟବସ୍ଥା ଦୃଷ୍ଟିରୁ ଭିନ୍ନ ସ୍ତରକୁ ନେଇଛନ୍ତି ।

୯।୫।୭୩—ଓଡ଼ିଶା ରାଜ୍ୟପାଳ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ଏ.ଏନ୍.ଖୋସଲା ବିଶ୍ୱବିଦ୍ୟାଳୟ ସିନେଟର ଏକ୍ସ-ଅଫିସିଓ ସଭ୍ୟ ଥିବା ଅଧ୍ୟାପକ ଓ ପ୍ରିନ୍ସିପାଲମାନେ ସିଣ୍ଡିକେଟ୍ ନିର୍ବାଚନରେ ଛିଡ଼ା ହୋଇପାରିବେ ବୋଲି ଗୋଟିଏ ଅର୍ଡ଼ିନାନ୍ସ ପ୍ରକାଶ କଲେ ।

୧୧।୫।୭୩—ଓଡ଼ିଶା ହାଇକୋର୍ଟ ଗ୍ରୀଷ୍ମ ଛୁଟି ହେତୁ ବନ୍ଦ ରହିଲା ।

୧୨।୫।୭୩—ରାଜ୍ୟ ସରକାର ବ୍ୟାପ୍‌ଟିଷ୍ଟ ମିସନ ଟେକ୍‌ନିକାଲ ହାଇସ୍କୁଲକୁ କଳକବ୍ଜା ଓ ସରଞ୍ଜାମ ଖରିଦ କରିବା ପାଇଁ ଓ ସ୍କୁଲ କୋଠା ନିର୍ମାଣ କରିବା ଲାଗି ଟ ୯୦,୦୦୦୯ ମଞ୍ଜୁର କଲେ ।

୧୩।୫।୭୩—ଶ୍ରୀ ଅରୁଣ କୁମାର ପଟ୍ଟନାୟକ ଆର୍ମି ପାଇଁ ଏମରଜେନ୍‌ସି କମିଶନ ରୂପେ ମନୋନୀତ ହେଲେ ।

୧୪।୫।୭୩—ସମ୍ବଲପୁର ଜିଲ୍ଲାରେ ପଞ୍ଚାୟତ ପୋଖରୀଗୁଡ଼ିକରୁ ମାଛଚାଷ ବାବଦରେ ଟ୭୩,୦୦୦୯ ଲାଭ ମିଳିଲା ।

୧୫।୫।୭୩—୩୪,୦୦୦ରୁ ଊର୍ଦ୍ଧ୍ୱ କାରଖାନା ଶ୍ରମିକ ଏମ୍ପ୍ଲୟିଜ୍ ଷ୍ଟେଟ ଇନସୁରେନ୍ସ ପରିକଳ୍ପନାର ଅନ୍ତର୍ଭୁକ୍ତ ହେଲେ ।

୧୬।୫।୭୩—ପରିବହନ କର୍ତ୍ତୃପକ୍ଷ କଟକ ଓ କୋଣାର୍କ ମଧ୍ୟରେ ଗୋଟିଏ ନୂଆ ବସ୍ ଚାଲୁ କରିଛନ୍ତି ।

୧୭।୫।୭୩—ଇସ୍ପାତ କାରଖାନା ପରିଦର୍ଶନାର୍ଥେ ଲୋକସଭାର ୧୫ ଜଣ ସଦସ୍ୟ ରାଉରକେଲାରେ ପହଞ୍ଚିଲେ ।

୧୮।୫।୭୩—କେନ୍ଦ୍ର ଆଇନ ଉପମନ୍ତ୍ରୀ ଶ୍ରୀ ବିଭୂଧେନ୍ଦ୍ର ମିଶ୍ର କଟକରେ ପହଞ୍ଚିଥିଲେ ।

୨୧।୫।୭୩—କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ୍. ଶ୍ରୀମାଳୀ ଭୁବନେଶ୍ୱରଠାରେ ଆଞ୍ଚଳିକ ଶିକ୍ଷା କଲେଜ ଉଦ୍‌ଘାଟନ କରିଥିଲେ ।

୨୩।୫।୭୩—ବାସୁଦେବପୁରଠାରେ ଗୋଟିଏ ନୂଆ କଲେଜ ସ୍ଥାପନ କରିବା ନିମନ୍ତେ ସରକାର ମଞ୍ଜୁର କଲେ ।

୨୪।୫।୭୩—ଓଡ଼ିଶାର ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ ବାରବାଟୀଠାରେ ବୃନ୍ଦାବନୀ-ବାହ୍ମାର

ସାଲ୍ୟୁଟ୍ ଗ୍ରହଣ କରିଥିଲେ ଏବଂ ଗତ ଜନସଙ୍ଘ ଦଳର ପରେରନ୍ତ୍ ଉପଲକ୍ଷେ ଗୋଟିଏ ସିଲ୍ଡ ପ୍ରଦାନ କରିଥିଲେ ।

୨୭।୫।୭୩—ଓଡ଼ିଶା ସରକାର ସରକାରୀ କର୍ମଚାରୀଙ୍କ ଅବସର ଗ୍ରହଣର ବୟସ ୫୫ରୁ ୫୮ ବର୍ଷ ବୟସକୁ ବଢ଼ାଇ ଦେଇଛନ୍ତି ।

ସମ୍ବଲପୁରର ନବନିର୍ମିତ ରେଡ଼ିଓ ଷ୍ଟେସନରୁ କଟକ ବେତାର କାର୍ଯ୍ୟକ୍ରମ ପ୍ରସାରିତ ହେଲା ।

୨୮।୫।୭୩—କ୍ଷୁଦ୍ର ଶିଳ୍ପ-ସଂସ୍ଥାଗୁଡ଼ିକୁ ବିଦ୍ୟୁତ୍ ଶୁଳ୍କ ହାରରେ ରିହାତି ଦେବା ପାଇଁ ରାଜ୍ୟ ବିଦ୍ୟୁତ୍ ବୋର୍ଡର ଗୋଟିଏ ସୁପାରିଶକୁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ।

୩୧।୫।୭୩—ପୁରୀ ମ୍ୟୁନିସିପାଲିଟି ପରିଷଦର କାଳ ସମୟକୁ ଓଡ଼ିଶା ସରକାର ଆଉ ୧ ବର୍ଷ ବଢ଼ାଇ ଦେଇଛନ୍ତି ।

## ସମବାୟ କୃଷି ସମିତିର ଅଗ୍ରଗତି

କେନ୍ଦ୍ର ଗ୍ରାମଗୋଷ୍ଠୀ ଉନ୍ନୟନ ଓ ସହଯୋଗ ମନ୍ତ୍ରଣାଳୟ ପ୍ରକାଶ କରିଛନ୍ତି ଯେ ପଥପ୍ରସ୍ତୁତକାରୀ ଓ ଅନ୍ୟାନ୍ୟ ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ଯଥାକ୍ରମେ ୯୫୫ ଓ ୮୭୨ଟି ସମବାୟ କୃଷି ସମିତି ଖୋଲିଛି ।

ପଥ-ପ୍ରସ୍ତୁତକାରୀ ଅଞ୍ଚଳରେ ଏହି ସମିତିଗୁଡ଼ିକ ଏକ ଲକ୍ଷ ମାଣରୁ ଅଧିକ ଜମି ସଂଗ୍ରହ କରିଛନ୍ତି ଓ ସେଗୁଡ଼ିକର ସଭ୍ୟସଂଖ୍ୟା ସତର ହଜାରରୁ ଅଧିକ । ଅନ୍ୟାନ୍ୟ ଅଞ୍ଚଳରେ କୃଷି ସମବାୟ ସମିତିଗୁଡ଼ିକର ସଭ୍ୟସଂଖ୍ୟା ହେଉଛି ଅଠର ହଜାର ଓ ୧'୧ ଲକ୍ଷ ମାଣ ଜମି ସଂଗୃହୀତ ହୋଇଛି ।

ପଥ-ପ୍ରସ୍ତୁତକାରୀ ଅଞ୍ଚଳରେ ସମୂହ କୃଷି ସମିତି ଅପେକ୍ଷା ମିଳିତ କୃଷି ପାଇଁ ଅଧିକ ଆଦର ରହିଛି । ସେ ଅଞ୍ଚଳରେ ୯୫୫ଟି ସମିତି ମଧ୍ୟରୁ ୮୭୨ଟି ହେଉଛି ମିଳିତ କୃଷି ଓ ଅନ୍ୟାନ୍ୟ ଅଞ୍ଚଳରେ ୮୭୨ଟି ସମିତି ହେଉଛି ସମୂହ କୃଷି ସମିତି ।

ପଥ-ପ୍ରସ୍ତୁତକାରୀ ଅଞ୍ଚଳରେ କୃଷି ସମିତି ଗଠନ କ୍ଷେତ୍ରରେ ଉତ୍ତରପ୍ରଦେଶ ୭୮୪ ପଥ-ପ୍ରସ୍ତୁତ ସମିତି ଗଢ଼ି ପ୍ରଥମ ସ୍ଥାନ ଅଧିକାର କରିଛି । ସେହି ସମିତିଗୁଡ଼ିକର ଜମି ପରିମାଣ ହେଲା ୨୬,୦୦୦ ମାଣ ଓ ସଭ୍ୟସଂଖ୍ୟା ହେଉଛି ପ୍ରାୟ ୫୦୦୦ । ଏଥିରୁ ସୂଚନା ମିଳେ ଯେ ମୁଣ୍ଡପିଛା ୫ ମାଣରୁ ସାମାନ୍ୟ ଅଧିକ ଜମି ଥିବା ଚାଷୀମାନେ ଏହି ସମିତିରେ ଯୋଗ ଦେଇଛନ୍ତି ।

ଉତ୍ତରପ୍ରଦେଶ ପରେ ମହାରାଷ୍ଟ୍ର ଓ ତା ପଛକୁ ମଣିପୁର ଯଥାକ୍ରମେ ୧୩୭ ଓ ୧୦୪ ସମିତି ଗଠନ କରିଛନ୍ତି ।

ଓଡ଼ିଶାରେ ୩୧ଟି ପଥ-ପ୍ରସ୍ତୁତକାରୀ ସମିତି ଗଠିତ ହୋଇଛି ।

ପଞ୍ଜାବରେ ୨୯, ମଧ୍ୟପ୍ରଦେଶରେ ୭୨ଟି, ମାନ୍ଦ୍ରାଜରେ ୪୭ଟି, ରାଜସ୍ଥାନରେ ୪୪ଟି, କେରଳରେ ୩୩ଟି, ଗୁଜରାଟରେ ୨୪ଟି, ବିହାରରେ ୨୭ଟି, ପଶ୍ଚିମବଙ୍ଗରେ ୧୯ଟି, ଆନ୍ଧ୍ରପ୍ରଦେଶରେ ୧୬ଟି, ଆସାମରେ ୮ଟି ଏବଂ ଜାମ୍ମୁ ଓ କାଶ୍ମୀରରେ ୧୦ଟି ପଥପ୍ରସ୍ତୁତକାରୀ ସମିତି ଗଠିତ ହୋଇଛି ।

କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ, ହିମାଚଳ ପ୍ରଦେଶ, ପଣ୍ଡିଚେରୀ ଓ ତ୍ରିପୁରାରେ ୨୨ଟି କୃଷି ସମବାୟ ସମିତି ଗଠିତ ହୋଇଛି ।

## କଳା, କଳାକାର ଓ କଳାପ୍ରେମୀ

### ଜନତା ରଙ୍ଗମଞ୍ଚରେ
### 'ଶ୍ରୀକୃଷ୍ଣ ବାଲ୍ୟଲୀଳା' ନୃତ୍ୟନାଟିକା

କଟକସ୍ଥ ଉତ୍କଳ ସଙ୍ଗୀତ-ସମାଜର କଳାକାରମାନେ ଗତ ୨୫ । ୬ । ୬୩ ତାରିଖରେ ଜନତା ରଙ୍ଗମଞ୍ଚରେ 'ଶ୍ରୀକୃଷ୍ଣ ବାଲ୍ୟଲୀଳା' ନୃତ୍ୟନାଟିକା ପରିବେଷଣ କରିଥିଲେ । ଓଡ଼ିଶାର ସାଂସ୍କୃତିକ-ବ୍ୟାପାର ବିଭାଗୀୟ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ ଏହି ଅଭିନୟ ଉଦ୍‌ଘାଟନ କରି କଳାକାରମାନଙ୍କୁ ଆପ୍ୟାୟିତ କରିଥିଲେ

କୃଷ୍ଣର ଗମନ ଶୁଣି ଲୁନଲୁନ ହୋଇ ସକଳ ଗୋପାଙ୍ଗନା
ଗୁରୁଜନଙ୍କର ବାରି ନ ପାରନ୍ତି ଆରତେ ସଫର-ନୟନା
ଡାକନ୍ତି—ଆହେ ବାରିଧରବରନା
ବିନା ଦୋଷେ ଏସନେ ନାଶ କରି ଯାଅ ନୋହୁ ଗୋପୀକୁଳ ମୂଢ଼ନା ।

( ୬ ଭକ୍ତଚରଣ )



ଉପରେ—ମଥୁରାପୁରକୁ ଯିବା ପୂର୍ବରୁ ଶ୍ରୀକୃଷ୍ଣ ଗୋପୀମାନଙ୍କଠାରୁ ବିଦାୟ ନେଉଥିବାବେଳର ଦୃଶ୍ୟ



ଜନତା ରଙ୍ଗମଞ୍ଚରେ ଯେଉଁ କଳାକାରମାନେ 'ଶ୍ରୀକୃଷ୍ଣ ବାଲ୍ୟଲୀଳା' ନୃତ୍ୟନାଟିକା
ପରିବେଷଣ କରିଥିଲେ, ସେମାନଙ୍କ ଗହଣରେ ଉଦ୍‌ଘାଟନ ଅବସର
ପ୍ରଧାନ-ଅତିଥି ଶ୍ରୀ ସନ୍ତୋଷକୁମାର ସାହୁ,
ଓଡ଼ିଶାର ସାଂସ୍କୃତିକ-ବ୍ୟାପାର ବିଭାଗର ଉପମନ୍ତ୍ରୀ

# ଆମ ରାଜ୍ୟ

## ଅନ୍ଧ, ବଧିର, ମୂକ ତଥା ବିକଳାଙ୍ଗ ଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ

୧୯୭୩-୭୪ ମସିହା ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର ଅନ୍ଧ, ବଧିର ଓ ମୂକ ଏବଂ ରୋଗଜନିତ ବିକଳାଙ୍ଗ ହୋଇଥିବା ଛାତ୍ରମାନଙ୍କୁ ଭାରତ ସରକାରଙ୍କ ଦ୍ୱାରା କେତେକ ବୃତ୍ତି ପ୍ରଦାନ କରାଯିବ । ଏହି ଛାତ୍ରମାନଙ୍କୁ ଶିକ୍ଷାଗତ ଓ ବୈଷୟିକ ବ୍ୟବସାୟ ତଥା ଧନ୍ଦା-ସଂକ୍ରାନ୍ତ ପାଠ୍ୟକ୍ରମରେ ଅଧ୍ୟୟନ କରିବା ସକାଶେ ଏହି ବୃତ୍ତି ପ୍ରଦାନ କରାଯିବ । ଏହି ବୃତ୍ତି ପାଇବା ପାଇଁ ନିର୍ଦ୍ଧାରିତ ଫାରମରେ ଆବେଦନ କରିବାକୁ ହେବ । ଓଡ଼ିଶାର ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅଫିସକୁ ବ୍ୟକ୍ତିଗତଭାବେ ଯାଇ ଗୋଟିଏ ଲିଖିତ ଦରଖାସ୍ତ ଦାଖଲ କଲେ କିମ୍ବା ୧୦ନ. ପ. ମୂଲ୍ୟର ଟିକଟ ପଠାଇଲେ ଡାକ ଜରିଆରେ ଏହି ଫାରମ ମିଳିପାରିବ । ଦରଖାସ୍ତଗୁଡ଼ିକୁ ଯଥାଯଥଭାବେ ପୂରଣ କରି ୧୯୭୩ ମସିହା ଜୁଲାଇ ୩୦ ତାରିଖ ଶେଷ ସୁଦ୍ଧା କଟକ-୨ସ୍ଥ ଓଡ଼ିଶାର ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅଫିସରେ ଦାଖଲ କରାଯିବା ଆବଶ୍ୟକ । ଏହି ତାରିଖ ପରେ ଦାଖଲ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସିମତେ ବିଚାରକୁ ନିଆହେବ ନାହିଁ ।

## ଓଡ଼ିଶାର ବିଭିନ୍ନ ସମାଜକଲ୍ୟାଣ ସଂଗଠନ ତଥା ସମାଜକଲ୍ୟାଣ କାର୍ଯ୍ୟରେ ବ୍ରତୀ ଥିବା ବିଭିନ୍ନ ସଂସ୍ଥା ସମ୍ପର୍କରେ ବିବରଣୀ-ପଞ୍ଜିକା (ଡିରେକ୍ଟୋରୀ) ସଂକଳନ

ସମାଜକଲ୍ୟାଣ ସଂଗଠନ ତଥା ସମାଜକଲ୍ୟାଣ କାର୍ଯ୍ୟ ସହିତ ସଂପୃକ୍ତ ବିଭିନ୍ନ ସଂସ୍ଥା ଦେଶର ଅନ୍ୟତ୍ର ହିତକର କାର୍ଯ୍ୟରେ ବ୍ରତୀ ହୋଇଥିବାରୁ ସେଭଳି ସଂଗଠନମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସରକାରୀ ଗ୍ରାଣ୍ଟ ଓ ଅନ୍ୟାନ୍ୟ ସାହାଯ୍ୟ ଆଦି ସୁବିଧାରେ ଯେପରି ଦିଆଯାଇ ପାରିବ, ସେହି ଉଦ୍ଦେଶ୍ୟରେ ଗୋଟିଏ ଜାତୀୟ ବିବରଣୀ ପୁସ୍ତିକା (ନେସନ୍ୟାଲ ରେଜିଷ୍ଟର) ପ୍ରସ୍ତୁତ କରିବା ନିତାନ୍ତ ଆବଶ୍ୟକ ।

୨ । ଏଭଳି ଏକ ଜାତୀୟ ବିବରଣୀ ସଂକଳନ କରାଯିବା ପୂର୍ବରୁ ରାଜ୍ୟ ସ୍ତରରେ ଏ ଧରଣର ଗୋଟିଏ ବିବରଣୀ ପୁସ୍ତିକା ସଂକଳନ କରିବା ଏକାନ୍ତ ଆବଶ୍ୟକ । ଏ ଉଦ୍ଦେଶ୍ୟରେ ଏହା ସହିତ ସଂଲଗ୍ନ ଥିବା ଗୋଟିଏ ନିର୍ଦ୍ଦିଷ୍ଟ ଫର୍ମ ଜରିଆରେ ଏ ସମ୍ପର୍କରେ ସମସ୍ତ ବିବରଣୀ ସଂଗ୍ରହ ସକାଶେ ସ୍ଥିର କରାଯାଇଛି । ଏ ଧରଣର ଏକ ବିବରଣୀ ପୁସ୍ତିକା ସଂକଳନ କରାଯିବା ଫଳରେ ନିମ୍ନଲିଖିତ ସୁବିଧା ହେବ ।

(୧) ବିଭିନ୍ନ ସମାଜକଲ୍ୟାଣ ସଂଗଠନମାନଙ୍କର ଠିକଣା ଥିବା ବିବରଣୀ ପୁସ୍ତିକା ସଂକଳନ କରାଯିବା ଫଳରେ ଗ୍ରାଣ୍ଟ ଇତ୍ୟାଦିର ସଦ୍‌ବ୍ୟବହାର କରିବା ଦିଗରେ କୌଣସି ବିଶୃଙ୍ଖଳା ସୃଷ୍ଟି ହେବ ନାହିଁ ଏବଂ ସାହାଯ୍ୟ ଦିଆଯାଇଥିବା ଅର୍ଥକୁ ବିଭିନ୍ନ ଅନୁଷ୍ଠାନ ଭିତରେ ବଣ୍ଟନ କରିବାରେ ବିଶେଷ ସୁବିଧା ହେବ ।

(୨) ଏହି ବିବରଣୀ-ସମ୍ବଳିତ ପୁସ୍ତକରୁ ସ୍ୱେଚ୍ଛାସେବୀ ତଥା ସ୍ୱେଚ୍ଛାମୂଳକ ବିଭିନ୍ନ କଲ୍ୟାଣକର କାର୍ଯ୍ୟରେ କେତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୋଜିତ

ହୋଇଛନ୍ତି, ସେ ସଂକ୍ରାନ୍ତ ଆବଶ୍ୟକୀୟ ତଥ୍ୟ ମିଳି ପାରିବ ।

(୩) ଏ ଧରଣର ସଂସ୍ଥା ଜରିଆରେ ଏ ସଂସ୍ଥାମାନଙ୍କଦ୍ୱାରା କେତେ ପରିମାଣ ଅର୍ଥ ବ୍ୟୟ କରାଯାଇଥାଏ, ଜନସାଧାରଣ ସେ ସମ୍ବନ୍ଧୀୟ ତଥ୍ୟ ପାଇ ପାରିବେ ।

(୪) ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସକାଶେ ବିଭିନ୍ନ ଗ୍ରାମପଞ୍ଚାୟତ, ରାଜ୍ୟ ଓ କେନ୍ଦ୍ର ସରକାର, କେନ୍ଦ୍ର ସମାଜକଲ୍ୟାଣ ବୋର୍ଡ଼ ଆଦି ଅନୁଷ୍ଠାନଙ୍କ ପକ୍ଷେ ସହଜ ହେବ ।

(୫) ଜରୁରୀକାଳୀନ ପରିସ୍ଥିତିରେ ଏହି ଅନୁଷ୍ଠାନମାନଙ୍କୁ ଏକତ୍ରିତ କରାଯିବା ସଙ୍ଗେ ସଙ୍ଗେ ସଂଗଠନଭାବରେ ସେମାନଙ୍କୁ ଜରୁରୀ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ।

(୬) ଉକ୍ତ ଡେରେକ୍ଟିଅର ସଂକଳନ କରିବା ଦିଗରେ ଏହା ସହାୟତା କରିବ ।

୩ । (କ) ସାମାଜିକ, ଆର୍ଥିକ, ଶାରୀରିକ କିମ୍ବା ମାନସିକ ଦିଗରୁ ଯେଉଁ ଦୁଃସ୍ଥ ବ୍ୟକ୍ତି ତଥା ଗୋଷ୍ଠୀ ସାମାଜିକ ସୁଖସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ ଅଥବା ସେସବୁର ପୂର୍ଣ୍ଣ ସୁଯୋଗ ଗ୍ରହଣ କରିବାରେ ଅସମର୍ଥ ଅଟନ୍ତି, ସେହି ଦୁଃସ୍ଥ ଲୋକମାନଙ୍କର ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଯେଉଁ ସମାଜକଲ୍ୟାଣ ସଂଗଠନଗୁଡ଼ିକ କାମ କରୁଛନ୍ତି, ଏହି ବିବରଣୀ ପୁସ୍ତିକାରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ । ସମାଜକଲ୍ୟାଣ ସଂଗଠନଦ୍ୱାରା ଶିଶୁମାନଙ୍କ ଭଳି ସମାଜର ଅକ୍ଷମ ଅଥବା ଅନ୍ୟ ଉପରେ ନିର୍ଭରଶୀଳ, ଅନ୍ଧ, ବଧିର ଅଥବା ବିକଳାଙ୍ଗମାନଙ୍କ ଭଳି ଅକ୍ଷମ ଶରୀର, ସମାଜ ଉପରେ ନିର୍ଭର କରୁଥିବା ଅନାଥ, ବିଧବା, ନିରାଶ୍ରୟ ବ୍ୟକ୍ତି, ଅର୍ଥନୈତିକ ସୁବିଧା-ସୁଯୋଗରୁ ବଞ୍ଚିତ, ଆବର୍ଜ୍ଜନାପୂର୍ଣ୍ଣ ଅଞ୍ଚଳରେ ବାସ କରୁଥିବା ଲୋକ ତଥା ପରମ୍ପରାଗତ ସାମାଜିକ କଟକଣା ଯୋଗୁଁ ଅସୁବିଧା ଭୋଗୁଥିବା ମହିଳାମାନେ ଉପକୃତ ହେଉଥିବା ଦରକାର ।

(ଖ) ଶିକ୍ଷା ତଥା ସ୍ୱାସ୍ଥ୍ୟ କ୍ଷେତ୍ରରେ କଲ୍ୟାଣକର କାର୍ଯ୍ୟରେ ଅଗ୍ରଣୀ ସଂସ୍ଥାଗୁଡ଼ିକ ସମାଜକଲ୍ୟାଣ ସଂସ୍ଥାରୂପେ ବିବେଚିତ ହେଉଥିବାରୁ ସେ ସମସ୍ତ ସଂସ୍ଥାକୁ ଉପରୋକ୍ତ ବିବରଣୀ ପୁସ୍ତିକାରେ ଅନ୍ତର୍ଭୁକ୍ତ କରାଯିବ । କିନ୍ତୁ ଯେଉଁସବୁ ଅନୁଷ୍ଠାନ ଶିକ୍ଷା ପ୍ରଦାନ କରୁଥିବେ ଅଥବା ଯେଉଁସବୁ ଅନୁଷ୍ଠାନରେ ଚିକିତ୍ସାଗତ ସୁବିଧା ମିଳିଥାଏ, ସେ ଧରଣର ଅନୁଷ୍ଠାନଗୁଡ଼ିକୁ ଏହି ପୁସ୍ତିକାରେ ଅନ୍ତର୍ଭୁକ୍ତ କରାଯିବ ନାହିଁ । ଅନ୍ୟ ପକ୍ଷରେ ଯେଉଁ ସଂସ୍ଥାଦ୍ୱାରା ଏ ଧରଣର ଅନୁଷ୍ଠାନ ସ୍ଥାପନ କରାଯାଇଛି ଏବଂ ସେସବୁ ସଂସ୍ଥା ଯଦି ଏପର୍ଯ୍ୟନ୍ତ ସମାଜକଲ୍ୟାଣ କାର୍ଯ୍ୟରେ ଲାଗିଥାନ୍ତି, ତାହାହେଲେ ସେପରି ସଂସ୍ଥାକୁ ଏହି ବିବରଣୀ ପୁସ୍ତିକାର ଅନ୍ତର୍ଭୁକ୍ତ କରାଯିବ ।

୪ । ତେଣୁ ଯେଉଁସବୁ ଅନୁଷ୍ଠାନ ତଥା ସଂସ୍ଥା ଉପରେ ଲେଖାଯାଇଥିବା କଲ୍ୟାଣକର ସେବା କାର୍ଯ୍ୟରେ ଲାଗିଥାନ୍ତି, ସେମାନେ ଏଥି ସହିତ ସଂଲଗ୍ନ ଫର୍ମରେ ସମସ୍ତ ବିବରଣୀ ଦେବା ପାଇଁ ସେମାନଙ୍କୁ ଅନୁରୋଧ କରାଯାଇଛି ।

ଏ ଉଦ୍ଦେଶ୍ୟରେ ଜାତୀୟ କିମ୍ବା ସର୍ବଭାରତୀୟ ସଂଗଠନମାନଙ୍କର ଯେଉଁସବୁ ଶାଖା ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କର ବିଷୟ ମଧ୍ୟ ବିଚାରକୁ ନିଆଯିବ ।

ଫର୍ମଗୁଡ଼ିକୁ ଯଥାଯଥଭାବେ ପୂରଣ କରି ଭୁବନେଶ୍ୱରସ୍ଥ ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ଇଭାଲ୍ୟୁଏସନ ଅଫିସରଙ୍କ ନିକଟକୁ ପଠାଯିବା ଦରକାର ।

# ସମାଜ-କଲ୍ୟାଣ ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକ ପାଇଁ ନିର୍ଦ୍ଧାରିତ ଫର୍ମ

୧। ଅନୁଷ୍ଠାନ/ସଂସ୍ଥାର ନାମ..........................................................

୨। ଠିକଣା..........................................................

୩। (କ) ସ୍ଥାପନ କରାଯିବା ତାରିଖ ..........................................................

(ଖ) ରେଜିଷ୍ଟ୍ରୀ କରାଯିବା ତାରିଖ... ..........................................................

୪। କାହା ସହିତ ସଂଶ୍ଳିଷ୍ଟ ଅଛି..........................................................

୫। ମୋଟ ସଭ୍ୟସଂଖ୍ୟା ..........................................................

୬। ଉଦ୍ଦେଶ୍ୟ ଓ ଲକ୍ଷ୍ୟ..........................................................

୭। କାର୍ଯ୍ୟକ୍ରମ ଓ ଅଗ୍ରଗତି..........................................................

୮। (କ) ୧୯୬୨ ଓ ୬୩ ମସିହା ମାର୍ଚ୍ଚ ମାସ

୩୧ ତାରିଖ ଶେଷ ସୁଦ୍ଧା ଆୟ ଟ................

(ଖ) ଆୟର ପନ୍ଥା..........................

| | | |
|---|---|---|
| (/) ଫିସ | * ହଁ | * ନାହିଁ |
| (//) ସଭ୍ୟପଦ ପାଇଁ ଚାନ୍ଦା | ହଁ | ନାହିଁ |
| (///) ଦାନ (ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ନିକଟରୁ) | ହଁ | ନାହିଁ |
| (।) ଅର୍ଥ ବିନିଯୋଗରୁ ଆୟ | ହଁ | ନାହିଁ |
| (।/) (କ) ବିକ୍ରି ଲବ୍ଧ ଆୟ | ହଁ | ନାହିଁ |
| (ଖ) ସେବାଲବ୍ଧ ଆୟ | ହଁ | ନାହିଁ |
| (।//) ଟ୍ରଷ୍ଟ ଓ ଏଣ୍ଡୋମେଣ୍ଟ | ହଁ | ନାହିଁ |
| (।///) ଗ୍ରାଣ୍ଟ | | |
| (କ) କେନ୍ଦ୍ର/ଭାରତ ସରକାର | ହଁ | ନାହିଁ |
| (ଖ) କେନ୍ଦ୍ର ସମାଜ-କଲ୍ୟାଣ ବୋର୍ଡ | ହଁ | ନାହିଁ |
| (ଗ) ରାଜ୍ୟ ସରକାର | ହଁ | ନାହିଁ |
| (ଘ) ସ୍ଥାନୀୟ କର୍ତ୍ତୃପକ୍ଷ (କର୍ପୋରେସନ, ଜିଲ୍ଲା ପରିଷଦ ପ୍ରଭୃତି) | ହଁ | ନାହିଁ |
| (ଙ) ଅନ୍ୟାନ୍ୟ | ହଁ | ନାହିଁ |
| (୨) ଆନ୍ତର୍ଜାତୀୟ ସାହାଯ୍ୟ | | |
| (କ) ଆର୍ଥିକ | ହଁ | ନାହିଁ |
| (ଖ) ଦ୍ରବ୍ୟାଦି | ହଁ | ନାହିଁ |
| (ଗ) ବୈଷୟିକ | ହଁ | ନାହିଁ |

( * ଯେଉଁଗୁଡ଼ିକ ପ୍ରଯୁଜ୍ୟ ନୁହେଁ, ଅନୁଗ୍ରହପୂର୍ବକ ସେଗୁଡ଼ିକୁ କାଟି ଦିଅନ୍ତୁ )

୯। (କ) ୧୯୮୨ ମସିହା ଓ ୧୯୮୩ ମସିହା ମାର୍ଚ୍ଚ ୩୧ ତାରିଖ ଶେଷ ସୁଦ୍ଧା ଖର୍ଚ୍ଚ ... ଟ..........

(ଖ) ଖର୍ଚ୍ଚ ବିବରଣ ... ଟ..........

(୲) ଏକକାଳୀନ ... ଟ..........

(୳) ପୌନଃପୁନିକ ... ଟ..........

(କ) ବେତନ ଓ ଭତ୍ତା ... ଟ..........

(ଖ) ଅପ୍ରତ୍ୟାଶିତ ଖର୍ଚ୍ଚ ... ଟ..........

(ଗ) ଅନ୍ୟାନ୍ୟ ଖର୍ଚ୍ଚ

( ଦୟାକରି ଉଲ୍ଲେଖ କରନ୍ତୁ )

୧୦। କର୍ମୀବୃନ୍ଦ :—

| | ବେତନପ୍ରାପ୍ତ କର୍ମୀବୃନ୍ଦଙ୍କ ସଂଖ୍ୟା | ଅବୈତନିକ କର୍ମୀବୃନ୍ଦଙ୍କ ସଂଖ୍ୟା |
|---|---|---|
| ପୂର୍ଣ୍ଣ-ସମୟ କାମ କରୁଥିବା କର୍ମୀବୃନ୍ଦ | — | — |
| ଆଂଶିକ ସମୟ ପାଇଁ କାମ କରୁଥିବା କର୍ମୀବୃନ୍ଦ | — | — |
| ୧୧। କାର୍ଯ୍ୟକାରୀ ହେଉଥିବା ଅଞ୍ଚଳ ଏବଂ ଶାଖାଗୁଡ଼ିକର ସଂଖ୍ୟା | — | — |
| ୧୨। ବର୍ଷରେ ଉପକୃତ ହୋଇଥିବା ଲୋକସଂଖ୍ୟା; ବିଭିନ୍ନ ସେବା ଅନୁଯାୟୀ କି ଧରଣର ସେବା | — | — |
| ଉପକୃତ ହୋଇଥିବା ଲୋକସଂଖ୍ୟା | — | — |

ବିଶେଷ ଦ୍ରଷ୍ଟବ୍ୟ :—ଦୟାପୂର୍ବକ ନିମ୍ନଲିଖିତ ବିବରଣୀ ପଠାନ୍ତୁ :

(୲) ଆଲୋଚ୍ୟ ବର୍ଷର ହିସାବ ବିବରଣୀ ସମେତ, ଯଦି ଥାଏ, ବାର୍ଷିକ ରିପୋର୍ଟ ଓ

(୳) ସଂଗଠନ/ସଂସ୍ଥାର ସମ୍ବିଧାନ ।

ଜଣେ ଲୋକ ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ରକାର ସାହାଯ୍ୟ ଲାଭ କରୁଥିବେ, ସେ ଯେତେ ଥର ଥର ସେହି ସାହାଯ୍ୟ ପାଉଥିଲେ ମଧ୍ୟ ଏବଂ ଯେତେ ଅଧିକ ସମୟ ତାହା ପାଉଥିଲେ ମଧ୍ୟ ତାହା ଜଣେ ଲୋକଙ୍କୁ ଦିଆଯାଉଛି ବୋଲି ଧରାଯିବ ।

● ●

ମୁଦ୍ରାକର—ପଣ୍ଡିତ ଅନନ୍ତପ୍ରସାଦ ପାଠକ, ସତ୍ୟଭାଷା ସମବାୟ ପ୍ରେସ, କଟକ-୧

## ନେପାଳରେ ଭାରତର ପ୍ରଧାନ ସେନାପତି
## ଜେନେରାଲ୍ ଚୌଧୁରୀ

କାଠମାଣ୍ଡୁ ଅନ୍ତର୍ଗତ 'ସୁନ୍ଦରୀ'ଠାରେ ନେପାଳ ରାଜକୀୟ ବାହିନୀର ତାଲିମ କାର୍ଯ୍ୟକୁ ଲକ୍ଷ୍ୟ କରୁଛନ୍ତି ଭାରତର ପ୍ରଧାନ ସେନାପତି ମେଜର ଜେ. ଏନ୍. ଚୌଧୁରୀ। ତାଙ୍କର ଡାହାଣରେ ଅଛନ୍ତି ସେନାବାହିନୀର ମୁଖ୍ୟ (ଚିଫ୍ ଅଫ୍ ଆର୍ମି ଷ୍ଟାଫ୍) ମେଜର ଜେନେରାଲ୍ ପି. ଏନ୍. କୃପାଳ—ଯେ କି ନେପାଳରେ ଭାରତର ସାମରିକ ତାଲିମ୍ ଉପଦେଷ୍ଟା ଦଳର ମୁଖ୍ୟ ଅଟନ୍ତି।



Licence No. C. R. N. P. 5. Licensed to post without prepayment



ଗତ ୨୮-୭-୬୩ ତାରିଖ ସକାଳେ ଭୁବନେଶ୍ୱର ସେକ୍ରେଟେରିଏଟସ୍ଥ ସମ୍ମିଳନୀ-କକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

ଚିତ୍ରରେ—ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି ।

କୋରାପୁଟ ଜିଲ୍ଲାର ମାଥିଲିଠାରେ ଦଣ୍ଡକାରଣ୍ୟ କର୍ତ୍ତୃପକ୍ଷଙ୍କଦ୍ୱାରା ୩୦ ଶଯ୍ୟାବିଶିଷ୍ଟ ଗୋଟିଏ ସସ୍ତା ହାସପାତାଳ ହୋଇଛି । ଶବ୍ଦର ଡାହାଣ ପଟେ ଘୁମ୍ପାଛିନ୍ନ ଜଙ୍ଗଲ ମଧ୍ୟରେ ହାସପାତାଳ କୋଠାଟି ଦେଖାଯାଉଛି । ବାମ ଦେଖାଯାଉଛି—ଉକ୍ତ ଯୋଜନାର ମୁଖ୍ୟ ଶାସକଙ୍କ ପତ୍ନୀ ଶ୍ରୀମତୀ ଏଲ୍. ଜେ. ଜନସନ ଆନୁଷ୍ଠାନିକଭାବେ ହାସ ଉନ୍ମୋଚନ କରୁଛନ୍ତି (୧୦-୭-୬୩) । ଶ୍ରୀମତୀ ଜନସନଙ୍କ ଡାହାଣପଟେ ଉକ୍ତ ଯୋଜନାର ସ୍ୱାସ୍ଥ୍ୟ ଡିରେକ୍ଟର ଶ୍ରୀ ପି.

